ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ନଈ ପହଁରା ସାଜିଲା ଜୀବନର ସାହାରା



ଶ୍ରୀମା ଶତପଥୀ




ଜନ୍ମରୁ ଗୋଟିଏ ଗୋଡ଼ ନାହିଁ । ସ୍ୱାଭାବିକ ସଂଖ୍ୟକ ହାତ ଓ ପାଦ ଆଙ୍ଗୁଠି ବି ନାହିଁ । ତଥାପି ତାଙ୍କ ମନୋବଳ ଆଗରେ ହାର ମାନିଛି ସବୁ ଅକ୍ଷମତା । ସକ୍ଷମ ହେବା ସହ ବିଭିନ୍ନ କ୍ଷେତ୍ରରେ ସିଦ୍ଧହସ୍ତା ମୋନାଲୀ ସ୍ୱାଇଁ ଅନେକଙ୍କ ପାଇଁ ଉଦାହରଣ ସାଜିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳର ନଳିନୀକାନ୍ତ ସ୍ୱାଇଁ ଓ ସସ୍ମିତା ସ୍ୱାଇଁଙ୍କ ଝିଅ ମୋନାଲୀ । ଜନ୍ମରୁ ଦିବ୍ୟାଙ୍ଗ ମୋନାଲୀଙ୍କ ଜନ୍ମ ପରେ ବାପା ମାଆ ବହୁ ଟାହି ଟାପରା ସହିଥିଲେ ସତ କିନ୍ତୁ ମାଆ ଏକା ଜିଦ କରିଥିଲେ ଝିଅ ମୋର ଆର୍ଟିଫିସିଆଲ ଗୋଡ଼ ଲଗାଇ ସବୁ ସାଧାରଣ ମଣିଷ ଭଳି ଜୀବନ ବଞ୍ଚିବ ଯାହା ଆଜି ମୋନାଲୀଙ୍କ ସଫଳତାର କାରଣ ପାଲଟି ଯାଇଛି । କିନ୍ତୁ ପାରା ସ୍ୱିମର ମୋନାଲୀଙ୍କ ଜୀବନର ଜାହାଜ ଏତେ ବି ସହଜରେ କୂଳରେ ଲାଗିନଥିଲା । ଏଥିପାଇଁ ତାଙ୍କୁ ଅନେକ ଘାତ ପ୍ରତିଘାତ ସହିବାକୁ ପଡ଼ିଛି । ଗ୍ରାଜୁଏସନ ପରେ ଆଇ ଟି ଆଇ ପାଠପଢ଼ା ସାରି ଦିନେ ଚାକିରୀ ଅନ୍ୱେଷଣରେ ଘରୁ ବାହାରି ଆସିଥିଲେ ସେ। ପ୍ରଥମେ ଏକ ଭୋକେସନାଲ ଟ୍ରେନିଂ ସେଣ୍ଟରରେ କାମ ଆରମ୍ଭ କରିଥିଲେ ସେ ଆଉ ତାପରେ ରାସ୍ତାକଡ଼େର ଠିଆ ହୋଇ କୁପନ ବାଣ୍ଟିବା ଭଳି କାମ କରି ପେଟ ପୋଷୁଥିଲେ । କିନ୍ତୁ ଜୀବନର ଯାତ୍ରାରେ କିଛି ଭିନ୍ନ ମୋଡ଼ର ଠିକଣା ତାଙ୍କୁ ଅପେକ୍ଷା କରିଥିଲା । ଦିନେ ପାରା ଆଥଲେଟ ସଂଘର ଏକ ବିଜ୍ଞପ୍ତି ଦେଖିଲେ ଯେଉଁଥିରେ ଦିବ୍ୟାଙ୍ଗ ମାନଙ୍କ ପହଁରା ତଥା ପାରା ସ୍ୱିମିଂ ବିଭାଗରେ କ୍ରୀଡ଼ାବିତଙ୍କ ପାଇଁ ସୁଯୋଗ ରହିଥିଲା । ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ହିଁ ଥିଲା ତାଙ୍କ ଜୀବନର ଦକ୍ଷିଣମୋଡ଼ । ସେବେଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି ମୋନାଲୀ। ଆଜି ଓଡ଼ିଶାର ପାରା ଆଥଲେଟ ଭାବରେ ବେଶ ପରିଚିତ ମୋନାଲୀ । ପ୍ରୋସ୍ଥେଟିକ୍ ତଥା ଆର୍ଟିଫିସିଆଲ ଗୋଡ଼େର ସେ ବିଭିନ୍ନ କ୍ରୀଡ଼ାରେ ଲାଭ କରିଛନ୍ତି କୃତିତ୍ୱ। ଗତ କିଛି ଦିନ ପୂର୍ବରୁ ମୈସୁରୁ ଠାରେ ଆୟୋଜିତ ହୋଇଥିବା ଏସିଆନ ଇନକ୍ଲୁସିଭ ସେଇଲିଂ ସିରିଜରେ ସେଇଲିଂ ବିଭାଗରେ ଓଡ଼ିଶା ପାଇଁ ଆଣିଛନ୍ତି ରୌପ୍ୟ ଓ ବ୍ରୋଞ୍ଜ ପଦକ । କେବଳ ସେଇଲିଂ ନୁହେଁ ମୋନାଲୀ ପାରା ସ୍ୱିମର ଭାବେ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି । ନୃତ୍ୟ ଓ ମଡେଲିଂ ସାଙ୍ଗକୁ ବହୁମୁଖୀ ପ୍ରତିଭାର ଅଧିକାରିଣୀ ସେ । ସେ କୁହନ୍ତି, 'ଗୋଡ଼ ନଥିବାର ଦୁଃଖ ନାହିଁ, ଗୋଡ଼ ନଥିବା କାରଣରୁ ଆଜି ମୁଁ ପାରା ଆଥଲେଟ ମୋନାଲୀ ଭାବେ ପରିଚିତ ହୋଇପାରିଛି । କିନ୍ତୁ, ଯଦି ଗୋଡ଼ ଥାଆନ୍ତା ହୁଏତ ସବୁ ସାଧାରଣ ଝିଅ ଭଳି ପାଠ ପଢ଼ି କୌଣସି ଚାକିରୀ କରୁଥାନ୍ତି ଏହି ପରିଚୟ ହୁଏତ ସୃଷ୍ଟି କରିପାରିନଥାନ୍ତି । ତାଛଡ଼ା ଲୋକଙ୍କର ଏତେ ଦୁଃଖ ଅଛି ଯେ ମୋତେ ମୋ ଗୋଟିଏ ଗୋଡ଼ ନଥିବା ଦୁଃଖ କଷ୍ଟ ଦେଉନାହିଁ ବରଂ ସେମାନଙ୍କ ପାଇଁ କିଛି କରିବାକୁ ପ୍ରେରଣା ଯୋଗାଉଛି। ତେବେ ଆଗକୁ ପାରା ଅଲିମ୍ପିକରେ ଭାଗନେବାକୁ ଏବେଠାରୁ ନିଜସ୍ୱ ପ୍ରଚେଷ୍ଟା ଆରମ୍ଭ କରିଦେଇଛନ୍ତି । ପାରା ଆଥଲେଟ ଭାବେ କେବଳ ଓଡ଼ିଶାରେ ନୁହେଁ ବରଂ ସାରା ବିଶ୍ୱରେ ଭାରତ ପାଇଁ ପରିଚିତ ହେବାକୁ ଲକ୍ଷ୍ୟ ରଖିଛନ୍ତି ସେ । ତେଣୁ, ବର୍ତ୍ତମାନ ସେ ସ୍ୱିମିଂ ଟ୍ରେନିଂ ମଧ୍ୟ ନେଉଛନ୍ତି । କିନ୍ତୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଯଦି ଭିତ୍ତିଭୂମି ଯୋଗାଇ ଦିଆଯାଏ ଏବଂ ନିଜସ୍ୱ ପ୍ରଚେଷ୍ଟା ଯଦି ସରକାରଙ୍କ ପ୍ରଚେଷ୍ଟାରେ ପରିବର୍ତ୍ତିତ ହୁଏ ଏବଂ ସହାୟତା ମିଳେ ତେବେ ଏ ଯାତ୍ରା ସୁଗମ ହେବ ଏବଂ ସେ ସହଜରେ ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ସକ୍ଷମ ହେବେ ବୋଲି ଆଶା ରଖିଛନ୍ତି ।

**ଲେଖିକା**
**ଭୁବନେଶ୍ୱର**
**ମୋ- ୬୩୭୨୨୪୭୩୦**

# ନକ୍ସଲ ହେବାକୁ ବାଧ୍ୟ କରୁଛନ୍ତି ସରକାର : ବିଭୂତି



ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ଏବଂ ଉଚ୍ଚ ନ୍ୟାୟାଳୟକୁ ମିଥ୍ୟା ପ୍ରମାଣପତ୍ର ଦେଇ ଓଡ଼ିଶା ବନ ସେବା ଚାକିରି ପାଉଛନ୍ତି। ଏପରିକି ସମ୍ପୃକ୍ତ ପ୍ରାର୍ଥୀ ଧରା ପଡିଯିବା ପରେ ନିଜେ ଚାକିରି କରିବେ ନାହିଁ ଏବଂ ତାଙ୍କ ପ୍ରାର୍ଥୀତ୍ୱକୁ ନାକଚ କରିବାକୁ ଦରଖାସ୍ତ ଦେଇଛନ୍ତି। ଅଭିଯୋଗ ସତ୍ତ୍ୱେ ଓପିଏସ୍ସି କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସରକାର ଓ ଓପିଏସସି ଉପରେ ବର୍ଷିଛନ୍ତି ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନର ଆବାହକ ବିଭୂତି ଭୂଷଣ ମହାପାତ୍ର। ସେହିପରି ବହୁ ଚର୍ଚ୍ଚିତ ପୋଲିସ ଏସଆଇ ପରୀକ୍ଷା ନେଇ ଆଶଙ୍କା ଲାଗି ରହିଥିବା ବେଳେ ପରୀକ୍ଷା କେବେ ହେବ ଏବଂ କିଏ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର ଓପିଏସସିରେ ଚାଲିଥିବା ବ୍ୟାପକ ଅନିୟମିତତା ଉଜାଗର କରିଛନ୍ତି। ଓଏଫ୍ଓଏସ୍ ପରୀକ୍ଷାର ଶାରିରୀକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରି ନ ଥିବା ପ୍ରଦୀପ କୁମାର ସ୍ୱାଇଁ ଏବଂ ପ୍ରିୟାଂଶୁ ବାରିକ ନାମକ ଦୁଇ ଜଣ ପ୍ରାର୍ଥୀ ପରୀକ୍ଷା ସମୟରେ ଅସୁସ୍ଥ ଥିବାରୁ ତାଙ୍କୁ ଆଉ ଏକ ସୁଯୋଗ ଦେବାକୁ ହାଇକୋର୍ଟରେ ଅପିଲ୍ କରିଥିଲେ। କ୍ୟାପିଟାଲ୍ ହସ୍ପିଟାଲ୍ର ପ୍ରେସକ୍ରିପସନ୍କୁ ପ୍ରମାଣ ଭାବେ ଦାଖଲ କରିଥିଲେ। ସେହି ପ୍ରମାଣ ଅନୁଯାୟୀ ତାଙ୍କ ଅପିଲ୍କୁ ହାଇକୋର୍ଟ ଗ୍ରହଣ କରିବା ସହ ଉଭୟଙ୍କ ପୁନଃ ଶାରୀରିକ ପରୀକ୍ଷା ପାଇଁ ଅନୁମତି ଦେବାକୁ ଏପିଏସ୍ସିକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୁନଃ ସେମାନଙ୍କ ଶାରୀରିକ ପରୀକ୍ଷା କରାଯାଇଥିଲା ଓ ଉଭୟେ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। ତନ୍ମଧ୍ୟରୁ ପ୍ରଦୀପ କୁମାର ସ୍ୱାଇଁ ନାମକ ପ୍ରାର୍ଥୀ ଚୁଡ଼ାନ୍ତ ମେଧା ତାଲିକାର ୧୨ ତମ ସ୍ଥାନରେ ରହି ନିଯୁକ୍ତି ପାଇଁ ଚୟନ ହୋଇଛନ୍ତି। ମାତ୍ର କ୍ୟାପିଟାଲ୍ ହସ୍ପିଟାଲ୍ ପ୍ରେସକ୍ରିପ୍ସନ୍ରେ ଡଞ୍ଚକତା କରାଯାଇଥିବା କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ଦର୍ଶାଇବା ପରେ ସମସ୍ତ ଘଟଣାର ପର୍ଦ୍ଦାଫାସ ହୋଇଛି। ଉଭୟ ପ୍ରାର୍ଥୀ ଅଗଷ୍ଟ ୧୮ ତାରିଖ ରାତି ୧୨ ଟା ୨୫ ରେ ଓପିଡି ଟିକେଟ୍ କରିଥିଲେ ମଧ୍ୟ ତାକୁ ପରବର୍ତ୍ତୀ ସମୟରେ ଏଡିଟିଂ କରି ପରୀକ୍ଷା ସମୟ ଅର୍ଥାତ୍ ଜୁଲାଇ ୧୬ ଓ ୧୭ ତାରିଖ କରା ଯାଇଥିବା ନିର୍ଦ୍ଦେଶକ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଆର୍ଟିଆଇ ମାଧ୍ୟମରେ ପାଇଥିବା ସୂଚନା ଦେଖାଇ ଶ୍ରୀ ମହାପାତ୍ର ଓପିଏସସିରେ ଚାଲୁଥିବା ଅନିୟମିତା ଉଜାଗର କରିଛନ୍ତି। ପୂର୍ବରୁ ଅନ୍ୟ ପରୀକ୍ଷାର୍ଥୀମାନେ ସମାନ ଅଭିଯୋଗ କରୁଥିଲେ ମଧ୍ୟ ଢଂଚଝଉ କର୍ଣ୍ଣପାତ କରୁନାହିଁ। ଏପରିକି ନିଯୁକ୍ତି ପାଇଥିବା ପ୍ରାର୍ଥୀ ଏସବୁ ଧରା ପଡ଼ିବା ପରେ ନଭେମ୍ବର ୨ ତାରିଖରେ ତାଙ୍କ ପ୍ରାର୍ଥୀତ୍ୱକୁ ମେଧା ତାଲିକାରୁ ବାଦ୍ ଦେବାପାଇଁ ଓପିଏସ୍ସିକୁ ଦରଖାସ୍ତ ଲେଖିଛନ୍ତି। ଏହା ସ୍ତ୍ୱେ ଓପିଏସସି କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। କାର୍ଯ୍ୟାନୁଷ୍ଠାନ ପାଇଁ ଏତେ ବିଳମ୍ବ କାହିଁକି ବୋଲି ପ୍ରଶ୍ନ କରିବା ସହିତ ଏହି ସମଗ୍ର ପ୍ରକରଣକୁ ଘୋଡାଇ ଦେବାକୁ ଉଦ୍ୟମ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ପୋଲିସ ଏସଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ଏହି ପରୀକ୍ଷା ପରିଚାଳନା କରିବାକୁ ସରକାର ସମ୍ପୂର୍ଣ୍ଣ ଭୁଲି ଯାଇଥିବା ସେ ଅଭିଯୋଗ କରିଛନ୍ତି। ଓପିଆରବି ବିଜ୍ଞପ୍ତି କରିଥିବା ଏହି ନିଯୁକ୍ତି ଘୋଟାଲାକୁ ସିବିଆଇ ଘାଣ୍ଟିବା ପରେ ପୋଲିସ ବା ସରକାର କେହି ମଧ୍ୟ ପରୀକ୍ଷା କରିବାକୁ ଉତ୍ତରଦାୟୀତ୍ୱ ନେଉ ନାହାନ୍ତି। ଫଳରେ ଦୀର୍ଘ ଦିନରୁ ଆଶାୟୀ ମାନେ ପରିଶ୍ରମ କରି ନିରାଶ ହେଉଛନ୍ତି। ସମସ୍ତ ପ୍ରକାର ବର୍ଦ୍ଧିଧାରୀଙ୍କ ପାଇଁ ସରକାର ଓୟୁଏସଏସଏସସି ଗଠନ କରିଥିବା ବେଳେ ଏହି ବର୍ଦ୍ଧିଧାରୀ ପରୀକ୍ଷା କିଏ କରିବ ବୋଲି ସମସ୍ତେ ସନ୍ଦିହାନ ଅଛନ୍ତି। ଏଣୁ ପରୀକ୍ଷା କେବେ ହେବ ଓ କିଏ ପରିଚାଳନା କରିବ, ସେନେଇ ସରକାର ସ୍ପଷ୍ଟୀକରଣ ଦେବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି।

# ଦଳ ଛାଡ଼ିବେ ନାହିଁ ଅସନ୍ତୁଷ୍ଟ କର୍ପୋରେଟର




ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ଦଳ ଛାଡ଼ିବେ ନାହିଁ କଟକ ମହାନଗର ନିଗମର ବିଜେଡି କର୍ପୋରେଟରମାନେ। ଶୁକ୍ରବାର ଦଳର ବରିଷ୍ଠ ନେତା ପ୍ରତାପ ଜେନାଙ୍କ ନେତୃତ୍ୱରେ କର୍ପୋରେଟରମାନଙ୍କୁ ନେଇ ଏକ ବୈଠକ ବସିଥିଲା। ଆଉ ବହୁ ବୁଝା ସୁଝା ପରେ ଅସନ୍ତୁଷ୍ଟ କର୍ପୋରେଟରମାନେ ଶେଷରେ ଦଳ ନଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ପରେ କଟକ ମହାନଗର ବିଜେଡିରେ ଦେଖାଦେଇଥିବା ବିଦ୍ରୋହକୁ ପ୍ରଶମିତ କରିବାଲାଗି ହୋଇଥିବା କସରତ କିଛି ମାତ୍ରାରେ ସଫଳ ହୋଇଛି।

ସୂଚନାଥାଉକି, ବିଜେଡିରୁ ପ୍ରଭାତ ବିଶ୍ୱାଳ ବହିଷ୍କୃତ ହେବା ଏବଂ ବିଧାୟକ ସୌଭିକ ବିଶ୍ୱାଳ ନିଲମ୍ବିତ ହେବାପରେ, ଅନେକ ବିଜେଡି କର୍ପୋରେଟର ନାରାଜ ହୋଇଥିଲେ। ଗତ ମଙ୍ଗଳବାର ପ୍ରଭାତ ବିଶ୍ୱାଳଙ୍କ ବାସଭବନରେ ଏକାଠି ହୋଇଥିଲେ ଅସନ୍ତୁଷ୍ଟ ନେତା ଏବଂ କର୍ପୋରେଟର। ସେଥି ମଧ୍ୟରୁ ଅନକେ ଦଳରୁ ଇସ୍ତଫା ଦେବାଲାଗି ମଧ୍ୟ ଚେତାବନୀ ଦେଇଥିଲେ। ତେବେ ଶୁକ୍ରବାର ଭେଟେରାନ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆଙ୍କ ବାସ ଭବନରେ ବସିଥିବା ବୈଠକରେ ଏହାର ସମାଧାନ ହୋଇଛି। ବୈଠକରେ ସାମିଲ ହୋଇଥିବା ୯ ଜଣ ବିଜେଡି କର୍ପୋରେଟର ଇସ୍ତଫା ନଦେବାଲାଗି ଏକ ମତ ହୋଇଛନ୍ତି।

# ରକ୍ତରେ ଭିଜିଲା ଶ୍ରୀକ୍ଷେତ୍ର : ଯୁବକଙ୍କୁ ନିର୍ମମ ହତ୍ୟା

ପୁରୀ, ୨୮/୦୩ (ଜେଏନ୍ଏସ୍) : ଅଶାନ୍ତ ପୁରୀ । ପୁଣି ଗଡ଼ିଲା ମୁଣ୍ଡ । ପୁରୀ ପେଣ୍ଟକଟା ଧୋବାଖାଲରେ ଗଡ଼ିଛି ମୁଣ୍ଡ । ଯେଉଁଠି ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଖବର ଅନୁଯାୟୀ, ପୁରୀରେ ପୁଣି ଥରେ ଗଡ଼ିଲା ମୁଣ୍ଡ। ପେଣ୍ଟକଟା ଧୋବାଖାଲରେ ଗଡ଼ିଲା ମୁଣ୍ଡ। ଯୁବକଙ୍କୁ ଅତି ନିର୍ମମ ଭାବେ କରାଯାଇଛି ହତ୍ୟା। ମୃତ ଯୁବକଙ୍କ ବଡ଼ଶଙ୍ଖ ଅଞ୍ଚଳରେ ବୋଲି ଜଣାପଡିଛି। ସେପଟେ ହତ୍ୟାକାଣ୍ଡ ସଂପର୍କ ଖବରପାଇ ସମୁଦ୍ର କୂଳ ଥାନା ପୋଲିସ ଓ ସିଟି ଡିଏସପିଙ୍କ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାସହ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ହସ୍ପିଟାଲକୁ ପଠାଇଛି ପୋଲିସ।

# ୩ ଆଇଏଏସ ଅଫିସରଙ୍କ ବଦଳି



ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ୩ଜଣ ଯୁବ ଆଇଏଏସଙ୍କୁ ନୂଆ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ପୁରୀ ମହାନଗର ନିଗମ ଘୋଷଣା ହେବାପରେ ପ୍ରଥମଥର ପାଇଁ ଜଣେ ମହିଳା ଆଇଏଏସଙ୍କୁ ଏହାର କମିଶନର ଭାବେ ଅବସ୍ଥାପିତ କରାଯାଇଛି । ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ୩ଜଣ ଯୁବ ଆଇଏଏସଙ୍କୁ ନୂଆ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ପୁରୀ ମହାନଗର ନିଗମ ଘୋଷଣା ହେବାପରେ ପ୍ରଥମଥର ପାଇଁ ଜଣେ ମହିଳା ଆଇଏଏସଙ୍କୁ ଏହାର କମିଶନର ଭାବେ ଅବସ୍ଥାପିତ କରାଯାଇଛି। ଏନେଇ ଆଜି ଓଡ଼ିଶା ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁନ୍ଦରଗଡ଼ର ବଣାଇ ଉପଜିଲ୍ଲାପାଳ ୨୦୨୨ ବ୍ୟାଚ ଆଇଏଏସ୍ ଅକ୍ଷୟ ପିଲ୍ଲେଙ୍କୁ ଜଗତସିଂହପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ଏହାସହିତ ଗତ ୧୨ତାରିଖରେ ହୋଇଥିବା ତାଙ୍କର ବଦଳିକୁ ବାତିଲ କରି ଦିଆଯାଇଛି। ତାଙ୍କର ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଥିଲା। ସେହିପରି ପଦମପୁର ଉପଜିଲ୍ଲାପାଳ ତଥା ୨୦୨୨ ବ୍ୟାଚ୍ ଆଇଏଏସ୍ ଅରୁଗୁଳା ସ୍ନେହାଙ୍କୁ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ସେ ପୁରୀ ମହାନଗର ନିଗମର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ପୂର୍ବରୁ ତାଙ୍କୁ ମୟୂରଭଞ୍ଜ ଜିଲ୍ଲା ପରଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ହୋଇଥିବା ବଦଳିକୁ ବାତିଲ କରାଯାଇଛି। ସେହିପରି ୨୦୨୩ ବ୍ୟାଚ୍ ଆଇଏଏସ୍ କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କୁ ବାରିପଦା ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ଧାରା-୧୪(୪) ଅନୁଯାୟୀ ରାଜ୍ୟ ସରକାର ତାଙ୍କୁ ମୟୂରଭଞ୍ଜ ଜିଲ୍ଲାର ସବଡିଭିଜିନାଲ ମାଜିଷ୍ଟ୍ରେଟ୍ (ବାରିପଦା) ଭାବେ ମଧ୍ୟ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀଜିଉଙ୍କ ଦର୍ଶନ କଲେ ସ୍ଥଳସେନା ମୁଖ୍ୟ

ପୁରୀ, ୨୮/୦୩ (ଜେଏନ୍ଏସ୍) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ଭାରତର ସ୍ଥଳ ସେନା ମୁଖ୍ୟ। ଭାରତୀୟ ସେନା କିଭଳି ଆହୁରି ଅଧିକ ଶକ୍ତିଶାଳୀ ହେବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ। ତିନିଦିନିଆ ଓଡିଶା ଗସ୍ତରେ ଆସିଥିବା ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ସକାଳୁ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି। ସପରିବାର ସହ ସେନା ମୁଖ୍ୟ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସପି ପ୍ରତୀକ ସିଂ ତାଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନ ସିଂହାସନରେ ଦର୍ଶନ କରିବା ପରେ ମା ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ।

# ୬ କୋଟି ଟଙ୍କାର ମାରିଜୁଆନା ଜବତ

ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ଭୁବନେଶ୍ୱରରୁ ପୁଣି ମାରିଜୁଆନା ଜବତ । ଭୁବନେଶ୍ୱର ଏୟାରପୋର୍ଟରୁ ୬ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି । ଏହାସହିତ ଦୁଇ ଜଣ ଅଭିଯୁକ୍ତଙ୍କୁ ଅଟକ ରଖିଛି ପୋଲିସ ଏବଂ କଷ୍ଟମ ବିଭାଗ । ଖବର ଅନୁଯାୟୀ, ଭୁବନେଶ୍ୱର ଏୟାରପୋର୍ଟରୁ ୬ କୋଟି ଟଙ୍କାର ମାରିଜୁଆନା ଜବତ କରିଛି ଡିଆରଆଇ। ବ୍ୟାଙ୍କକରୁ ଭୁବନେଶ୍ୱର ଚାଲାଣ ବେଳେ, ଦୁଇ ଅଭିଯୁକ୍ତଙ୍କ ଠାରୁ ମିଳିଛି ୬ କୋଟି ଟଙ୍କାର ମାରିଜୁଆନା ଓ ଦୁଇ ଅଭିଯୁକ୍ତ ଯୁବକ ତାମିଲନାଡୁର ବୋଲି ଜଣା ପଡିଛି ଓ ଦୁଇ ଜଣକୁ ଅଟକ ରଖି ପଚରାଉଚରା କରାଯାଉଛି। ସେମାନେ ବ୍ୟାଗରେ ଭର୍ତ୍ତି କରି ହାଇଡ୍ରୋଫୋନିକ ଉଇଡ୍ ଆଣିଥିଲେ ଓ ଯାହାର ଓଜନ ପ୍ରାୟ ୬ କିଲୋ ହେବ ଓ ଏହାର ବଜାର ମୂଲ୍ୟ ୬ କୋଟି ଟଙ୍କାରୁ ଅଧିକ ହେବ।

# ବିଜେଡିକୁ ଫେରିଲେ ରଘୁ ଓ ଜୀବନ



ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ବିଜେଡିକୁ ଫେରିଛନ୍ତି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି। ସେହିଭଳି ବିଜେପି ଛାଡ଼ି ପୁଣି ଥରେ ବିଜେଡିରେ ମିଶିଛନ୍ତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ। ଉଭୟ ବିଜେଡିର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ରେ ଆୟୋଜିତ ମିଶ୍ରଣ ପର୍ବରେ ଦଳରେ ଯୋଗ ଦେଇଥିଲେ। ବିଜେଡିକୁ ଫେରିଛନ୍ତି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି। ସେହିଭଳି ବିଜେପି ଛାଡ଼ି ପୁଣି ଥରେ ବିଜେଡିରେ ମିଶିଛନ୍ତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ। ଉଭୟ ବିଜେଡିର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ରେ ଆୟୋଜିତ ମିଶ୍ରଣ ପର୍ବରେ ଦଳରେ ଯୋଗ ଦେଇଥିଲେ। ସେଠାରେ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ ନେତାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ ବାଲେଶ୍ୱରର ଏହି ଦୁଇ ନେତା।

ରଘୁନାଥ ମହାନ୍ତି ବାଲେଶ୍ୱରର ବସ୍ତା ନିର୍ବାଚନ ମଣ୍ଡଳୀରୁ ଲଗାତାର ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୦ ଓ ୧୯୯୫ରେ ସେ ଜନତା ଦଳ ଟିକେଟ୍ରେ ବିଜୟୀ ହୋଇଥିବା ବେଳେ ୨୦୦୦, ୨୦୦୪ ଓ ୨୦୦୯ରେ ବିଜେଡି ଟିକେଟ୍ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ନବୀନଙ୍କ ମନ୍ତ୍ରିମଣ୍ଡଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଥିଲେ ରଘୁନାଥ। ଶେଷ ଥର ପାଇଁ ଆଇନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ସେ। ବୋହୂ ବର୍ଷା ସୋନୀ ଯୌତୁକ ମାମଲାରେ ଫସି ବିବାଦୀୟ ହୋଇପଡ଼ିଥିଲେ ରଘୁନାଥ ମହାନ୍ତି। ୨୦୧୪ରେ ବିଜେଡି ତାଙ୍କୁ ଟିକେଟ୍ ଦେଇ ନଥିଲା। ୨୦୧୯ ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ ଏବଂ ବସ୍ତା ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ତାଙ୍କର ରାଜନୀତିକ କ୍ୟାରିୟର ଏକ ପ୍ରକାର ସ୍ଥାଣୁ ହୋଇଯାଇଥିବା ବେଳେ ସେ ପୁଣି ବିଜେଡିକୁ ଫେରିଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ବିଜେପିରେ ମିଶିବା ପରେ କ୍ଷୁବ୍ଧ ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ କିଛି ଦିନ ତଳେ ଦଳରୁ ଇସ୍ତଫା ଦେଇଥିଲେ। ଆଜି ସେ ପୁଣି ବିଜେଡିରେ ମିଶିଛନ୍ତି।

ଜୀବନ ପ୍ରଦୀପ ଦାସ ପ୍ରଥମେ ବିଜେପିରେ ଥିଲେ। ୨୦୦୦ରେ ବିଜେପି ଟିକେଟ୍ ?ରେ ବାଲେଶ୍ୱର ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ବିଜେଡିରେ ସାମିଲ ହୋଇଥିଲେ। ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟ୍ରେ ବାଲେଶ୍ୱର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ଜୀବନ ପ୍ରଦୀପ ଦାସଙ୍କୁ ବିଜେଡି ପୁଣି ଏଠାରୁ ଟିକେଟ୍ ଦେଇଥିଲା। କିନ୍ତୁ ସେ ହାରି ଯାଇଥିଲେ। ବିଜେପିର ମଦନ ମୋହନ ଦତ୍ତ ଏଠାରୁ ବିଜୟୀ ହୋଇଥିଲେ। କିନ୍ତୁ ଶ୍ରୀ ଦତ୍ତଙ୍କ ମୃତ୍ୟୁ ପରେ ହୋଇଥିବା ଉପ-ନିର୍ବାଚନରେ ବିଜେଡି ଆଉ ଜୀବନ ପ୍ରଦୀପ ଦାସଙ୍କୁ ଟିକେଟ୍ ଦେଇ ନଥିଲା। ଦଳ ସ୍ୱରୂପ କୁମାର ଦାସଙ୍କୁ ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ। ଜୀବନଙ୍କୁ ଦଳ ପ୍ରାର୍ଥୀ କରି ନ ଥିବାରୁ ସେ ଦଳ ବିରୋଧୀ ଆଭିମୁଖ୍ୟ ଆପଣାଇ ବିଜେପି ପ୍ରାର୍ଥୀଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ବିଜେଡି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ୨୦୨୦ ନଭେମ୍ବର ମାସରେ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ହେବା ପର ଦିନ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ୨୦୨୧ ଜାନୁଆରୀ ମାସରେ ସେ ପୁଣି ବିଜେପିରେ ଯୋଗ ଦେଇଥିଲେ। ଆଉ ୫ ବର୍ଷ ପରେ ଚଳିତ ମାସ ୧୩ ତାରିଖରେ ବିଜେପିରୁ ଇସ୍ତଫା ଦେଇଛନ୍ତି।

# ୬ଦିନିଆ ଲିଙ୍ଗରାଜ ମହୋତ୍ସବ ଆରମ୍ଭ



ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ, ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଶିବାନନ୍ଦ ରାୟ, ରାଜେନ୍ଦ୍ର ସମର୍ଥା ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ବନ୍ଦନା ଗାନ ପରେ ପୁରୀର ନାଚଘର ପକ୍ଷରୁ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା।

ସେହିପରି ବଲାଙ୍ଗିର କୋଶଳ ଫ୍ଲେକ୍ ଡ୍ୟାନ୍ସ ଏକାଡେମୀ ଲୋକନୃତ୍ୟ, କଟକ ସିଙ୍ଗମ ଦ୍ୱାରା କ୍ରିଏଟିଭ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ମୁଖପାତ୍ର ଲିଙ୍ଗରାଜ ସାହୁ, ନାରାୟଣ ମହାପାତ୍ର, ହେମାଦ୍ରୀ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ, ଦୁର୍ଗା ପ୍ରସନ୍ନ ଖୁଣ୍ଟିଆ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ସବୁ ଦେଶଠାରୁ ଯୁଦ୍ଧ କ୍ଷତି ଆଦାୟ କରିବ ଇରାନ : ଭୋଗିବ ସାରା ବିଶ୍ୱ



ନୂଆଦିଲ୍ଲୀ, ୨୮।୩: ଟଳିନି ବିଶ୍ୱ ସଙ୍କଟ । ଯୁଦ୍ଧ ଦ୍ୱାରା ଏପର୍ଯ୍ୟନ୍ତ ହୋଇଥିବା କ୍ଷତି କେବଳ ଏକ ଝଲକ ଥିଲା। ପ୍ରକୃତ ସଙ୍କଟ ଏବେ ଆରମ୍ଭ ହୋଇଛି, କାରଣ ଇରାନ ପୂର୍ବରୁ ମାଗଣାରେ କରାଯାଉଥିବା କାମ ପାଇଁ କୋଟି କୋଟି ଟଙ୍କା ଆଦାୟ କରିବା ଆରମ୍ଭ କରିଛି। ଏହା ବିଶ୍ୱର ବିଭିନ୍ନ ଦେଶକୁ ପ୍ରଭାବିତ କରିବ, ଏବଂ ଭାରତ ମଧ୍ୟ ଏହି ନୂତନ ସଙ୍କଟରେ ପ୍ରଭାବିତ ହୋଇପାରେ ବୋଲି ଅସ୍ୱୀକାର କରାଯାଇ ପାରିବ ନାହିଁ। ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧ ସମୟରେ କ୍ଷେପଣାସ୍ତ୍ର ମାଡ଼ କରିବା ଅପେକ୍ଷା ହର୍ମୁଜ ପ୍ରଣାଳୀ ବନ୍ଦ କରି ଅଧିକ କ୍ଷତି କରିଥିଲା। ଏହି କାରଣରୁ ଭାରତ ଏବଂ ବିଶ୍ୱକୁ ବହୁତ କ୍ଷତି ପହଞ୍ଚାଇଥିଲା। ଏବେ ଖବର ହେଉଛି ଯେ ଯୁଦ୍ଧ ଶେଷ ହେବା ପରେ ଇରାନ ଏହି ରାସ୍ତାକୁ ପୁଣି ଖୋଲିବ, କିନ୍ତୁ ଏହା ଦେଇ ଯାଉଥିବା ଜାହାଜଗୁଡ଼ିକରୁ କୋଟି କୋଟି ଟଙ୍କା ଫି ଆଦାୟ କରିବା ଆରମ୍ଭ କରିଛି। ଇରାନ ଏକ ପ୍ରକାରେ ଏଠାରେ ଏକ ଟୋଲ ସିଷ୍ଟମ କାର୍ଯ୍ୟକାରୀ କରିଛି, କାରଣ ସେ ଏବେ ପ୍ରତ୍ୟେକ ବାଣିଜ୍ୟିକ ଜାହାଜରୁ ଫି ଆଦାୟ କରିବା ଆରମ୍ଭ କରିଛି।

ବିଶ୍ୱର ୨୦%ରୁ ଅଧିକ ତେଲ ଇରାନର ହର୍ମୁଜ ପ୍ରଣାଳୀ ଦେଇ ଗତି କରେ। ଭାରତ ଏହାର ଅଧାରୁ ଅଧିକ ତେଲ ଏବଂ ଗ୍ୟାସ ଏହି ରାସ୍ତା ଦେଇ କିଣେ। ଯଦି ଇରାନ ଆମକୁ ରିହାତି ନଦିଏ, ତେବେ ଆମ ପାଇଁ ତେଲ କିଣିବା ନିଶ୍ଚିତ ଭାବରେ ମହଙ୍ଗା ହୋଇଯିବ। ଏହି ବିଷୟ ସହିତ ପରିଚିତ ସୂତ୍ର କହୁଛନ୍ତି ଯେ ଇରାନ ବର୍ତ୍ତମାନ ପ୍ରତ୍ୟେକ ଜାହାଜ ପାଇଁ ୨ ନିୟୁତ ଡଲାର କିମ୍ବା ପ୍ରାୟ ୧୮ କୋଟି ଟଙ୍କା ଶୁଳ୍କ ଆଦାୟ କରିବା ଆରମ୍ଭ କରିଛି। କିଛି ଜାହାଜ ଏହି ପରିମାଣ ମଧ୍ୟ ଦେଇସାରିଛି, ଯାହା ହର୍ମୁଜ ପ୍ରଣାଳୀରେ ଏକ ଟୋଲ ପରି ପରିବେଶ ସୃଷ୍ଟି କରିଛି। ତଥାପି, ଇରାନ କେଉଁ ବ୍ୟବସ୍ଥା ଏବଂ ମୁଦ୍ରାରେ ଏହି ଦେୟ ସଂଗ୍ରହ କରୁଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ପଦକ୍ଷେପ ଯୁଦ୍ଧ ପରେ ଇରାନର ବର୍ଦ୍ଧିତ ଶକ୍ତିକୁ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରୁଛି। ଅନ୍ୟ ଶବ୍ଦରେ, ଇରାନ ହର୍ମୁଜ ପ୍ରଣାଳୀ ଉପରେ ନିଜର ପ୍ରଭାବ ପ୍ରଦର୍ଶନ କରି ଯୁଦ୍ଧ ସମୟରେ ହୋଇଥିବା କ୍ଷତିର କ୍ଷତିପୂରଣ ବିଶ୍ୱକୁ ଦେବାକୁ ସ୍ଥିର କରିଛି। ଏହି ମାର୍ଗ କେବଳ ତେଲ ଏବଂ ଗ୍ୟାସ ନୁହେଁ, ବରଂ ଖାଦ୍ୟ ଏବଂ ଧାତୁ ସମେତ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ବହୁ ପରିମାଣରେ ପରିବହନ କରେ। ସୂତ୍ର ଅନୁଯାୟୀ ଏହି ଟୋଲ ଦେୟ ବର୍ତ୍ତମାନ ହର୍ମୁଜ ପ୍ରଣାଳୀରେ ନୀରବରେ କରାଯାଉଛି, ଏବଂ କେହି ଖୋଲାଖୋଲି ଭାବରେ ସେଗୁଡ଼ିକ ବିଷୟରେ ଆଲୋଚନା କରୁନାହାଁନ୍ତି।

## ଗୁରୁଗ୍ରାମ ଶିଶୁ ଦୁଷ୍କର୍ମ ମାମଲାରେ ଏସ୍ଆଇଟି ଗଠନ କଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ, ୨୮।୩: ଗୁରୁଗ୍ରାମରେ ଘଟିଥିବା ଚାରି ବର୍ଷୀୟା ନାବାଳିକା ଦୁଷ୍କର୍ମ ମାମଲାରେ ହରିୟାଣା ପୁଲିସର ଲଜ୍ଜାଜନକ ଓ ସମ୍ବେଦନହୀନ ଆଭିମୁଖ୍ୟ ପାଇଁ ସୁପ୍ରିମ୍‌କୋର୍ଟ ବୁଧବାର ମହିଳା ଆଇପିଏସ୍ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ହରିୟାଣା ସରକାରଙ୍କୁ ତୁରନ୍ତ ଏସ୍ଆଇଟିକୁ ଜଣାଇବାକୁ କହିବା ସହ ମାମଲାର ରେକର୍ଡ ତଦନ୍ତ କମିଟିକୁ ହସ୍ତାନ୍ତର କରିବାକୁ ଗୁରୁଗ୍ରାମ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୋକ୍ସୋ (ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା) ଅଧିନିୟମ ଅନୁଯାୟୀ ଦାଖଲ ହୋଇଥିବା ଏଫ୍ଆଇଆର୍‌ରେ ଏହି ଅପରାଧକୁ କୋହଳ କରିଥିବାରୁ ଖଣ୍ଡପୀଠ ହରିୟାଣା ପୁଲିସକୁ ସମାଲୋଚନା କରିଛନ୍ତି। ପିଲାଟିର ବୟାନକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଥିବାରୁ କୋର୍ଟ ଏକ ଘରୋଇ ଡାକ୍ତରଖାନାର ଜଣେ ଡାକ୍ତରଙ୍କୁ ମଧ୍ୟ ସମାଲୋଚନା କରି କହିଛନ୍ତି, ଜଣେ ଡାକ୍ତରଙ୍କ ପାଇଁ ଏପରି କରିବା ଲଜ୍ଜାଜନକ।

ସୁପ୍ରିମ୍‌କୋର୍ଟ ଗୁରୁଗ୍ରାମ ପୋଲିସର ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ଏହି ମାମଲାର ଖରାପ ତଦନ୍ତ ପାଇଁ ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପଚାରିଛନ୍ତି। ପୁଲିସ କାହିଁକି ପୀଡ଼ିତାଙ୍କ ଘରକୁ ଯାଇପାରୁ ନାହିଁ? ସେମାନେ ରାଜା କି ବୋଲି ସୁପ୍ରିମ୍‌କୋର୍ଟ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ଗୁରୁଗ୍ରାମ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)କୁ ମଧ୍ୟ ସେମାନଙ୍କ ନିଷ୍କ୍ରିୟତା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

ଫେବ୍ରୁଆରି ୫ ରିପୋର୍ଟରୁ ଜଣାପଡ଼ିଛି ଯେ ସିଡବ୍ଲ୍ୟୁସି ସଦସ୍ୟଙ୍କ ଆଚରଣ ମାମଲାକୁ ଆହୁରି ଜଟିଳ କରିଛି। କମିସନରଙ୍କଠାରୁ ଆରମ୍ଭ କରି ସବ୍-ଇନ୍ସପେକ୍ଟରଙ୍କ ପର୍ଯ୍ୟନ୍ତ ସମଗ୍ର ପୁଲିସ ଫୋର୍ସ ପ୍ରମାଣ କରିବାକୁ ସମସ୍ତ ଚେଷ୍ଟା କରିଥିଲେ ଯେ ପିଲାଟି ନିର୍ଯାତିତା ହେବାର କୌଣସି ପ୍ରମାଣ ନାହିଁ ଏବଂ ପିତାମାତା କୌଣସି ମାମଲା ରୁଜୁ କରିନାହାନ୍ତି। ଏହା ପରେ ସର୍ବୋଚ୍ଚ ନ୍ୟାୟାଳୟ ଗୁରୁଗ୍ରାମ ଜିଲ୍ଲା ବିଚାରପତିଙ୍କୁ ସହରର ଏକ ପୋକ୍ସୋ କୋର୍ଟରେ ଅଧ୍ୟକ୍ଷତା କରୁଥିବା ଜଣେ ବରିଷ୍ଠ ମହିଳା ନ୍ୟାୟିକ ଅଧିକାରୀଙ୍କୁ ଏହି ମାମଲା ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେକ୍ଟର ୫୪ର ଏକ ସୋସାଇଟିରେ ଚାରି ବର୍ଷୀୟା ନାବାଳିକାକୁ ଦୁଇଜଣ ମହିଳା ଘରୋଇ ସହାୟିକା ଓ ସେମାନଙ୍କ ପୁରୁଷ ସହଯୋଗୀ ପ୍ରାୟ ଦୁଇ ମାସ ଧରି ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଶିଶୁର ପିତାମାତାଙ୍କ ଅଭିଯୋଗ ପରେ ଫେବ୍ରୁଆରି ୪ ତାରିଖରେ ସେକ୍ଟର ୫୩ ଥାନାରେ ଭାରତୀୟ ନ୍ୟାୟ ସଂହିତା ଓ ପୋକ୍ସୋ ଆକ୍ଟର ସମ୍ପୃକ୍ତ ଧାରା ଅନୁଯାୟୀ ଏଫ୍ଆଇଆର୍ ରୁଜୁ କରାଯାଇଥିଲା।

## ଇରାନ ଯୁଦ୍ଧର ଦୋଷ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉପରେ ଲଦିଲେ ରାଷ୍ଟ୍ରପତି ଟ୍ରମ୍ପ

ନୂଆଦିଲ୍ଲୀ, ୨୮।୩: ଇରାନ ସହ ଯୁଦ୍ଧ କରିବା ଯୋଗୁ ଆମେରିକାକୁ ପ୍ରବଳ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ଏଥିଯୋଗୁ ଟ୍ରମ୍ପଙ୍କୁ ଆମେରିକା ଭିତରେ ମଧ୍ୟ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏସବୁ ଭିତରେ ଏବେ ଟ୍ରମ୍ପ ଇରାନ ସହ ଯୁଦ୍ଧର ସବୁ ଦୋଷ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ ହେଗସେଥ୍‌ଙ୍କ ଉପରେ ଲଦି ଦେଉଛନ୍ତି। ଆମେରିକା-ଇସ୍ରାଏଲ ଓ ଇରାନ ଯୁଦ୍ଧ ସମୟରେ ସବୁଠାରୁ ଚର୍ଚ୍ଚାରେ ରହୁଥିବା ବ୍ୟକ୍ତି ହେଉଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନ ସହ ଯୁଦ୍ଧ କରିବା ଆମେରିକାକୁ ମହଙ୍ଗା ପଡ଼ିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପ ୫ ଦିନିଆ ବିରତି ଲାଗୁ କରିଛନ୍ତି। ଇରାନ ଅନୁରୋଧରେ ଶାନ୍ତି ପାଇଁ ଆଲୋଚନା ଚାଲିଥିବାରୁ ଟ୍ରମ୍ପ ଯୁଦ୍ଧ ବିରତି ଲାଗୁ କରିଥିବା କହିଛନ୍ତି। ହେଲେ ଟ୍ରମ୍ପ ଯୁଦ୍ଧ ବିରତି ପଛରେ କେବଳ ଭୟ ରହିଥିବା କହିଛି ଇରାନ। ଏଥିସହ ଶାନ୍ତି ଆଲୋଚନା ପାଇଁ ଇରାନ ଅନୁରୋଧ କରି ନଥିବା ମଧ୍ୟ କହିଛି। ଇରାନ ସହ ଯୁଦ୍ଧ କରିବା ଯୋଗୁ ଆମେରିକାକୁ ପ୍ରବଳ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ଏଥିଯୋଗୁ ଟ୍ରମ୍ପଙ୍କୁ ଆମେରିକା ଭିତରେ ମଧ୍ୟ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏସବୁ ଭିତରେ ଏବେ ଟ୍ରମ୍ପ ଇରାନ ସହ ଯୁଦ୍ଧର ସବୁ ଦୋଷ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ ହେଗସେଥ୍ ?ଙ୍କ ଉପରେ ଲଦି ଦେଉଛନ୍ତି। ପୂର୍ବରୁ ଇସ୍ରାଏଲ ଚାପରେ ଟ୍ରମ୍ପ ଇରାନ ସହ ଯୁଦ୍ଧ କରିଥିବା ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଥିଲା। ଏବେ ଟ୍ରମ୍ପ ନିଜେ ହେଗସେଥ୍‌ଙ୍କ ନାଁ କହିଛନ୍ତି। ଫକ୍ସ ନ୍ୟୁଜର ପୂର୍ବତନ ଉପସ୍ଥାପକ, ଜଣେ ମେଡାଲ ପ୍ରାପ୍ତ ସୈନ୍ୟ ଓ ନିଜକୁ ଯୁଦ୍ଧର ବିରୋଧୀ ବୋଲି କହୁଥିବା ହେଗ୍‌ସେଥ୍ ମାର୍ଚ୍ଚ ମାସ ଆରମ୍ଭରେ ନିଜର ସମାଲୋଚକଙ୍କୁ କଡ଼ା ଜବାବ ଦେଇଥିଲା। ସମାଲୋଚକମାନେ ଇରାନ ସହ ଯୁଦ୍ଧକୁ ଅସ୍ପଷ୍ଟ କହିବା ସହ ଏହାର ଅନ୍ତ ଉପରେ ପ୍ରଶ୍ନ ଉଠାଇଥିଲେ।

ଆମେରିକା ଯୁଦ୍ଧରେ ହସ୍ତକ୍ଷେପ କରିବାର କୌଣସି କାରଣ ନଥିବା ମଧ୍ୟ ସେମାନେ କହିଥିଲେ। କିନ୍ତୁ ହେଗସେଥ୍ ସେମାନଙ୍କୁ କହିଥିଲେ ଯେ "ଆମେରିକା ଜିତୁଛି। ଏହି ଯୁଦ୍ଧ ଶୀଘ୍ର ଶେଷ ହେବ।" ଇରାନ ସହ ଯୁଦ୍ଧରୁ ଆମେରିକା କ'ଣ ଚାହୁଁଛି ପ୍ରଶ୍ନର ଉତ୍ତରରେ ସେ ଏକଥା କହିଥିଲେ। ଏବେ ହେଗସେଥ୍‌ଙ୍କ ବସ୍ ଟ୍ରମ୍ପ ତାଙ୍କୁ ପୂରା ଯୁଦ୍ଧ ପାଇଁ ଦାୟୀ କରିଛନ୍ତି। ଇରାନ ସହ ଯୁଦ୍ଧ କରିବା ସପକ୍ଷରେ ପ୍ରଥମେ ହେଗସେଥ୍ କହିଥିଲେ ବୋଲି ଟ୍ରମ୍ପ ସମସ୍ତଙ୍କୁ ଜଣାଇଛନ୍ତି। ହେଗସେଥ୍ ପାଖରେ ବସିଥିବା ବେଳେ ଟ୍ରମ୍ପ କହିଛନ୍ତି ଯେ "ପିଟ୍, ମୁଁ ଭାବୁଛି ତୁମେ ପ୍ରଥମେ ଯୁଦ୍ଧ କଥା କଥା ଉଠାଇଥିଲ। ତୁମେ କହିଥିଲ ଯେ ଚାଲ ଯୁଦ୍ଧ କରିବା। କାରଣ ସେମାନଙ୍କୁ ପରମାଣୁ ଅସ୍ତ୍ର ରଖିବାକୁ ଆମେରିକା ଅନୁମତି ଦେଇପାରିବ ନାହିଁ।" ଏକଥା ଶୁଣି ହେଗ୍‌ସେଥ୍ କେବଳ ଚୁପ ରହିଥିଲେ। ଏବେ ୨୫ ଦିନ ଧରି ଜାରି ରହିଥିବା ଏହି ଯୁଦ୍ଧର ସ୍ଥାୟୀ ସମାଧାନର ରାସ୍ତା ବାହାରି ନାହିଁ। ଇରାନର ହର୍ମୁଜ ଅବରୋଧ ଯୋଗୁ ଶକ୍ତି ମୂଲ୍ୟ ଆକାଶ ଛୁଆଁ ହୋଇଛି। ଆମେରିକାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଖାସ ଏଥିପାଇଁ ଏବେ ଟ୍ରମ୍ପ ଯୁଦ୍ଧର ଦୋଷ ଅନ୍ୟମାନଙ୍କ ଉପରେ ଲଦିବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

## ଶାନ୍ତି ଆଲୋଚନା ପାଇଁ ୪ଟି ବଡ଼ ଦାବି କଲା ଇରାନ



ୱାଶିଂଟନ୍, ୨୮।୩: ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧର ୨୬ ତମ ଦିନରେ, ଆଲୋଚନା ପ୍ରୟାସ ଅଧିକ କଷ୍ଟକର ହୋଇଯାଇଛି। ଇରାନ ମଧ୍ୟସ୍ଥିଙ୍କ ମାଧ୍ୟମରେ ଆମେରିକା ନିକଟରେ ଏହାର ପ୍ରମୁଖ ଦାବି ଉପସ୍ଥାପନ କରିଛି। ଏହି ଦାବିଗୁଡ଼ିକ ଏତେ କଠୋର ଯେ ଅନେକ ବିଶେଷଜ୍ଞ କହିଛନ୍ତି ଯେ ଏଗୁଡ଼ିକ ଉପରେ ଏକ ଚୁକ୍ତିନାମାରେ ପହଞ୍ଚିବା ନିଶ୍ଚିତ ନୁହେଁ। ଆସନ୍ତୁ ଜାଣିବା ଆମେରିକାଠୁ ଇରାନ କ'ଣ ଦାବି କରିଛି।

ଇରାନର ଚାରୋଟି ପ୍ରମୁଖ ଦାବି: -ଭବିଷ୍ୟତରେ କୌଣସି ସାମରିକ ଆକ୍ରମଣ ନାହିଁ: ଇରାନ ଆମେରିକା ଏବଂ ଇସ୍ରାଏଲ ଉଭୟଙ୍କଠାରୁ ଲିଖିତ ଗ୍ୟାରେଣ୍ଟି ଦାବି କରିଛି ଯେ ଭବିଷ୍ୟତରେ ଇରାନ ବିରୁଦ୍ଧରେ କେବେବି କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ହେବ ନାହିଁ।

-ପୂର୍ଣ୍ଣ ଯୁଦ୍ଧ କ୍ଷତିପୂରଣ: ଯୁଦ୍ଧରେ ଜୀବନ ଏବଂ ସମ୍ପତ୍ତି କ୍ଷତି ପାଇଁ ଆମେରିକା ଏବଂ ଏହାର ସହଯୋଗୀମାନଙ୍କଠାରୁ ପୂର୍ଣ୍ଣ ଯୁଦ୍ଧ କ୍ଷତିପୂରଣ ଦାବି କରାଯାଇଛି।

-ହର୍ମୁଜ ପ୍ରଣାଳୀର ସମ୍ପୂର୍ଣ୍ଣ ନିୟନ୍ତ୍ରଣ: ଇରାନ ହର୍ମୁଜ ପ୍ରଣାଳୀର ଆନୁଷ୍ଠାନିକ ଏବଂ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଚାହୁଁଛି। ଆମେରିକା ଏବଂ ଇସ୍ରାଏଲୀ ଜାହାଜ ଉପରେ କଠୋର ସର୍ତ୍ତ ଲାଗୁ କରାଯାଇପାରେ।

-ବାଲିଷ୍ଟିକ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ କୌଣସି କଟକଣା ନାହିଁ: ଇରାନ ସ୍ପଷ୍ଟ ଭାବରେ କହିଛି ଯେ ଏହାର ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ କାର୍ଯ୍ୟକ୍ରମ ଉପରେ କୌଣସି କଟକଣା କିମ୍ବା ପ୍ରତିବନ୍ଧକ ରହିବ ନାହିଁ।

ଇରାନର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦାବି ରହିଛି। ରିପୋର୍ଟ ଅନୁଯାୟୀ, ଇରାନ ଏହା ମଧ୍ୟ ଦାବି କରିଛି:ଉପସାଗରରେ ଥିବା ସମସ୍ତ ଆମେରିକୀୟ ସାମରିକ ଘାଟି ବନ୍ଦ କରାଯିବା ଉଚିତ।ଇସ୍ରାଏଲ ତୁରନ୍ତ ହିଜବୋଲା ଉପରେ ଆକ୍ରମଣ ବନ୍ଦ କରିବା ଉଚିତ।ଇରାନ ଉପରେ ସମସ୍ତ ଆର୍ଥିକ କଟକଣା ସମ୍ପୂର୍ଣ୍ଣ ଭାବରେ ଉଠାଇ ନିଆଯିବା ଉଚିତ୍।ଇରାନର ଆଭିମୁଖ୍ୟ ଏବେ ପୂର୍ବ ଅପେକ୍ଷା ଅଧିକ କଠୋର ହୋଇଯାଇଛି। ତେହେରାନ ମଧ୍ୟସ୍ଥିମାନଙ୍କୁ କହିଛି ଯେ ଟ୍ରମ୍ପ ପୂର୍ବରୁ ସେମାନଙ୍କୁ ଦୁଇଥର ପ୍ରତାରଣା କରିଛନ୍ତି, ତେଣୁ ତୃତୀୟ ଥର କୌଣସି ବିପଦ ନିଆଯିବ ନାହିଁ। ଆମେରିକା ଅଧିକ ସୈନ୍ୟ ପଠାଇବା ମଧ୍ୟ ଇରାନର ସନ୍ଦେହକୁ ବୃଦ୍ଧି କରୁଛି।

## ତାମିଲନାଡୁରେ ଏନଡିଏର ସିଟ୍ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ ୨୩୪ରୁ ମାତ୍ର ୨୭ଟି ଆସନରେ ଲଢ଼ିବ ବିଜେପି

ତାମିଲନାଡୁ, ୨୮।୩: ରାଜ୍ୟର ୨୩୪ଟି ବିଧାନସଭା ଆସନରୁ ବିଜେପି କେବଳ ୨୭ଟି ସ୍ଥାନରେ ପ୍ରାର୍ଥୀ ଦେବ। ଏଆଇଏଡିଏମକେ ୧୭୮ଟି ଆସନରେ ନିର୍ବାଚନ ଲଢ଼ିବ। ଏହାବାଦ ମେଣ୍ଟରେ ଥିବା ପିଏମକେ ୧୮ଟି ଓ ଏଏମଏମକେ ଭାଗରେ ୧୧ଟି ଆସନ ପଡ଼ିଛି। ଆଗାମୀ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଆଜି ସିଟ୍ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ କରିଛି ଏନଡିଏ। ଦେଶର ବିଭିନ୍ନ ରାଜ୍ୟରେ ବଡ଼ ଭାଇ ଭୂମିକାରେ ରହୁଥିବା ବିଜେପି ତାମିଲନାଡୁରେ ନିଜ ଆଭିମୁଖ୍ୟ ବଦଳାଇଛି। ଦଳ ଏଠାରେ ଏଆଇଏଡିଏମକେ ସହ ମେଣ୍ଟ କରି ନିର୍ବାଚନ ଲଢ଼ିବାକୁ ଯାଉଛି। ଏଥିପାଇଁ ଏଆଇଏଡିଏମକେ ବଡ଼ ଭାଇ ଓ ବିଜେପି ସାନ ଭାଇ ଭୂମିକାରେ ରହିବ। ରାଜ୍ୟର ୨୩୪ଟି ବିଧାନସଭା ଆସନରୁ ବିଜେପି କେବଳ ୨୭ଟି ସ୍ଥାନରେ ପ୍ରାର୍ଥୀ ଦେବ। ଏଆଇଏଡିଏମକେ ୧୭୮ଟି ଆସନରେ ନିର୍ବାଚନ ଲଢ଼ିବ। ଏହାବାଦ ମେଣ୍ଟରେ ଥିବା ପିଏମକେ ୧୮ଟି ଓ ଏଏମଏମକେ ଭାଗରେ ୧୧ଟି ଆସନ ପଡ଼ିଛି। ଏଆଇଏଡିଏମକେର ମୁଖ୍ୟ ଏଡାପ୍ପାଡି କେ ପଲାନିସ୍ୱାମୀ(ଇପିଏସ୍) କହିଛନ୍ତି ଯେ ମେଣ୍ଟରେ ଆଲୋଚନା ବେଶ ଫଳପ୍ରଦ ରହିଥିଲା ଓ ସବୁ ଦଳ ମିଳିତ ଭାବେ ସିଟ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ କରିଛନ୍ତି। ଅନ୍ୟ କିଛି ଦଳ ଗୁଡ଼ିକ ସହ ଆଲୋଚନା ଚାଲିଛି। ସେମାନଙ୍କ ସିଟ ସମ୍ପର୍କରେ ମଧ୍ୟ ଦରକାର ପଡ଼ିଲେ ଘୋଷଣା କରାଯିବ। ଏନଡିଏକୁ ସେ ବିଜୟ ମେଣ୍ଟ ବୋଲି କହିବା ସହ ରାଜ୍ୟରେ ସମସ୍ତ ଆସନରେ ସହଯୋଗୀମାନେ ଜିତିବେ ବୋଲି ଦମ୍ଭୋକ୍ତି କରିଛନ୍ତି। ଏଆଇଏଡିଏମକେ ଏକାକୀ ସରକାର ଗଠନ କରିବ ବୋଲି ସେ କହିବାକୁ ପଛାଇ ନାହାନ୍ତି। ବିଜେପିର ତାମିଲନାଡୁ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି ଯେ ରାଜ୍ୟବାସୀ ଆସନ୍ତା ବିଧାନସଭା ନିର୍ବାଚନରେ ଡିଏମକେ-କଂଗ୍ରେସ ମେଣ୍ଟକୁ ପ୍ରତ୍ୟାଖ୍ୟାନ କରିବେ। ମହାରାଷ୍ଟ୍ର, ହରିୟାଣା, ବିହାର ଓ ଦିଲ୍ଲୀରେ ଯେମିତି ଇଣ୍ଡିଆ ମେଣ୍ଟକୁ ଲୋକ ଗ୍ରହଣ କଲେ ନାହିଁ, ତାମିଲନାଡୁରେ ମଧ୍ୟ ସମାନ ସ୍ଥିତି ଉପୁଜିବ ବୋଲି ସେ କହିଛନ୍ତି। ତାମିଲନାଡୁର ୨୩୪ଟି ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ଆସନ୍ତା ଏପ୍ରିଲ ୨୩ରେ ରାଜ୍ୟବାସୀ ନୂଆ ସରକାର ପାଇଁ ମତଦାନ କରିବେ। ସେହିପରି ମେ' ୪ରେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ। ପଡ଼ୋଶୀ ପୁଡୁଚେରୀରେ ଲୋକମାନେ ୩୦ଟି ଆସନ ପାଇଁ ଏପ୍ରିଲ ୯ରେ ଭୋଟ ଦେବ। ଏଠାରେ ମଧ୍ୟ ମେ' ୪ରେ ରେଜଲ୍ଟ ପ୍ରକାଶ ପାଇବ।

## ଲୋକଙ୍କୁ ସତର୍କ କଲେ ସରକାର: ପାଇପ୍ ଗ୍ୟାସ୍ ବ୍ୟବହାର କର, ନଚେତ ଏଲପିଜି ଯୋଗାଣ ବନ୍ଦ ହେବ

ନୂଆଦିଲ୍ଲୀ, ୨୮।୩: ସବୁଧା ଥିବା ସତ୍ୱେ ପିଏନଜିକୁ ବିକଳ୍ପ ଭାବେ ବାଛୁ ନଥିବା ଲୋକଙ୍କ ଏଲପିଜି ସଂଯୋଗକୁ ବିଚ୍ଛିନ୍ନ କରି ଦିଆଯିବ ବୋଲି ସରକାର ସତର୍କ କରାଇଛନ୍ତି। ତୁରନ୍ତ ଲୋକମାନେ ପିଏନଜି ମୁହାଁ ହୁଅନ୍ତୁ ଓ ସେମାନଙ୍କ ପାଖରେ ସମୟ ବହୁତ କମ ବୋଲି କହିବାକୁ ମଧ୍ୟ




ସରକାର ପଛାଇ ନାହାନ୍ତି। ମଧ୍ୟପ୍ରାଚ୍ୟର ଯୁଦ୍ଧ ସଙ୍କଟ ମଧ୍ୟରେ ଦେଶବାସୀଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଯୁଦ୍ଧ ଯୋଗୁ ଦେଶରେ ଏଲପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଲୋକଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ପୂର୍ବରୁ ଘରୋଇ ଉପଭୋକ୍ତାଙ୍କୁ ଏଲପିଜି ସିଲିଣ୍ଡର ଯୋଗାଇ ଦେବାକୁ ପ୍ରାଥମିକତା ଦିଆଯାଉଥିବା ସରକାର କହିଥିଲେ। ହେଲେ ଏବେ ଲୋକଙ୍କୁ ପାଇପ ଯୋଗେ ମିଳୁଥିବା ଗ୍ୟାସ ବିକଳ୍ପକୁ ବାଛିବାକୁ ସରକାର କହିଛନ୍ତି। ଯଦି ଲୋକମାନେ ଉପଲବ୍ଧ ଥିବା ସତ୍ୱେ ପାଇପଡ୍ ପ୍ରାକୃତିକ ଗ୍ୟାସ ବା ପିଏନଜିକୁ ବିକଳ୍ପ ଭାବେ ନ ବାଛିବେ, ତା'ହେଲେ ଏହା ସେମାନଙ୍କୁ ମହଙ୍ଗା ପଡ଼ିବ। ସବୁଧା ଥିବା ସତ୍ୱେ ପିଏନଜିକୁ ବିକଳ୍ପ ଭାବେ ବାଛୁ ନଥିବା ଲୋକଙ୍କ ଏଲପିଜି ସଂଯୋଗକୁ ବିଚ୍ଛିନ୍ନ କରି ଦିଆଯିବ ବୋଲି ସରକାର ସତର୍କ କରାଇଛନ୍ତି। ତୁରନ୍ତ ଲୋକମାନେ ପିଏନଜି ମୁହାଁ ହୁଅନ୍ତୁ ଓ ସେମାନଙ୍କ ପାଖରେ ସମୟ ବହୁତ କମ ବୋଲି କହିବାକୁ ମଧ୍ୟ ସରକାର ପଛାଇ ନାହାନ୍ତି।

# ଯୁଦ୍ଧ ଭିତରେ ଇରାନକୁ ମାଡ଼ି ଆସୁଛି ଭୟଙ୍କର ବାତ୍ୟା



ତେହେରାନ,୨୮।୩: ଯୁଦ୍ଧଗ୍ରସ୍ତ ମଧ୍ୟପ୍ରାଚ୍ୟ ପାଇଁ, ଆଉ ଏକ ପ୍ରମୁଖ ଚ୍ୟାଲେଞ୍ଜ ଏବେ ଉଭା ହୋଇଛି। ଏଥର, ପ୍ରତିଦ୍ୱନ୍ଦ୍ୱୀ କୌଣସି ଦେଶ ନୁହେଁ, ବରଂ ପ୍ରକୃତି। ଏକ ଶକ୍ତିଶାଳୀ ଏବଂ ଅସାଧାରଣ ପାଣିପାଗ ଏହି ଅଞ୍ଚଳକୁ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି, ଯାହା ଆଜିଠାରୁ ନିଜର ଉପସ୍ଥିତି ପ୍ରକାଶ କରିବା ଆରମ୍ଭ କରିପାରେ। ଏହାର ପ୍ରଭାବ ସଂଯୁକ୍ତ ଆରବ ଏମିରେଟ୍ସ, ଦକ୍ଷିଣ ଇରାନ, ପୂର୍ବ ଇରାକ ଏବଂ ପଡ଼ୋଶୀ ଦେଶଗୁଡ଼ିକରେ ବ୍ୟାପକ ଧ୍ୱଂସ ସୃଷ୍ଟି କରିପାରେ। ମଧ୍ୟପ୍ରାଚ୍ୟ ସାଧାରଣତଃ ଏହାର ଶୁଷ୍କ ଏବଂ ଗରମ ଜଳବାୟୁ ପାଇଁ ଜଣାଶୁଣା, କିନ୍ତୁ ଏଥର ଚିତ୍ର ଭିନ୍ନ। ପାଣିପାଗ ବିଜ୍ଞାନୀମାନେ ଆଗାମୀ ଦିନରେ ପ୍ରବଳ ବର୍ଷାର ଚେତାବନୀ ଜାରି କରିଛନ୍ତି। କିଛି ମଡେଲ ଅନୁସାରେ, ଆଗାମୀ ତିନି ଦିନ ମଧ୍ୟରେ ବର୍ଷା ୧୦୦ ମିମି ରୁ ୫୦୦ ମିମି ପର୍ଯ୍ୟନ୍ତ ହୋଇପାରେ। ଏହି ସଂଖ୍ୟା ଏହି ଅଞ୍ଚଳର ଅନେକ ସ୍ଥାନ ପାଇଁ ବାର୍ଷିକ ହାରାହାରିଠାରୁ ଅଧିକ।

ଗୁରୁବାର ଏବଂ ଶୁକ୍ରବାର ଝଡ଼ର ତୀବ୍ରତା ସର୍ବାଧିକ ହେବ ବୋଲି ଆଶା କରାଯାଉଛି। ଏହି ଘଟଣା ମିଶର ଏବଂ ସାଉଦି ଆରବ ଉପରେ ଅବସ୍ଥିତ ଏକ ଗଭୀର ଗର୍ତ୍ତ, ଭୂମଧ୍ୟସାଗରରୁ ଆସୁଥିବା ଏକ ପାଣିପାଗ ପ୍ରଣାଳୀର ଅଭିସରଣ ଏବଂ ଇଟାଲୀ ଦିଗରୁ ଆସୁଥିବା ଏକ ଶକ୍ତିଶାଳୀ ପାଣିପାଗ ଡାଞ୍ଚା ଦ୍ୱାରା ପରିଚାଳିତ ହେଉଛି।

ତେବେ ଦୁବାଇ ଏହି ବିପଦର କେନ୍ଦ୍ରସ୍ଥଳରେ ଅବସ୍ଥିତ। ଯଦିଓ ସହରରେ ସାଧାରଣତଃ ସାରା ବର୍ଷ ପ୍ରାୟ ୧୦୦ ମିମି ବର୍ଷା ହୁଏ, ବର୍ତ୍ତମାନର ପୂର୍ବାନୁମାନ ସୂଚାଇ ଦିଏ ଯେ ୭୬ ମିମିରୁ ୧୫୨ ମିମି କିମ୍ବା ତା'ଠାରୁ ଅଧିକ, ମାତ୍ର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ପଡ଼ିପାରେ। ଆବୁଧାବି, ସାରଜାହା ଏବଂ ହରମୁଜ ପ୍ରଣାଳୀର ଚାରିପାଖରେ ଥିବା ବନ୍ଦରଗୁଡ଼ିକ ମଧ୍ୟ ବନ୍ୟା ଏବଂ ପ୍ରବଳ ପବନର ବିପଦର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳଗୁଡ଼ିକ ପୂର୍ବରୁ ଚାଲିଥିବା ସଂଘର୍ଷ ଯୋଗୁଁ ପ୍ରବଳ ଚାପଗ୍ରସ୍ତ। ଏହା ବ୍ୟତୀତ, ଏହି ପାଣିପାଗ ବ୍ୟବସ୍ଥା ଅଞ୍ଚଳର ମରୁଭୂମି ଭୂଦୃଶ୍ୟରେ ବିରଳ ଘୂର୍ଣ୍ଣିଝଡ଼, କୁଆପଥର ଏବଂ ଭୟଙ୍କର ଝଡ଼ ସୃଷ୍ଟି କରିପାରେ।

ସମ୍ପ୍ରତି ଏପ୍ରିଲ ୨୦୨୪ ସୁଦ୍ଧା, ଟଇର ୭୫ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ବର୍ଷା ଦେଖିଛି। ଆଲ ଆଇନରେ ୨୫୪.୮ ମିମି ଏବଂ ଦୁବାଇ ବିମାନବନ୍ଦରରେ ୧୪୨ ମିମି ବର୍ଷା ସହରକୁ ସମ୍ପୂର୍ଣ୍ଣ ଲକ୍ ଡାଉନ ପରିସ୍ଥିତି କରିଦେଇଥିଲା। ବିମାନ ଉଡ଼ାଣ ବନ୍ଦ ହୋଇଯାଇଥିଲା, ରାସ୍ତା ବୁଡ଼ି ଯାଇଥିଲା ଏବଂ ବିପର୍ଯ୍ୟୟ ଅନେକ ଲୋକଙ୍କ ଜୀବନ ନେଇଥିଲା। ୨୦୧୯ ମସିହାରେ ଇରାନ, ଇରାକ ଏବଂ ସିରିଆରେ ବନ୍ୟା ବ୍ୟାପକ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ୨୦୨୨ ମସିହାରେ ମାତ୍ର ଛଅ ଘଣ୍ଟା ମଧ୍ୟରେ ୧୭୯ ମିମି ବର୍ଷା ଜେଦ୍ଦା ସହରକୁ ବୁଡ଼ାଇ ଦେଇଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଜଳବାୟୁ ପରିବର୍ତ୍ତନ ଏବଂ ଦ୍ରୁତ ସହରୀକରଣ ଏପରି "ଶତାବ୍ଦୀରେ ଥରେ" ଝଡ଼କୁ ଅଧିକ ସାଧାରଣ କରିଦେଉଛି।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଏହି ଝଡ଼ ଆହୁରି ବିପଦପୂର୍ଣ୍ଣ ହୋଇପାରେ। ବିଶେଷକରି ହର୍ମୁଜ ପ୍ରଣାଳୀରେ, ଯେଉଁଠାରେ ବିଶ୍ୱର ପ୍ରାୟ ୨୦% ତୈଳ ପରିବହନ ହୁଏ। ଏହି ଅଞ୍ଚଳରେ ଯେକୌଣସି ବାଧା ବିଶ୍ୱ ତୈଳ ଯୋଗାଣକୁ ପ୍ରଭାବିତ କରିପାରେ। ଟ୍ୟାଙ୍କର ଚଳାଚଳ ପୂର୍ବରୁ ପ୍ରଭାବିତ ହୋଇସାରିଛି, ଏବଂ ମୂଲ୍ୟ ଉପରେ ଚାପ ଜାରି ରହିଛି। ଏହି ପରିସ୍ଥିତିରେ, ବନ୍ୟା କିମ୍ବା ଝଡ଼ ପରିସ୍ଥିତିକୁ ଆହୁରି ଖରାପ କରିପାରେ। ଉପସାଗର ରାଷ୍ଟ୍ରଗୁଡ଼ିକର ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଜରୁରୀକାଳୀନ ସେବା ସଜାଗ ରହିଛି, ଏବଂ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି। ଆଗାମୀ ୪୮ ରୁ ୭୨ ଘଣ୍ଟା ମଧ୍ୟପ୍ରାଚ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ, ଯେଉଁଠାରେ ଯୁଦ୍ଧର ପୃଷ୍ଠଭୂମି ମଧ୍ୟରେ, ଅତି ଖରାପ ପାଗର ଆକ୍ରମଣ ଏବେ ଏକ ଭୟଙ୍କର ଚ୍ୟାଲେଞ୍ଜ ଭାବରେ ଉଭା ହେଉଛି।

## ଭାରତରେ ପହଞ୍ଚିଲା ଏଲପିଜି ବୋଝେଇ ଟ୍ୟାଙ୍କର୍ "ଜଗ୍ଗ ବସନ୍ତ"

ନୂଆଦିଲ୍ଲୀ, ୨୮।୩: ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଭାରତକୁ ବଡ ଆଶ୍ୱସ୍ତି ମିଳିଛି। ପ୍ରାୟ ୪୨ ହଜାର ଟନ୍ ଏଲପିଜି ବୋଝେଇ ଟ୍ୟାଙ୍କର୍ "ଜଗ୍ଗ ବସନ୍ତ" ହର୍ମୁଜ୍ ପ୍ରଣାଳୀ ପାର ହୋଇ ଭାରତରେ ପହଞ୍ଚିଛି। ଭାରତୀୟ ନୌସେନା ଦ୍ୱାରା ସୁରକ୍ଷା ଦିଆଯାଇ ଆଜି ସକାଳେ ଟ୍ୟାଙ୍କର୍ ଗୁଜୁରାଟର କାଣ୍ଡଲା ବନ୍ଦରରେ ପହଞ୍ଚିଛି। ଏପର୍ଯ୍ୟନ୍ତ ମୋଟ ଛଅଟି ଏଲପିଜି ଟ୍ୟାଙ୍କର୍ ଏବଂ ଗୋଟିଏ ତେଲ ଟ୍ୟାଙ୍କର୍ ଭାରତରେ ପହଞ୍ଚିଛି। ଏହା ଦେଶର ତୀବ୍ର ବାଣିଜ୍ୟିକ ସିଲିଣ୍ଡର ସଙ୍କଟକୁ ଦୂର କରିବ।

ଏହାରି ମଧ୍ୟରେ 'ପାଇନ୍ ଗ୍ୟାସ୍' ଟ୍ୟାଙ୍କର୍ ମଧ୍ୟ ଆସୁଛି। ଆଜି କିମ୍ବା ଆସନ୍ତାକାଲି ସକାଳ ସୁଦ୍ଧା ଭାରତରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହି ଟ୍ୟାଙ୍କର୍ ?ରେ ପ୍ରାୟ ୫୦ ହଜାର ଟନ୍ ଏଲପିଜି ଅଛି। ଏହା ବ୍ୟତୀତ, ହର୍ମୁଜ୍ ପ୍ରଣାଳୀରୁ ଆଉ ତିନୋଟି ଅଶୋଧିତ ତୈଳ ଟ୍ୟାଙ୍କର୍ ଭାରତ ପାଇଁ ଛାଡ଼ିଛି। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା, ତିନୋଟି ଟ୍ୟାଙ୍କର୍ ଭାରତୀୟ ବନ୍ଦରରେ ପହଞ୍ଚିବ। ଭାରତୀୟ ନୌସେନାର 'ଅପରେସନ୍ ଉର୍ଜା ସୁରକ୍ଷା' ଅଧୀନରେ, ଭାରତୀୟ ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ପାର କରିବାରେ ସାହାଯ୍ୟ କରାଯାଉଛି।

# ସମ୍ପାଦକୀୟ

## ସହମତିରେ ପ୍ରଗତି

ସହମତି ହେଲେ ରାଜ୍ୟରେ ପ୍ରଗତି ହେବା ସମ୍ଭବ। ଗଣତନ୍ତ୍ରରେ ଗଣମାଧ୍ୟମର ଯେତିକି ଭୂମିକା, ରାଜନୀତି କରୁଥିବା ଜନନେତାମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସମାଜରେ ସମସ୍ୟା ସାଧାରଣ ଲୋକଙ୍କ ସୁଖ ଦୁଃଖରେ ଭାଗୀଦାର ହୋଇ ଜନନେତାମାନେ ଗଠନମୂଳକ ଭୂମିକା ଗ୍ରହଣ କରି ସମନ୍ୱୟ ରଖିଲେ ରାଜ୍ୟ ପ୍ରଗତି ପଥରେ ଆଗକୁ ଯିବ। ଶାସକ ଦଳର ଯେତିକି ଭୂମିକା ରହିଛି ବିରୋଧୀ ଦଳର ମଧ୍ୟ ସେତିକି ଦାୟିତ୍ୱ ରହିଛି। ଅତୀତର ଯୋଗଜନ୍ମାମାନେ ଆମକୁ ଯେଉଁ ତ୍ୟାଗ ସଂଗ୍ରାମର ସେବା ସମର୍ପିତ ରାସ୍ତା ଦେଖାଇ ଦେଇ ଯାଇଛନ୍ତି, ସେହି ରାସ୍ତାରେ ଆମ ସମସ୍ତଙ୍କୁ ସହମତିରେ ଆଗେଇବାକୁ ହେବ । ଓଡିଶାରେ ପ୍ରାକୃତିକ ସମ୍ପଦର ଅପାର ଭଣ୍ଡାର ରହିଥିବା ବେଳେ ତାହାର ସଦ୍‌ବିନିଯୋଗ କରି ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସଂକଳ୍ପ ନେବାର ସମୟ ଆସିଛି ।

ରାଜନୀତି ନାଁରେ ବିରୋଧ କରି ବିକାଶ ରାସ୍ତାରେ ବାଧକ ସାଜିବା ଉଚିତ୍ ନୁହେଁ। ଗୋଟିଏ ପାଖେ ପ୍ରାଚୁର୍ଯ୍ୟ ପୂର୍ଣ୍ଣ ଓଡ଼ିଶାର ଐତିହ୍ୟ ଓ ପରମ୍ପରା ବିଶ୍ୱରେ ଆମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଓଡ଼ିଶାର ଶିଳ୍ପୀ ନିହଣ ମୂନରେ ପଥର ଦେହରେ ନିଖୁଣ କାରୁକାର୍ଯ୍ୟ କରି ଅଷ୍ଟ ଆଶ୍ଚର୍ଯ୍ୟ କୋଣାର୍କ ଗଢ଼ିବାର ସାମର୍ଥ୍ୟ ରଖୁଥିବା ଓଡ଼ିଆ ପୁଅ ଆଜି କାହିଁକି ଦାଦନ ଯାଉଛି ? ଏହା ଆମ ପାଇଁ ଯେତିକି ଆଶ୍ଚର୍ଯ୍ୟ ସେତିକି ବିସ୍ମୟ। ଗୋଟିଏ ପକ୍ଷରେ ପ୍ରାକୃତିକ ସମ୍ପଦ ଅନ୍ୟ ପଟରେ ପ୍ରାକୃତିକ ବିପର୍ଯ୍ୟୟ ଆମ ଜୀବନକୁ ପ୍ରଭାବିତ କରିଛି । ଏତେ ଖଣିଜ ସମ୍ପଦ ଥାଉ ଥାଉ ଓଡ଼ିଆ ପୁଅ କାହିଁକି ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଯିବ, ଏହା ରାଜନେତାଙ୍କ ପାଇଁ ବଡ଼ ଆହ୍ୱାନ ଓ ପ୍ରଶ୍ନ । ବନ୍ୟା, ବାତ୍ୟା ଓ ମରୁଡ଼ି ଚାଷୀକୁଳର ଚିର ଶତ୍ରୁ ହୋଇଥିବା ବେଳେ ସରକାରୀ ସହାୟତା ବିନା ଚାଷୀ ଅସହାୟତା ଭିତରକୁ ଠେଲି ହୋଇ ଯାଉଛି । ସରକାରୀ ଯୋଜନାଗୁଡିକ କାନକୁ ଯେଭଳି ଭଲ ଶୁଭୁଛି ତାହା କାହିଁକି କାମରେ ପ୍ରତିଫଳିତ ହେଉନାହିଁ, ଶାସକ ଓ ବିରୋଧୀ ସମୀକ୍ଷା କରିବାର ଆବଶ୍ୟକତା ରହିଛି। ମାଗଣା ଚାଉଳ, ମାଗଣା ଘର ଗରିବର ଅଧିକାର । ତେବେ ଧନିକ ବ୍ୟକ୍ତି ଏହାକୁ କବଜା କରିବା ପରିତାପର ବିଷୟ । ନ'ଅଙ୍କ ଦୂର୍ଭିକ୍ଷ ସମୟରେ ଲକ୍ଷେ ଲକ୍ଷେ ଲୋକ ଭୋକରେ ଜୀବନ ଦେଇଥିଲେ, ତଥାପି ଛତର ଖାଇବାକୁ ଘୃଣା କରୁଥିଲେ। କିନ୍ତୁ ଆଜିର ଦୁନିଆରେ ଧନୀ ସରକାରୀ ଯୋଜନାକୁ ହଡ଼ପ କରିବା ଆଭିମୁଖ୍ୟ କେତେ ଦୂର ଯଥାର୍ଥ ? ଯେଉଁ ମାଟି, ପାଣି, ପବନରେ ଆମେ ବଢ଼ିଛୁ ସେଇ ମାଟି ପ୍ରତି ଆମର ତ୍ୟାଗ କ'ଣ ?

ରାଜନୀତିରେ ବିଶ୍ୱାସ କରୁଥିବା ନେତାମାନେ ଜନତାଙ୍କ ମଙ୍ଗଳ ପାଇଁ ଯେଉଁ ପ୍ରତିଶ୍ରୁତି ଦେଉଛନ୍ତି ତାହା ପ୍ରଗତିରେ ପ୍ରତିଫଳନ ହେଉ। ଗୋପବନ୍ଧୁ, ମଧୁସୂଦନଙ୍କ ଭଳି ଉତ୍କଳ ମାତାର ଯୋଗ୍ୟ ସନ୍ତାନ ଆମକୁ ତ୍ୟାଗ, ସଂଗ୍ରାମ ଓ ସେବାର ଯେଉଁ ରାସ୍ତା ଦେଖାଇଛନ୍ତି ଆମେ ସେଇ ରାସ୍ତାରେ ଚାଲିବା ନା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସବୁ ଜଳାଞ୍ଜଳି ଦେବା, ଆତ୍ମସମୀକ୍ଷା କରିବା ଦରକାର। ରାଜ୍ୟକୁ ପ୍ରଗତିର ଶିଖରରେ ପହଂଚାଇବା ପାଇଁ ସାମୂହିକ ନିଷ୍ପତି ନେବାର ସମୟ ଆସିଛି । ସବୁରି ମୁହଁରେ ହସ ବଂଚିବାର ବିଶ୍ୱାସ ସୃଷ୍ଟି କରିପାରିଲେ । । ଓଡିଶାର ନେତୃତ୍ୱ ନେବାର ସଫଳ ପରିଚୟ ତିଆରି ହୋଇପାରିବ। ଗଣମାଧ୍ୟମ ତାର ଗୁରୁ ଦାୟିତ୍ୱ ଓ ଗାରିମା ବଜାୟ ରଖିବା ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ। ସବୁଠୁ ନିରାଶ ହୋଇ ସାଧାରଣ ଲୋକଟିଏ ଗଣମାଧ୍ୟମ ଉପରେ ଭରଷା କରିଥାଏ। ଗଣମାଧମ ସେହି ବିଶ୍ୱାସ ରାୟ ରଖି ପାରିଲେ ଗଣତନ୍ତ୍ରକୁ ସୁଦୃଢ଼ କରିପାରିବ ।

ସାଧାରଣ ଜନତାଙ୍କୁ ସଚେତନ କରାଇବା ସହ ସତ୍ ମାର୍ଗରେ ଯିବା ପାଇଁ ବାର୍ତ୍ତା ଦେବା ଆମ ଗଣମାଧ୍ୟମର ଗୁରୁ ଦ୍ୱାୟିତ୍ୱ। ଗଣମାଧ୍ୟମର ଧର୍ମ ଗୋଟିଏ ଦେଶ ଗଢିବାରେ ଯେତିକି ଭୂମିକା, ସାଧାରଣ ଜନତାଙ୍କ ପାଇଁ ସମର୍ପିତ ଭାବେ କାମ କରିବା ଆମ ପାଇଁ ଆହ୍ୱାନ। ପାଠକ ଓ ବିଜ୍ଞାପନଦାତା ଖବର କାଗଜକୁ ସହୃଦୟତା ସହ ସହଯୋଗ କଲେ ଗଣମାଧ୍ୟମର ଆତ୍ମବଳ ବଢିବ।

## ଆଣ୍ଠେଇଲା ଆମେରିକା, ଏବେ ପସନ୍ଦ ମୁନିର


ନିହାର ପଟ୍ଟନାୟକ



ନିଜକୁ ସୁପର ପାୱାର ବୋଲାଉଥିବା ଆମେରିକାକୁ ମଧ୍ୟପ୍ରାଚ୍ୟରେ ଶକ୍ତ ଚାପୁଡା ବାଜିଛି । ଇରାନକୁ ହେୟ ମନେ କରୁଥିବା ଏବଂ ଚାରିଦିନରେ ଯୁଦ୍ଧ ଶେଷ କରିବାକୁ ଦର୍ପରେ ଘୋଷଣା କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଶେଷରେ ଏହି ଯୁଦ୍ଧରୁ ଓହରିବାର ବାଟ ଖୋଜିବା ଆରମ୍ଭ କରିଦେଇଛନ୍ତି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ପ୍ରରୋଚନାରେ ଯୁଦ୍ଧକୁ ଡେଇଁଥିବା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଯେତେବେଳେ ଇରାନର ତୈଳ ଓ ଗ୍ୟାସ ଭଣ୍ଡାର ଉପରେ ଇସ୍ରାଏଲ ପକ୍ଷରୁ ହୋଇଥିବା ଆକ୍ରମଣ ସମ୍ପର୍କରେ କିଛି ଜାଣିନଥିବା କହିବା ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ତାହାକୁ ଖଣ୍ଡନ କରି ଆମେରିକାର ଅଜାଣତାରେ କିଛି ହେଉନଥିବା ସର୍ବସମ୍ମୁଖରେ ଘୋଷଣା କଲେ, ସେତେବେଳେ ଏହି ଦୁଇ ମିତ୍ର ରାଷ୍ଟ୍ରଙ୍କ ମଧ୍ୟରେ ଇରାନ ବିପକ୍ଷ ଯୁଦ୍ଧକୁ ନେଇ ମତ ପାର୍ଥକ୍ୟ ଆରମ୍ଭ ହୋଇଯାଇଥିବା ସ୍ପଷ୍ଟ ଜଣାପଡିଥିଲା । ଚାରିଦିନ ଅଥବା ସପ୍ତାହେ ମଧ୍ୟରେ ଇରାନକୁ ବରବାଦ କରିଦେବାକୁ ଆଣ୍ଟ ରଖିଥିବା ଆମେରିକା ଓ ଇସ୍ରାଏଲ ପାଖାପାଖି ମାସେ ଯୁଦ୍ଧ ପରେ ଯେତେବେଳେ ଇରାନର କଡା ପ୍ରତି ଆକ୍ରମଣର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ସେମାନଙ୍କର ସବୁ ଅଙ୍କ ଫେଲ୍ ? ହୋଇଯାଇଥିବା ସେମାନେ ଅନୁଭବ କରୁଛନ୍ତି । ଏପରିକି ବିଶ୍ୱର ଦୁଇ ପ୍ରମୁଖ ଗୋଇନ୍ଦା ସଂସ୍ଥା ଇସ୍ରାଏଲର ମୋସାଦ ଏବଂ ଆମେରିକାରେ ସିଆଇଏ ନିକଟରେ ଇରାନର ଏଭଳି ସାମରିକ ଶକ୍ତି ସମ୍ପର୍କରେ ପକ୍କା ଖବର ନଥିବା ମଧ୍ୟ କେବଳ ଏହି ଦୁଇ ରାଷ୍ଟ୍ର ମୁଖ୍ୟ ନୁହଁନ୍ତି, ସାରା ବିଶ୍ୱବାସୀଙ୍କୁ ଚକିତ କରିଛି । ବିଶ୍ୱରେ ବଡଭାଇ ପଣିଆ ଦେଖାଉଥିବା ଆମେରିକାକୁ ଭିଏତ୍‌ନାମ, ଇରାକ, ଆଫଗାନିସ୍ତାନରେ ଯେଉଁଭଳି ଅପଦସ୍ତ ହୋଇ ଫେରିବାକୁ ପଡିଥିଲା, ଏବେ ଇରାନ କ୍ଷେତ୍ରରେ ତାହାର ପୁନରାବୃତ୍ତି ହେବାକୁ ଯାଉଥିବା ଅନେକ ସାମରିକ ବିଶେଷଜ୍ଞ ମତ ଦେଉଛନ୍ତି । ଏହି ଯୁଦ୍ଧ ପାଇଁ ଆମେରିକାକୁ ବହୁମୂଲ୍ୟ ଦେବାକୁ ପଡୁଛି । ପ୍ରତିଦିନ ପାଖାପାଖି ୧୦ ନିୟୁତ ଡଲାର ଖର୍ଚ୍ଚ ଆମେରିକା ରାଜକୋଷରୁ ହେଉଛି । ତାହାସହିତ ଉପସାଗରୀୟ ରାଷ୍ଟ୍ରଗୁଡିକରେ ଥିବା ଆମେରିକାର ସାମରିକ ସ୍ଥଳଗୁଡିକ ଇରାନର କ୍ଷେପଣାସ୍ତ୍ର, ଡ୍ରୋନ ଓ ରକେଟ ମାଡରେ ଗୁରୁତର କ୍ଷତିଗ୍ରସ୍ତ ହେଉଛି । ଯୁଦ୍ଧ ଲମ୍ବା ଚାଲିବା ଦେଖି ଆମେରିକା ନିଜର ମିତ୍ର ରାଷ୍ଟ୍ରସମୂହ ସମେତ ବିଶ୍ୱର ଅନେକ ରାଷ୍ଟ୍ରଙ୍କୁ ଏହାସହିତ ସାମିଲ ହୋଇ ହର୍ମୁଜ ପ୍ରଣାଳୀକୁ ଇରାନର ଅବରୋଧରୁ ମୁକ୍ତ କରିବାକୁ ବାରମ୍ବାର ଆହ୍ୱାନ ଦେଇଥିଲେ । କିନ୍ତୁ କୌଣସି ରାଷ୍ଟ୍ର ଟ୍ରମ୍ପଙ୍କର ଏହି ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି । ସେମାନେ ଏହି ଯୁଦ୍ଧରେ ସାମିଲ ନହେବାକୁ ସ୍ପଷ୍ଟ ଭାବରେ ଜଣାଇ ଦେଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଟ୍ରମ୍ପ ମଧ୍ୟପ୍ରାଚ୍ୟ ରାଷ୍ଟ୍ରସମୂହର ମଧ୍ୟସ୍ଥତାରେ ଏହି ଯୁଦ୍ଧରେ ପରିସମାପ୍ତ ଘଟାଇବାକୁ ପ୍ରୟାସ ମଧ୍ୟ କରିଥିଲେ, କିନ୍ତୁ ତାହା ସଫଳ ହେଲାନାହିଁ । ଅନ୍ୟ ଉପାୟ ନଦେଖି ଟ୍ରମ୍ପ ପାଞ୍ଚଦିନ ପର୍ଯ୍ୟନ୍ତ ଇରାନ ଉପରେ ଆକ୍ରମଣ ସ୍ଥଗିତ ରଖିବା ଏବଂ ଉକ୍ତ ରାଷ୍ଟ୍ର ସହିତ ଆଲୋଚନା ପାଇଁ ଆଗ୍ରହୀ ଥିବା ଘୋଷଣା କଲେ। କିନ୍ତୁ ଇରାନ ତାହାର କଡା ଜବାବ ଦେଇ ସ୍ପଷ୍ଟ ଭାବରେ ଜଣାଇଦେଲା ଯେ, ବର୍ତ୍ତମାନ ପରିସ୍ଥିତିରେ ଏହା କୌଣସି ପ୍ରକାର ଆଲୋଚନା କରିବ ନାହିଁ । କାରଣ ଯୁଦ୍ଧରେ ବିପୁଳ ଧନ, ଜନ ହରାଇଥିବା ଇରାନ ଏବେ ନିଜର ଅସ୍ତିତ୍ୱ ପାଇଁ ଲଢେଇ କରୁଥିବା ଘୋଷଣା କରିଛି । ଏହା ଆମେରିକା ଓ ଇସ୍ରାଏଲ ଉଭୟ ରାଷ୍ଟ୍ରକୁ ଜଣାଇଦେବାକୁ ଚାହୁଁଛି ଯେ, ସେମାନେ ଏହି ରାଷ୍ଟ୍ରକୁ ଏଭଳି ଦୁର୍ବଳ ଭାବିବା ସେମାନଙ୍କର ମସ୍ତବଡ ଭୁଲ । ଇରାନ ଯୁଦ୍ଧକୁ ନେଇ ବିଶ୍ୱରେ ତୈଳ ଓ ଗ୍ୟାସ ସଙ୍କଟ ଘନଉଥିବାବେଳେ ପ୍ରାୟ ୯୫ଟି ରାଷ୍ଟ୍ରରେ ଏହି ସାମଗ୍ରୀର ଦରବୃଦ୍ଧି ସହିତ ଅଭାବ ପରିସ୍ଥିତି ସୃଷ୍ଟି ହୋଇଛି । ଭାରତ ମଧ୍ୟ ଏଥିରୁ ବାଦ୍ ? ପଡିନାହିଁ । ପ୍ରାୟ ତିନି ସପ୍ତାହପରେ ଭାରତ ସରକାରଙ୍କ ନିଦ ଭାଙ୍ଗିଲା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ଡକାଇ ଏହା ଉପରେ ଆଲୋଚନା କରିଛନ୍ତି । ତାହାସହିତ ଦେଶରେ ଜନସାଧାରଣ ଏହି ପରିସ୍ଥିତିକୁ ନେଇ ଯେଭଳି ବିଶେଷ ସମସ୍ୟାର ସମ୍ମୁଖୀନ ହେବେନାହିଁ, ତାହା ନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କର ଯୁଦ୍ଧବିରତି ପ୍ରସ୍ତାବକୁ ଏକ ଷଡଯନ୍ତ୍ର ବୋଲି ଇରାନ ମନେକରୁଛି । ଆମେରିକା ନିଜର ରଣକୌଶଳ ବଦଳାଇବା ସହିତ ଇରାନକୁ ପରାସ୍ତ କରିବା ପାଇଁ ପୂର୍ଣ୍ଣ ଗୋଇନ୍ଦା ତଥ୍ୟ ସହିତ ପ୍ରସ୍ତୁତ ହେବାକୁ କିଛି ସମୟ ଚାହୁଁଥିବା ଟ୍ରମ୍ପଙ୍କ କଥା ପଛର ରହସ୍ୟ ବୋଲି ଅନେକ ମନେକରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସାରା ବିଶ୍ୱରେ ଶାନ୍ତି ଏବଂ ମୈତ୍ରୀଭାବ ସ୍ଥାପନ ସପକ୍ଷରେ ଭାରତ ଯୁକ୍ତି ଦର୍ଶାଇ ଆସୁଥିବା ଏବଂ ଏହା ଦେଶର କୂଟନୀତିର ମୂଳାଧାର ହୋଇଥିବାବେଳେ ଟ୍ରମ୍ପ କିନ୍ତୁ ଭାରତକୁ ଅଣଦେଖା କରିଛନ୍ତି । ଇରାନ ଯୁଦ୍ଧରେ ପରିସମାପ୍ତି ଘଟାଇବାକୁ ସେ ପାକିସ୍ତାନର ସେନାମୁଖ୍ୟ ଫିଲ୍ଡ (ଫେଲ୍ଡ) ମାର୍ଶାଲ ଆସିମ ମୁନିରଙ୍କ ଉପରେ ଭରସା ଜୁଟାଇଛନ୍ତି । ଦୁଇପକ୍ଷ ମଧ୍ୟରେ ପାକିସ୍ତାନରେ ଶାନ୍ତି ଆଲୋଚନା ପାଇଁ ଆମେରିକା ପ୍ରସ୍ତାବ ଦେଇଥିବାବେଳେ ଇରାନ ନିଜ କଥାରେ ଅଟଳ ରହି ଇସ୍ରାଏଲ ଓ ଆମେରିକାର ସାମରିକ ସ୍ଥଳଗୁଡିକରେ ଘନ ଘନ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଛି । ଏହାକୁ ନେଇ ଟ୍ରମ୍ପଙ୍କର ଅଡୁଆ ବଢିଯାଇଛି । ଏବେ ଟ୍ରମ୍ପ ପୁଣି ନିଜ କଥା ବଦଳାଇ ଇରାନରେ ସ୍ଥଳ ସେନା ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି । ବାସ୍ତବରେ ଟ୍ରମ୍ପ ଯଦି ସେଭଳି ପଦକ୍ଷେପ ନିଅନ୍ତି, ତେବେ ତାହା ତାଙ୍କ ପାଇଁ ମହଙ୍ଗା ପଡିବ ବୋଲି ସାମରିକ ବିଶାରଦମାନେ ମତ ଦେଉଛନ୍ତି । କାରଣ ଆମେରିକାର ମରିନ୍ ? କମାଣ୍ଡୋମାନେ ଇରାନରେ ପ୍ରବେଶ କରିଯିବେ ସତ, କିନ୍ତୁ ଇରାନର ଚକ୍ରବ୍ୟୂହରୁ ସେମାନେ ଫେରିବା ଅସମ୍ଭବ ହୋଇପଡିବ । ଏବେ ଆମେରିକା ସାମାନ୍ୟ ନିରବ ରହିଥିବାବେଳେ ଇରାନ-ଇସ୍ରାଏଲ ଯୁଦ୍ଧ ଭୟଙ୍କର ରୂପ ନେଇଛି । କହିବାକୁ ଗଲେ ଇରାନ ଯୁଦ୍ଧ ଟ୍ରମ୍ପଙ୍କ ପାଇଁ 'କଲେ ମଲି ନକଲେ ମଲି' ସଦୃଶ ହୋଇଛି । ଏହି ଯୁଦ୍ଧରେ ସେ ବାହାରି ପାରୁନାହାନ୍ତି, କିମ୍ବା ଯୁଦ୍ଧରେ ହେଉଥିବା ତାଙ୍କ ଦେଶର ବିପୁଳ ସାମରିକ ଓ କ୍ଷତିକୁ ସେ ସହିପାରୁନାହାନ୍ତି । ତାଙ୍କୁ ଏକମାତ୍ର ବୁଝାଇବା ଭଳି ଲୋକ ନେତାନ୍ୟାହୁ ହୋଇଥିବାବେଳେ ସେ 'ସାଥ୍ ? ମେଁ ଡୁବେଙ୍ଗେ ସନମ୍ ?' ନୀତିରେ ଟ୍ରମ୍ପଙ୍କୁ ଫସାଇ ଚାଲିଛନ୍ତି । ଅନ୍ୟପକ୍ଷରେ ଶାନ୍ତି ଆଲୋଚନା ପାଇଁ ଆମେରିକା ପ୍ରଶାସନ ପାକିସ୍ତାନ ଉପରେ ଭରସା କରିବା ଘଟଣାରୁ ଭାରତର କୂଟନୀତି ଏବଂ ବୈଦେଶିକ ନୀତିରେ ଛିଦ୍ର ହୋଇଥିବା ଅଥବା ଏହା କେଉଁଠି ନା କେଉଁଠି ବିଫଳ ହୋଇଥିବା କୁହାଯାଉଛି । ବିଶ୍ୱରେ ଆତଙ୍କବାଦୀଙ୍କ ରାଷ୍ଟ୍ର ଭାବରେ ପରିଚିତ ଆମେରିକାକୁ ଶାନ୍ତି ଆଲୋଚନା ପାଇଁ ନୋବେଲ ପୁରସ୍କାର ଆଶାୟୀ ଟ୍ରମ୍ପ ବାଛିବା ଘଟଣା ବିଶ୍ୱ ନେତୃବୃନ୍ଦଙ୍କୁ ଚକିତ କରିଛି । ତେବେ ଏହି ଯୁଦ୍ଧର ଗତି, ଇରାନର ନିଷ୍ପତ୍ତି ଏବଂ ଆମେରିକା ଓ ଇସ୍ରାଏଲର ପଦକ୍ଷେପ ମଧ୍ୟପ୍ରାଚ୍ୟ ସଙ୍କଟର ଦିଶା ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି ।

ନିହାର ପଟ୍ଟନାୟକ
ବରିଷ୍ଠ ସାମ୍ବାଦିକ,କଟକ

## ଚାଟଶାଳୀର ଗୁରୁବଂଶୀ, ମାଟିବଂଶ ଅବଧାନ

ଶରତ ନାୟକ



ଗୁରୁବଂଶୀ ମାଟିବଂଶ ଅବଧାନ। ଏହି ମାଟି ବଂଶ ସମାଜର ପୂର୍ବକାଳରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ବିଦ୍ୟାରମ୍ଭ ଠାରୁ ଆରମ୍ଭ କରି ଚାଟଶାଳୀରେ ପିଲାମାନଙ୍କୁ ପାଠ ପଢୁଥିଲେ। ଗୁରୁବଂଶୀ ଭାବେ ପରିଚିତ ଏହି ସମାଜ ସେତେବେଳେ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ଯେତେବେଳେ ଶିଶୁଟିଏ ବିଦ୍ୟା ଆରମ୍ଭ କରୁଥିଲା ମିଟି ବଂଶ ଅବଧାନ ଗୁରୁଙ୍କୁ ଖୋଜାଯାଏ। ସେହି ସମାଜର ଯେକୌଣସି ବ୍ୟକ୍ତି ଯେଉଁମାନେ ଏହି ଶିକ୍ଷା ପ୍ରଦାନ କରନ୍ତି ସେମାନେ ଆସି ଯଥା ବିଧି ପୂର୍ବକ ଖଡି ସାହାଯ୍ୟରେ ବ୍ରହ୍ମା, ବିଷ୍ଣୁ ମହେଶ୍ୱର ଭାବରେ ତିନି ଗୋଟି ଶୂନ ଆକୃତି କରି ବିଦ୍ୟାର୍ଥୀ ଙ୍କୁ ପ୍ରଦାନ କରିବା ପରେ ସେ ତା ଉପରେ ମଡାଇବା ଆରମ୍ଭ କରି ପରେ ଅ, ଆ ଆରମ୍ଭ କରି ଥାଏ। ଯେତେବେଳେ ବିଦ୍ୟାଳୟ ନଥିଲା ଏହିପରି ଭାବେ ଏହି ସମାଜର ଲୋକ ମାନେ ଗାଁ ଗାଁ ରେ ଚାଟଶାଳୀରେ ପାଠ ପଢାଉଥିଲେ। ତେବେ ଇଂରେଜ ମାନେ ଯେତେବେଳେ ଆସି ଶାସନ କଲେ ଏହି ସମାଜ ଦ୍ୱାରା ବିଦ୍ୟା ଧ୍ୟୟନ କରିବା ଜାଣିବା ପରେ ତା ଉପରେ ରୋକ ଲଗାଇଥିଲେ। ଯେଉଁଥିପାଇଁ ସେମାନଙ୍କ ଏହି ବୃତ୍ତିଟି ବନ୍ଦ ହୋଇ ଯାଇଥିଲା। ପରେ କିଛି ଉପାୟ ନପାଇ କୁଟୁମ୍ବ ପୋଷଣ ପାଇଁ ସେମାନେ ଲୁଗା ବୁଣି ପରିବାର ପୋଷଣ କଲେ। ପକୃତରେ ଏହି ଜାତି ବା ବଂଶ ଆଦି ମାତାଙ୍କ ଠାରୁ ଉପୃତି ଯୋଗୁଁ ଏମାନଙ୍କ ଗୋତ୍ର ହେଉଛି ଆଦିଶ ଗୋତ୍ର। ଏବଂ ସନ୍ତକ ହେଉଛି ଖଡ଼ି ଗୋଟାଳି ଓ ଲେଖନୀ।

ରାଜା ମହାରାଜା ଙ୍କ ପିଲାମାନଙ୍କୁ ବିଦ୍ୟା ଶିକ୍ଷା ଦେଉଥିଲେ। ସେହିପରି ଓଡିଶାର ବଡ଼ ବଡ଼ ମହାପୁରୁଷ ମାନେ ଏପରିକି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଠାରୁ ଆରମ୍ଭ କରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ମହାପୁରୁଷ ମାନେ ମଧ୍ୟ ଏହି ମାଟି ବଂଶ ଅବଧାନ ଙ୍କ ଠାରୁ ଚାଟଶାଳୀରେ ବିଦ୍ୟା ରମ୍ଭ କରିଥିଲେ ବୋଲି ବିଭିନ୍ନ ଗ୍ରନ୍ଥରେ ଉଲ୍ଲେଖ ରହିଛି। ଗୁରୁକୂଳର କ୍ଷିତି ବଂଶ ଅବଧାନ ସମାଜକୁ ସାକ୍ଷର କରିବାରେ ମୁଖ୍ୟ ଭୁମିକା ନିଭାଇଥିଲେ। ଚାଟଶାଳୀ ଠାରୁ ଆରମ୍ଭ କରି ବର୍ଣ୍ଣବୋଧ ଏବଂ ବିଭିନ୍ନ ପୁରାଣ ଶିକ୍ଷା ଦେଉଥିଲେ।

ଉକ୍ତ ଜାତିର ଇଷ୍ଟ ଦେବୀ ଯେପରି ଆଦିମତା ଇଷ୍ଟ ଦେବତା ହେଉଛନ୍ତି ମହାପ୍ରଭୁ ଲିଙ୍ଗରାଜ। ଯେଉଁଥିପାଇଁ ପ୍ରତିବର୍ଷ ଅଶୋକାଷ୍ଟମୀରେ ମହାପ୍ରଭୁଙ୍କୁ ଅଶୋକ ଫୁଲ ଚଢାଯିବା ସହିତ ଘର୍ଷଣ ଓ ମାର୍ଜନା କରାଯାଇଥା। ଏଠାରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଏହି ଜାତିର ଲୋକମାନେ ଯେଉଁ ଯେଉଁ ଅଞ୍ଚଳରେ ସେହି ଅଞ୍ଚଳର ମୁରବି ଶ୍ରେଣୀୟ ଲୋକ ମାନେ ରୁଣ୍ଡ ହୋଇ ମାଟିବଂଶ ସମାଜର ବିଭିନ୍ନ ସମସ୍ୟା ଏବଂ ତା'ର ସମାଧାନ ସହିତ ଉତ୍ଥାନ ସମ୍ପର୍କରେ ଆଲୋଚନା ହୋଇଥାଏ। ସେହିପରି ଯେକୌଣସି ବ୍ୟକ୍ତି ବିଶେଷ ମାନଙ୍କର ପୁଅ ହେଉ ଅବା ଝିଅ ବିବାହ ସମୟରେ ପ୍ରାରମ୍ଭରେ ଗାଁ' ର ମାଲିକଙ୍କ ସଭାପତିତ୍ୱରେ ସାଇବସା ସ୍ୱରୂପ ମହାପ୍ରଭୁ ଲିଙ୍ଗରାଜଙ୍କ ପୂଜା ସହିତ ଆଦିମାତାଙ୍କ ଯଥାବିଧି ପୂଜା ହୋଇ ଗୁଆ ଚଳା ଯିବା ସହିତ ଆରମ୍ଭ ହୋଇଥାଏ ବିବାହ ପ୍ରକ୍ରିୟା । ଏଥିସହିତ ଯେଉଁ ଗ୍ରାମରେ ଏହି ସମ୍ପ୍ରଦାୟର ଲୋକ ମାନେ ଅଛନ୍ତି ସେମାନଙ୍କ ପୂର୍ବ ପୁରୁଷ ମାନେ ଶହ ଶହ ବର୍ଷ ତଳୁ ଆରମ୍ଭ କରିଛନ୍ତି ଦଶହରା ବା ଦୂର୍ଗା ପୂଜା। ଯେ ହେତୁ ସେମାନଙ୍କ ଇଷ୍ଟ ଦେବୀ ଆଦିମତା ବା ଦୂର୍ଗା ଏମାନେ ଘରେ ଘରେ ମୁଣ୍ଡ ପିଛା ଚାନ୍ଦା ଆଦାୟ କରି ମୃଣ୍ମୟୀ ମୂର୍ତ୍ତି କରିବା ସହିତ ଏହାକୁ ସେମାନଙ୍କ ପର୍ବ ଭାବରେ ପାଳନ କରି ଘରେ ଘରେ ସଜ ବସାଯାଏ। ଘରେ ଘରେ କଳସ କୁ ନେଇ ଗ୍ରାମରେ ଥିବା ସମସ୍ତ ଗୁରୁବଂଶୀ ଏକତ୍ରୀତ ହୋଇ ପୁଷ୍କରିଣୀରେ ବ୍ରାହ୍ମଣ ଙ୍କ ଦ୍ୱାରା ପୂଜା କରେ କଳସାଧିବେଶ କରାଯାଇ ଠାକୁର ଘରେ ରଖାଯାଇ ଲେଖନୀ, ଖଡି ? ଗୋଟାଳି ଓ ପାଥି ଆଦି ସପ୍ତମୀ ଠାରୁ ଦଶହରା ପର୍ଯ୍ୟନ୍ତ ଚାରି ଦିନ ଯାକ ଘରକୁ ଘର ବୁଲି ପୂଜା କରନ୍ତି। ଦଶହରା ଶେଷ ଦିନ ପୂଜା ମଣ୍ଡପରେ ବିସର୍ଜନ ପରେ ଘରେ ବସା ଯାଇଥିବା କଳସ କୁ ପୁଣି ପୁଷ୍କରଣୀରେ ବିସର୍ଜନ କରାଯାଏ। ଏନ୍ୟ ଏକ ପ୍ରଥା ହେଉଛି ଏହି ଜାତିର ଯେଉଁ ବିବାହ ହୁଏ ତାହା ସମ ଗୋତ୍ରରେ ହୁଏ। କାରଣ ଯେଉଁ ଯେଉଁ ଠାରେ ଏହି ମାଟିବଂଶର ଲୋକ ମାନେ ଅଛନ୍ତି ସମସ୍ତଙ୍କର ଗୋଟିଏ ଗୋତ୍ର ଆଦିଶ ଗୋତ୍ର। ତେଣୁ ସମ ଗୋତ୍ରରେ ବିବାହ ହୋଇଥାଏ।

ଛତିଆ, ଯାଜପୁର
ଆଦିଶ ଗୋତ୍ର
୯୪୩୮୩୭୬୪୪

## ବନ୍ଧାହେଲେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି



ନେପାଳ, ୨୮/୩ : ନେପାଳରେ ନୂଆ ସରକାର ଗଠନ ହେବା ମାତ୍ରେ ରାଜନୈତିକ ବାତାବରଣ ସରଗରମ ହୋଇଛି । ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ନେତୃତ୍ୱରେ ଗଠିତ ସରକାର ଶପଥ ଗ୍ରହଣ କରିବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି । କାଠମାଣ୍ଡୁ: ନେପାଳରେ ନୂଆ ସରକାର ଗଠନ ହେବା ମାତ୍ରେ ରାଜନୈତିକ ବାତାବରଣ ସରଗରମ ହୋଇଛି । ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ନେତୃତ୍ୱରେ ଗଠିତ ସରକାର ଶପଥ ଗ୍ରହଣ କରିବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଏକ ବଡ଼ ପଦକ୍ଷେପ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଏବଂ ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକଙ୍କୁ ଗିରଫ କରିଛନ୍ତି । 'ଜେନ-ଜି' ବିକ୍ଷୋଭ ସମୟରେ ଛାତ୍ରମାନଙ୍କ ମୃତ୍ୟୁ ଘଟଣାରେ ଏହି ଦୁଇ ନେତାଙ୍କୁ ଦାୟୀ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବାଲେନ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟ୍ ବୈଠକରେ ତଦନ୍ତ କମିଶନଙ୍କ ରିପୋର୍ଟକୁ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରିପୋର୍ଟ ଅନୁଯାୟୀ, ବିକ୍ଷୋଭ ସମୟରେ ନିରୀହ ଛାତ୍ରଙ୍କ ଉପରକୁ ଗୁଳି ଚଳାଯାଇଥିଲା, ଯେଉଁଥିରେ ଅନେକ ଛାତ୍ରଙ୍କ ଜୀବନ ଯାଇଥିଲା। ସୂଚନା ଅନୁଯାୟୀ, ଆଜି ସକାଳୁ ପ୍ରଥମେ ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକଙ୍କୁ ହେପାଜତକୁ ନିଆଯାଇଥିଲା ଏବଂ କିଛି ସମୟ ପରେ ଓଲିଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହା ବ୍ୟତୀତ ତଦନ୍ତ ରିପୋର୍ଟରେ ପୁଲିସ ଏବଂ ସେନାର ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଛି। ସୁରକ୍ଷା ବଳର ଅଧିକାରୀମାନଙ୍କ ବିରୋଧରେ ତଦନ୍ତ ପାଇଁ ସରକାର ଏକ ନୂତନ କମିଟି ଗଠନ କରିଛନ୍ତି। ଏହି ଘଟଣା ନେପାଳ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି।

## ମହାନଦୀ କୂଳେ ପର୍ଯ୍ୟଟନ ରୂପରେଖ : ଓଡ଼ିଶାର ନୂତନ ସମ୍ଭାବନା


ସିତାଂଶୁ ଶେଖର ମିଶ୍ର



ଓଡ଼ିଶାର ଜୀବନରେଖା ଭାବେ ପରିଚିତ ମହାନଦୀ କେବଳ ଜଳସମ୍ପଦର ଉତ୍ସ ନୁହେଁ, ଏହା ଏକ ସମୃଦ୍ଧ ପ୍ରାକୃତିକ ଓ ସାଂସ୍କୃତିକ ଧରୋହର। ସମ୍ବଲପୁର ଠାରୁ ସାତକୋଶିଆ ଗଣ୍ଡ ପର୍ଯ୍ୟନ୍ତ ବିସ୍ତୃତ ଏହି ଅଞ୍ଚଳର ମନୋରମ ପରିବେଶ, ଘନ ଜଙ୍ଗଲ ଓ ପ୍ରବାହମାନ ଜଳଧାରାର ସମନ୍ୱୟ ଏହାକୁ ଏକ ବିଶିଷ୍ଟ ପର୍ଯ୍ୟଟନ ଗନ୍ତବ୍ୟ ରୂପେ ଗଢ଼ି ତୋଳିବାର ପ୍ରଚୁର ସମ୍ଭାବନା ସୃଷ୍ଟି କରିଛି ।ଏହି ପରିପ୍ରେକ୍ଷିତରେ ମହାନଦୀ କୂଳେ କୂଳେ ଏକ ସୁପରିକଳ୍ପିତ ଓ ସୁସଂଗଠିତ ପର୍ଯ୍ୟଟନ ରୂପରେଖା ଗଠନ କରିବା ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରକୁ ନୂତନ ଦିଗ ଦେଇପାରେ।

ପ୍ରଥମତଃ, ଏହି ଅଞ୍ଚଳର ପ୍ରାକୃତିକ ସମ୍ଭାବନା ଅତ୍ୟନ୍ତ ଉଚ୍ଚ। ସାତକୋଶିଆ ଟାଇଗର ରିଜର୍ଭ ଭଳି ଜୈବବିବିଧତା ସମୃଦ୍ଧ ଅଞ୍ଚଳ ପରିବେଶ-ଭିତ୍ତିକ ପର୍ଯ୍ୟଟନ ପାଇଁ ଉତ୍ତମ ଅବସର ପ୍ରଦାନ କରେ। ନଦୀ କୂଳରେ ବୋଟିଂ, କ୍ୟାମ୍ପିଂ, ନେଚର ଟ୍ରେଲ ଓ ବିଭିନ୍ନ ଆଡଭେଞ୍ଚର କ୍ରିୟାକଳାପ ଉନ୍ନତ କରାଯାଇପାରିବ। ଏହା ଦ୍ୱାରା ଦେଶୀୟ ଓ ବିଦେଶୀ ପର୍ଯ୍ୟଟକଙ୍କୁ ସହଜରେ ଆକର୍ଷିତ କରିହେବ।

ଦ୍ୱିତୀୟତଃ, ଏପରି ପର୍ଯ୍ୟଟନ ଉନ୍ନୟନ ଆର୍ଥିକ ଦୃଷ୍ଟିରୁ ମଧ୍ୟ ଲାଭକାରୀ ହୋଇପାରେ। ହୋଟେଲ, ପରିବହନ, ହସ୍ତଶିଳ୍ପ ଓ ଗାଇଡ ସେବା ଭଳି କ୍ଷେତ୍ରରେ ବ୍ୟାପକ ରୋଜଗାର ସୃଷ୍ଟି ହେବ। ଏହା ସ୍ଥାନୀୟ ଯୁବମାନଙ୍କୁ ନିଜ ଅଞ୍ଚଳରେ ଜୀବିକାର ସୁଯୋଗ ଦେବା ସହ ପ୍ରବାସ ପ୍ରବଣତାକୁ ମଧ୍ୟ କମାଇପାରିବ।

ତୃତୀୟତଃ, ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଏପରି ପରିକଳ୍ପନା ସଫଳତାର ସହ ରୂପାୟଣ ହୋଇଛି। ଅହମଦାବାଦର ସାବରମତୀ ରିଭରଫ୍ରଣ୍ଟ, ବାରାଣସୀର ଗଙ୍ଗା ରିଭରଫ୍ରଣ୍ଟ ଓ କୋଚିର ମେରାଇନ ଡ୍ରାଇଭ ଏହାର ଉଦାହରଣ। ଏହି ପ୍ରକଳ୍ପଗୁଡିକ ନଗରୀୟ ସୌନ୍ଦର୍ଯ୍ୟ ବୃଦ୍ଧି ସହ ପର୍ଯ୍ୟଟନ ଓ ଅର୍ଥନୀତିକୁ ଶକ୍ତିଶାଳୀ କରିଛି। ଏହି ମଡେଲ୍‌ଗୁଡିକୁ ଅନୁସରଣ କରି ଓଡ଼ିଶାରେ ମଧ୍ୟ ଏକ ସ୍ୱତନ୍ତ୍ର ଓ ପ୍ରକୃତି-ଅନୁକୂଳ ପର୍ଯ୍ୟଟନ ରୂପରେଖା ତିଆରି କରାଯାଇପାରିବ।

ତଥାପି, ଏହି ପରିକଳ୍ପନା ସହ କିଛି ଚ୍ୟାଲେଞ୍ଜ ମଧ୍ୟ ଜଡିତ। ପରିବେଶ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେବା ଆବଶ୍ୟକ, ବିଶେଷତଃ ସାତକୋଶିଆ ଟାଇଗର ରିଜର୍ଭ ଭଳି ସଂରକ୍ଷିତ ଅଞ୍ଚଳରେ। ଅନିୟନ୍ତ୍ରିତ ପର୍ଯ୍ୟଟନ ଜୀବଜନ୍ତୁ ଓ ପରିବେଶ ପାଇଁ କ୍ଷତିକାରକ ହୋଇପାରେ। ତେଣୁ ସ୍ଥିର ଓ ପରିବେଶ-ବନ୍ଧବ ମଡେଲ୍‌କୁ ଅନୁସରଣ କରିବା ଅତ୍ୟାବଶ୍ୟକ। ସେହିପରି, ରାସ୍ତା, ଯାତାୟାତ ଓ ସୁରକ୍ଷା ବ୍ୟବସ୍ଥା ଭଳି ଆଧାରଭୂତ ସୁବିଧାକୁ ସୁଦୃଢ଼ କରିବା ବିନା ଏହି ପ୍ରକଳ୍ପର ସଫଳତା ସମ୍ଭବ ନୁହେଁ। ଏହା ସହିତ, ସ୍ଥାନୀୟ ଲୋକଙ୍କ ସହଭାଗିତା ଏହି ପରିକଳ୍ପନାର ମୂଳ ଆଧାର ହେବା ଉଚିତ। ସେମାନଙ୍କୁ ଏହି ଉନ୍ନୟନ ପ୍ରକ୍ରିୟାର ସହଭାଗୀ କରାଯାଇଲେ, ପ୍ରକଳ୍ପ ଅଧିକ ସୁସ୍ଥିର ଓ ଲାଭଦାୟକ ହେବ।

ସେହିପରି, ସମ୍ବଲପୁର ଠାରୁ ସାତକୋଶିଆ ଗଣ୍ଡ ପର୍ଯ୍ୟନ୍ତ ମହାନଦୀ କୂଳରେ ଏକ ସୁପରିକଳ୍ପିତ ପର୍ଯ୍ୟଟନ ରୂପରେଖା କେବଳ ଉନ୍ନୟନର ଏକ ପଦକ୍ଷେପ ନୁହେଁ, ଏହା ଓଡ଼ିଶାର ଆର୍ଥିକ ଓ ସାମାଜିକ ପରିବର୍ତ୍ତନର ଏକ ନୂତନ ଅଧ୍ୟାୟ ହୋଇପାରେ। ଏହି ଦିଗରେ ଯଦି ତ୍ୱରିତ ଓ ଦୃଢ଼ ପଦକ୍ଷେପ ନିଆଯାଇନଥାଏ, ତେବେ ଏହି ବିଶାଳ ସମ୍ଭାବନା କେବଳ କାଗଜରେ ସୀମିତ ରହିଯିବ।

ଶାନ୍ତିନଗର,ସୋନପୁର
ଦୁରଭାଷ.୮୧୪୪୮ ୭୦୭୨୯

## ଗଞ୍ଜେଇ ଜବତ, ୨ ଗିରଫ

ଭଦ୍ରକ, ୨୮/୦୩ (ଜେଏନ୍ଏସ୍) : କାରରେ ଚାଲାଣ ହେଉଥିଲା ଗଞ୍ଜେଇ। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୪୪ କିଲୋ ଗଞ୍ଜେଇ ଜବତ କରିଛି ଭଦ୍ରକ ଅବକାରୀ ବିଭାଗ। ମୋବାଇଲ୍ ୟୁନିଟ୍ ନିୟମିତ ଯାଞ୍ଚ ବେଳେ କାରକୁ ଅଟକାଇଥିଲେ। ପ୍ରକାଶ ଥାଉକି, ଭଦ୍ରକ ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ନିୟମିତ ଯାଞ୍ଚ ବେଳେ ଏକ କାରକୁ ଅଟକାଇଥିଲେ। ଯାଞ୍ଚ ବେଳେ କାରର ଡୋର୍ ନ ଖୋଲିବା ସହ ଗାଡ଼ିକୁ ନେଇ ପଳାଇବାକୁ ଉଦ୍ୟମ କରିଥିଲେ ଚାଳକ। ଏହି ସମୟରେ ଅବକାରୀ ଅଧିକାରୀ ରାଜକିଶୋର ଜେନାଙ୍କ ସହ ପୁରା ଟିମ୍ ଗାଡ଼ିକୁ ଅଡା ପକାଇ ଅଟକାଇଥିଲେ। ଏହି ସମୟରେ ଗାଡ଼ିର କାଚ ଭାଙ୍ଗି ଅବକାରୀ ଅଧିକାରୀଙ୍କ ଟିମ୍ କାରରେ ଥିବା ଦୁଇ ଜଣଙ୍କୁ କାବୁ କରିବା ସହ କାରର ଯାଞ୍ଚ ବେଳେ ୪୪ କିଲୋ ଗଞ୍ଜେଇ ଜବତହୋଇଥିଲା । ଗିରଫ ଦୁଇ ଅଭିଯୁକ୍ତ ଫୁଲବାଣୀ ଅଞ୍ଚଳର ହୋଇଥିବା ସୂଚନା ମିଳିଥିବା ବେଳେ ଗଞ୍ଜେଇ ଫୁଲବାଣୀରୁ ବାଲେଶ୍ୱରକୁ ଯାଇଥିବା ସୂଚନା ଦେଇଛି ଅବକାରୀ ମୋବାଇଲ୍ ୟୁନିଟ୍। ଅବକାରୀ ଅଧିକାରୀ ନଟବର ମଲ୍ଲିକଙ୍କ ସମେତ ଅନ୍ୟ ଅବକାରୀ ଅଧିକାରୀମାନେ ସାମିଲ ଥିଲେ।

## ବ୍ରହ୍ମପୁରରେ ବ୍ୟବସାୟୀଙ୍କ ଘରୁ ଚୋରି

ବ୍ରହ୍ମପୁର, ୨୮/୦୩ (ଜେଏନ୍ଏସ୍) : ପ୍ରଭାକର ରାଓଙ୍କ ଘରେ ଥିବା ସମସ୍ତ ସୁନା ଅଳଙ୍କାର ନେଇଯାଇଛନ୍ତି ଚୋର। ତାଙ୍କ ଅଭିଯୋଗ ଅନୁଯାୟୀ ଚୋରମାନେ ପ୍ରାୟ ୧ କେଜି ୨୦୦ ଗ୍ରାମର ସୁନା ଅଳଙ୍କାର ନେଇ ଯାଇଛନ୍ତି। ଏହାର ମୂଲ୍ୟ ଦେଢ଼ କୋଟି ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ବ୍ରହ୍ମପୁରର ବଡ଼ ବଜାର ଥାନା ଅନ୍ତର୍ଗତ ପ୍ରେମ ନଗରର ସପ୍ତମ ଲାଇନରେ ରହୁଥିବା ବ୍ୟବସାୟୀ ପି. ରାଜ ପ୍ରଭାକର ରାଓଙ୍କ ଘରୁ ଆଜି ଚୋରି ହୋଇଛି। ପ୍ରଭାକର ରାଓ ଆଜି ସକାଳେ ଚାଲିବାକୁ ଯାଇଥିଲେ। ଫେରିଲା ପରେ ଦେଖିଥିଲେ ଘରର ତାଲା ବଦଳି ଯାଇଛି। ତେଣୁ କିଛି ଅଘଟଣ ଘଟିଥିବା ନେଇ ତାଙ୍କର ସନ୍ଦେହ ହୋଇଥିଲା। ଏହା ପରେ ଉକ୍ତ ତାଲାକୁ ଭଙ୍ଗା ଯାଇଥିଲା। ଘରେ ପ୍ରବେଶ କରିବା ପରେ ସେ ଜାଣିବାକୁ ପାଇଲେ ଯେ ତାଙ୍କ ଘରୁ ଚୋରି ହୋଇଛି। ପ୍ରଭାକର ରାଓଙ୍କ ଘରେ ଥିବା ସମସ୍ତ ସୁନା ଅଳଙ୍କାର ନେଇଯାଇଛନ୍ତି ଚୋର। ତାଙ୍କ ଅଭିଯୋଗ ଅନୁଯାୟୀ ଚୋରମାନେ ପ୍ରାୟ ୧ କେଜି ୨୦୦ ଗ୍ରାମର ସୁନା ଅଳଙ୍କାର ନେଇ ଯାଇଛନ୍ତି। ଏହାର ମୂଲ୍ୟ ଦେଢ଼ କୋଟି ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ସୁନା ଅଳଙ୍କାର ସହିତ ଘରେ ଥିବା ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ମଧ୍ୟ ନେଇ ଯାଇଛନ୍ତି ଚୋର। ଖବର ପାଇ ବଡ଼ ବଜାର ଥାନା ପୁଲିସ ପହଞ୍ଚି ଘରେ ଯାଞ୍ଚ କରିଥିଲା। ପୁଲିସର ତଦନ୍ତ ଜାରି ରହିଥିବା ବେଳେ ବ୍ରହ୍ମପୁର ଏସ୍‌ପି କହିଛନ୍ତି ଯେ ଖୁବ୍‌ଶୀଘ୍ର ଚୋରଙ୍କୁ ଧରାଯିବ। ପି. ରାଜ ପ୍ରଭାକର ରାଓ କହିଛନ୍ତି, ୧୦ ଦିନ ହେଲାଣି ଘରେ କେହି ନାହାନ୍ତି। ମୁଁ ଏକୁଟିଆ ରହୁଛି। ମୁଁ ସବୁଦିନେ ଭୋର ୪ଟାରୁ ସାଢ଼େ ୪ଟା ଭିତରେ ମର୍ଣ୍ଣିଂ ୱାକ୍‌ରେ ଯାଏ। ଆଜି ବି ମୁଁ ଭୋର ୪ଟା ବେଳକୁ ଯାଇଥିଲି। ସକାଳ ୧୦ଟା ବେଳକୁ ମୁଁ ଘରକୁ ଫେରିଥିଲି। ଘରର ମୁଖ୍ୟ ଦ୍ୱାରର ତାଲା ବଦଳି ଯାଇଥିବା ଦେଖିଥିଲି। ତା'ପରେ ସାଇ ଲୋକଙ୍କୁ ଡାକିଥିଲି। ତା'ପରେ ଉକ୍ତ ତାଲାଟିକୁ ଭାଙ୍ଗି ଦେଇଥିଲୁ। ଘର ଭିତରେ ପ୍ରବେଶ କରିବା ପରେ ଦେଖିଲି ସବୁ ରୁମ୍‌ର ତାଲା ଭାଙ୍ଗି ଆଲମିରା ଲକ୍ ଭାଙ୍ଗି ସୁନାଗହଣା ଚୋରି କରାଯାଇଥିବା ଦେଖିଲୁ। ସୁନା ଅଳଙ୍କାର ନେଇଯାଇଛନ୍ତି। କିନ୍ତୁ ରୁପା ଅଳଙ୍କାର ନେଇ ନାହାନ୍ତି।

## ବିଶ୍ୱ ପ୍ରସିଦ୍ଧ ଚଡ଼କ ପର୍ବ ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୨୮/୦୩ (ଜେଏନ୍ଏସ୍) : ଆସନ୍ତା ଏପ୍ରିଲ ୩ ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଛି ବାବା ଚନ୍ଦନେଶ୍ୱରଙ୍କ ବିଶ୍ୱ ପ୍ରସିଦ୍ଧ ଚଡ଼କ ପର୍ବ। ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ସେବାୟତଙ୍କୁ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ସମେତେ ଭୋଗରାଇ ତହସିଲଦାର, ଜଳେଶ୍ୱର ଏସ୍‌ଡିପିଓ, ତାଳସାରୀ ମେରାଇନ ପୁଲିସ ଓ ସେବାୟତଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବିଶ୍ୱ ପ୍ରସିଦ୍ଧ ଚଡ଼କ ପର୍ବରେ ବାବା ଚନ୍ଦନେଶ୍ୱରଙ୍କୁ ଅର୍ଘ୍ୟ ଦେବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ପ୍ରବଳ ଭିଡ଼ ଯୋଗୁ ଠେଲାପେଲା ସ୍ଥିତି ଉପୁଜିଥାଏ, ଯାହା ପୁଲିସ୍ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ୨୫ ରୁ ଅଧିକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥର ୨୦ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଥିବା ନେଇ ଆକଳନ କରାଯାଇଛି। ବାବା ଚନ୍ଦନେଶ୍ୱରଙ୍କ ବିଶ୍ୱ ପ୍ରସିଦ୍ଧ ଚଡ଼କ ପର୍ବ ଏପ୍ରିଲ ୩ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ। ସେଥିପାଇଁ ପୁଲିସ୍ ସହିତ ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ ବିଭାଗ ଓ ଅଗ୍ନିଶମ ବାହିନୀକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବାବାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ରେଢ଼ାଖୋଲ, ୨୮/୦୩ (ଜେଏନ୍ଏସ୍) : ନିଶା ଔଷଧ ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ରେଢ଼ାଖୋଲ ଥାନା ବୈଷ୍ଣବଝୁଲି ଆଶ୍ରମର ବାବା ପ୍ରଫୁଲ୍ଲ ମହାଲ୍ଲିଙ୍କୁ ରେଢ଼ାଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟ ୨୦ ବର୍ଷ ସଶ୍ରମ କାରାଦାଣ୍ଡାଦେଶ ଦେଇଛନ୍ତି। ଏହା ସହିତ ତାଙ୍କ ଉପରେ ୧୦ ହଜାର ଟଙ୍କାର ଜୋରିମାନା ପକାଇଛନ୍ତି। ଜୋରିମାନା ଦେଇ ନପାରିଲେ ତାଙ୍କୁ ଆଉ ଗୋଟିଏ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପୀଡ଼ିତାଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଏହି ଘଟଣା ଘଟିଥିଲା ୨୦୨୪ ମସିହା ଡିସେମ୍ବର ମାସ ୫ ତାରିଖରେ। ଯୁବତୀ ଜଣଙ୍କ ଅସୁସ୍ଥ ଥିଲେ। ତେଣୁ ସେ ବୈଷ୍ଣବଝୁଲି ଆଶ୍ରମର ବାବା ପ୍ରଫୁଲ୍ଲ ମହାଲ୍ଲିଙ୍କ ନିକଟକୁ ଯାଇଥିଲେ। ବାବା ତାଙ୍କୁ କିଛି ଚେରମୂଳି ଔଷଧ ସହିତ ୪ଟି ନିଶା ବଟିକା ଖାଇବାକୁ ଦେଇଥିଲେ।

# ବଣ ମୂଳକରେ ମହକୁଛି ମହୁଲ, ହେଲେ ସଂଗ୍ରହକାରୀ ପାଉନାହାନ୍ତି ଉଚିତ ମୂଲ୍ୟ



କୋରାପୁଟ, ୨୮/୦୩ (ଶରତ ନାୟକ) : ଝଡ଼ିଲାଣି ମହୁଲ ଫୁଲ। ଏହାର ବାସ୍ନାରେ ବଣ ମୁଲକର ଠାରୁ ଆରମ୍ଭ କରି ମହକି ଉଠୁଛି ପୁର ପଲ୍ଲୀ। ଅବିଭକ୍ତ କୋରାପୁଟ ଜିଲାର ବଣ ପାହାଡ଼ ଘେରା ଅଞ୍ଚଳରେ ରହୁଥିବା ଆଦିମ ଜନଜାତି ଲୋକେ ବିଶେଷ କରି ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ସେଥି ମଧ୍ୟରେ ମହୁଲ ଏକ ଅନ୍ୟତମ ବନଜାତ ଦ୍ରବ୍ୟ। ବିଶେଷକରି ଫଗୁଣ - ଚୈତ୍ର ଦୁଇ ମାସ ଧରି ଏହି ଜିଲାର ଆଦିବାସୀ ମହୁଲ ସାଉଣ୍ଟିବା କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି। ଗାଁ ଠାରୁ ଦୂରରେ ଥିବା ଜଙ୍ଗଲରେ ମହୁଲ ଗଛ ମୂଳକୁ ପ୍ରତିଦିନ ଚାଲି ଯାଆନ୍ତି ମହୁଲ ସାଉଣ୍ଟିବା ପାଇଁ। ବଣ, ପାହାଡ଼ର ଥିବା ମହୁଲ ଗଛ ଗୁଡ଼ିକ ଯେଉଁଠି ଯାହାର ଅଛି ତାହା ସେମାନଙ୍କ ପୂର୍ବ ପୁରୁଷ ମାନେ ନିର୍ଦ୍ଧାରିତ କରି ଯାଇଛନ୍ତି। ଦୁଇ ମାସ ଧରି ଏହି ଅଞ୍ଚଳର ମହିଳା, ପୁରୁଷ ମାନେ ସେମାନଙ୍କ ପିଲା ଛୁଆ ମାନଙ୍କୁ ଧରି ବଡ଼ି ଭୋରୁ ବାହାରି ରାତିର ବାସୀ ଭାତ ନେଇ ଯାଇ ଥାଆନ୍ତି ଖାଇବା ନିମନ୍ତେ। ମହୁଲ ତଳେ ପଡ଼ିବା ପରେ କାଳେ ସେଗୁଡିକ ଗାଈ ଗୋରୁ ଖାଇଯିବେ ସେଥିପାଇଁ ଜଗି ରୁହନ୍ତି। ଖରା ପଡ଼ିବା ପରେ ଅଧିକରୁ ଅଧିକ ମହୁଲ ଝଡ଼ିବା ଆରମ୍ଭ ହେଲେ ତାହାକୁ ସେମାନେ ବୁଲି ବୁଲି ଗୋଟାଇ ଥାଆନ୍ତି। ପ୍ରାୟ ଅପରାହ୍ନ ୧୨ଟା ବେଳକୁ ସେଗୁଡ଼ିକ ଏକତ୍ର କରି ଘରକୁ ନେଇ ଫେରନ୍ତି। ତା ପରେ ସେଗୁଡ଼ିକ ଘର ଦାଣ୍ଡରେ କିମ୍ବା ଛପର ଉପରେ ସୁଖାଇ ଗାଧୁଆ ପାଧୁଆ କରି ଖିଆପିଆ କରନ୍ତି। କିଛି ସମୟ ବିଶ୍ରାମ କରି ପୁଣି ବାହାରି ପଡ଼ନ୍ତି ଜଙ୍ଗଲ ମୂଳକକୁ। ପୁଣି ଜଗିରହି ଅପରାହ୍ନ ୪ ପର୍ଯ୍ୟନ୍ତ ମହୁଲ ଗୋଟାଇ ଘରକୁ ଫେରନ୍ତି। ସଂଗୃହୀତ ମହୁଲ ଗୋଟିଏ ଦିନର ମହୁଲ କୁ ପ୍ରାୟ ତିନି ଦିନ ଶୁଖାଇ ସେଗୁଡ଼ିକୁ ସାଇତି ରଖିଥାନ୍ତି। ଗୋଟାଇ ଥିବା ମହୁଲ ସୁଖିଲା ପରେ ଅଢେଇ କିଲୋକୁ ପ୍ରାୟ ଏକ କିଲୋ ହୋଇଯାଏ। ଦିନକୁ ଜଣେ ଲୋକ ୫ ରୁ ୧୦ କିଲୋ ପର୍ଯ୍ୟନ୍ତ କଞ୍ଚା ମହୁଲ ସାଉଣ୍ଟି ଥାଆନ୍ତି। ସେହିପରି ଗୋଟିଏ ଗୋଟିଏ ପରିବାର ମିଶି ଦିନକୁ ୨୦ରୁ ୨୫ କାଲୋ ସଂଗ୍ରହ କରିଥା'ନ୍ତି। ଆଦିମ ଜନଜାତିର ଲୋକମାନେ ମହୁଲ କୁ ଏକ ଲାଭଦାୟକ ଅର୍ଥ ଉପାର୍ଜନ କାରୀ ବନଜାତ ଦ୍ରବ୍ୟ ଭାବେ ଗ୍ରହଣ କରିଥାନ୍ତି। ଅମଳ ପରେ ପୁରୁଷ ଓ ମହିଳା ବେପାରୀ ମାନେ ଏହାକୁ କିଣି ନିଅନ୍ତି। ଅବିଭକ୍ତ କୋରାପୁଟ ଜିଲାର କାଶୀପୁର, କଲ୍ୟାଣ ସିଂହପୁର, ରାମାଗୁଡା, ବିଷମକଟକ, ବୈପାରୀଗୁଡ଼ା, ଲକ୍ଷ୍ମୀପୁର, ଦଶମନ୍ତପୁର, ପଟାଙ୍ଗି ଆଦି ବ୍ଲକର ଜଙ୍ଗଲ ଅଞ୍ଚଳରେ ବହୁ ପରିମାଣରେ ମହୁଲ ଗଛ ସବୁ ଦେଖିବାକୁ ମିଳେ। ପର୍ବ ପର୍ବାଣୀ ଠାରୁ ଆରମ୍ଭ କରି ଜନ୍ମ ଓ ମୃତ୍ୟୁ ପର୍ଯ୍ୟନ୍ତ ଆଦିମ ଜନଜାତିର ଲୋକ ମାନଙ୍କର ମହୁଲି ମଦର ଆବଶ୍ୟକ ହୋଇଥାଏ। ଆବଶ୍ୟକତା ସମୟରେ ଘରେ ସାଇତି ରଖିବା ମହୁଲ ରାନ୍ଧି ମଦ ପ୍ରସ୍ତୁତ କରି ବନ୍ଧୁ, ପରିଜନ ଓ କୁଟୁମ୍ବମାନଙ୍କୁ ଆପାୟିତ କରିଥାନ୍ତି। ଗୋ ଖାଦ୍ୟ ଆଦି ପାଇଁ ଏହାକୁ ବେପାରୀ ମାନେ କିଣି ନିଅନ୍ତି। ତେବେ ସରକାରଙ୍କ ପକ୍ଷରୁ ଏହାର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଠିକ୍ ସମୟରେ ହୋଇ ପାରୁ ନଥିବାରୁ ସଂଗ୍ରହ କାରୀ ଆଦିବାସୀ ମାନେ ଏହାର ଉଚିତ୍ ମୂଲ୍ୟ ପାଇ ପାରୁ ନଥିବା ବେଳେ ବେପାରୀ ମାଲେମାଲ ହେଉଛନ୍ତି।

## ଭିଜିଲାନ୍ସ ପଞ୍ଝାରେ ଏସଡିଓ

ଭଞ୍ଜନଗର, ୨୮/୦୩ (ଜେଏନ୍ଏସ୍) : ଭିଜିଲାନ୍ସ ଜାଲରେ ଏସଡିଓ। ଗଞ୍ଜାମ ଡହ ଜଳସେଚନ ବିଭାଗ ଏସଡିଓ ପଞ୍ଚୁ ବେହେରା ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଞ୍ଜନଗର ଡହ ଜଳଭଣ୍ଡାର କାର୍ଯ୍ୟାଳୟ, ପୋଲସରା ଓ ବ୍ରହ୍ମପୁର ଭଳି ଏକକାଳୀନ ୫ଟି ସ୍ଥାନରେ ଚଢାଉ ଜାରି ରହିଛି। ୩ ଜଣ ଡିଏସପି ଏବଂ ୭ ଜଣ ଜଣ ଇନ୍ସପେକ୍ଟର ଚଢ଼ାଉରେ ସାମିଲ ରହିଛନ୍ତି। ବ୍ରହ୍ମପୁରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଆଦେଶ ବଳରେ ଏହି ଚଢ଼ାଉ କରାଯାଉଥିବା ଜଣାଯାଇଛି। ବ୍ରହ୍ମପୁରର ବସନ୍ତ ବିହାରରେ ଥିବା ଆବାସିକ ତିନିମହଲା କୋଠା, ଭଞ୍ଜନଗରରେ ଥିବା ସରକାରୀ କ୍ୱାର୍ଟର୍, ଭଞ୍ଜନଗରରେ ଥିବା ଅଫିସ୍ ଚାମ୍ବର, ପୋଲାସରାରେ ଥିବା ପୈତୃକ ଘର, ବ୍ରହ୍ମପୁରର ବୀମା ନଗରରେ ତାଙ୍କ ସମ୍ପର୍କୀୟଙ୍କ ଘରେ ଚଢାଉ ଜାରି ରହିଥିବା ସୂଚନା ମିଳିଛି।

# ବରଗଡ଼ ରୋଡ୍ ହେଉଛି ପୂର୍ବତଟ ରେଳପଥର ଏକ ଚିର-ଅବହେଳିତ ରେଳଷ୍ଟେସନ

ବରଗଡ଼, ୨୮/୦୩ (ଜେଏନ୍ଏସ୍) : ବରଗଡ଼ ରୋଡ୍ ହେଉଛି ପୂର୍ବତଟ ରେଳପଥର ଏକ ଚିର-ଅବହେଳିତ ରେଳଷ୍ଟେସନ। ଏହା ସମ୍ବଲପୁର-ଟିଟିଲାଗଡ ସେକ୍ସନରେ ଅବସ୍ଥିତ। ଏହି ସେକ୍ସନ ଦେଇ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଯିବା ପାଇଁ କୌଣସି ସକାଳୁଆ ଇଣ୍ଟରସିଟି କିମ୍ବା ଦିଲ୍ଲୀ ଓ ପ୍ରୟାଗରାଜ ଯିବା ପାଇଁ କୌଣସି ଟ୍ରେନ ନାହିଁ। ସମ୍ବଲପୁର-ଟିଟିଲାଗଡ ସେକ୍ସନ ୧୯୬୩ ରୁ ଆରମ୍ଭ ହୋଇଥିବା ବେଳେ ସମ୍ବଲପୁର-ଅନୁଗୋଳ ସେକ୍ସନ ୧୯୯୯ ରୁ ଆରମ୍ଭ ହୋଇଛି। ୩୬ ବର୍ଷ ପରେ ଆରମ୍ଭ ହୋଇଥିଲେ ସୁଦ୍ଧା ଉକ୍ତ ସେକ୍ସନ ଦେଇ ଭୁବନେଶ୍ୱର ପାଇଁ ଦୁଇଟି ସକାଳୁଆ ଇଣ୍ଟରସିଟି, ଦିଲ୍ଲୀ ପାଇଁ ତିନୋଟି ଟ୍ରେନ ତଥା ପ୍ରୟାଗରାଜ ପାଇଁ ଦୁଇଟି ଟ୍ରେନ୍ ଚାଲୁଛି। ବରଗଡ଼ ଓ ବଲାଙ୍ଗୀରର ଜନସାଧାରଣଙ୍କୁ




ଏଥିପାଇଁ ସମ୍ବଲପୁର କିମ୍ବା ଟିଟିଲାଗଡକୁ ଯାଇ ଟ୍ରେନ ଧରିବାକୁ ପଡୁଛି।
ଏହି ଦୁଇଟି ଟ୍ରେନ ଚଳାଇବା ପାଇଁ ଲୋକଙ୍କ ଦାବିକୁ ବିଭିନ୍ନ ବାହାନା ଦେଖାଇ ରେଳବାଇ ଦ୍ୱାରା ବାରମ୍ବାର ଅଗ୍ରାହ୍ୟ କରାଯାଉଛି। ଲାଇନ୍ ଦୋହରୀକରଣ ପରେ ଏହି ସୁବିଧା ଦିଆଯିବ ବୋଲି ପ୍ରଥମେ କହୁଥିଲେ, ପରେ ପିଟ ଲାଇନ୍ ନ ଥିବାରୁ ଏହା ସମ୍ଭବ ନୁହେଁ ବୋଲି କହୁଛନ୍ତି। ପିଟ ଲାଇନ୍ ବାହାନାକୁ ଏଡ଼ାଇବା ପାଇଁ ବରଗଡ଼ ରେଳ ଉପଭୋକ୍ତା ସଂଘ ଦୁଇଟି ବିକଳ୍ପ ପ୍ରସ୍ତାବ ମଧ୍ୟ ଦେଇଥିଲା। ପ୍ରଥମତଃ, ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ଦୁଇ ରେକ୍ ବିଶିଷ୍ଟ ଟ୍ରେନ ରୂପେ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ପୁରୀରେ ୱାସିଙ୍ଗ କରିବା ଏବଂ ଦ୍ୱିତୀୟରେ ବଲାଙ୍ଗୀରରୁ ଭୁବନେଶ୍ୱର ସକାଳୁଆ ଇଣ୍ଟରସିଟି ଚଳାଇ ଭୁବନେଶ୍ୱରରେ ୱାସିଙ୍ଗ କରିବା। ଏପରିକି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ସହିତ ସଂଘର କର୍ମକର୍ତ୍ତାମାନେ ଭୁବନେଶ୍ୱରରେ ପୂର୍ବତଟ ମହା-ପ୍ରବନ୍ଧକଙ୍କ ସହିତ ସାକ୍ଷାତ କରି ଏହି ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା। କିନ୍ତୁ, ଫଳ କିଛି ନାହିଁ। ବରଗଡ଼ ସାଂସଦ ଶ୍ରୀଯୁକ୍ତ ପୁରୋହିତ ସଂସଦରେ ମଧ୍ୟ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ବିଷୟରେ ପ୍ରଶ୍ନ କରିଥିଲେ।
ଯାତ୍ରୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଏକ ସାଧାରଣ କାର୍ଯ୍ୟକୁ କରିବା ପାଇଁ ରେଳ ବିଭାଗ ଏପରିକି ସାଂସଦଙ୍କ ଅନୁରୋଧକୁ ମଧ୍ୟ ଅଣଦେଖା କରିବା ଗଣତନ୍ତ୍ର ପାଇଁ ଏକ ଶୁଭ ସଙ୍କେତ ନୁହେଁ। ଏବେ ସାଂସଦ ଶ୍ରୀଯୁକ୍ତ ପୁରୋହିତ ରେଳମନ୍ତ୍ରୀଙ୍କୁ ନିଜ ନିର୍ବାଚନ ମଣ୍ଡଳୀର ରେଳସମସ୍ୟାକୁ ନେଇ ୯ ଦଫା ସମ୍ବଳିତ ଏକ ପତ୍ର ଲେଖିଛନ୍ତି। ସେଥିରେ ମୁଖ୍ୟତଃ ବ୍ରଜରାଜନଗର ତଥା ଝାରସୁଗୁଡ଼ା ଜିଲ୍ଲାର ଅନ୍ୟାନ୍ୟ ରେଳ ସମସ୍ୟା ବିଷୟରେ ଲେଖିଛନ୍ତି। ଏହାଛଡ଼ା ଇସ୍ପାତ୍ ଏକ୍ସପ୍ରେସର ଅସାଧାରଣ ୧୨/୧୮ ଘଣ୍ଟା ବିଳମ୍ବରେ ଚାଲିବା, ବରଗଡ଼-ନୂଆପଡା ରେଳଲାଇନ୍ ର ପ୍ରଗତିରେ କ୍ଷୀପ୍ରତା ଆଣିବା ତଥା ବରପାଲିରେ କେତେକ ଟ୍ରେନର ରହଣୀ ସମ୍ବନ୍ଧରେ ଲେଖିଛନ୍ତି। ଜଣେ ସାଂସଦ ରୂପରେ ସେ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପନ୍ନ କରିଛନ୍ତି। କିନ୍ତୁ, ଏହି ପତ୍ରରେ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ବିଷୟରେ ଗୋଟିଏ ଧାଡ଼ି ଲେଖିଥିଲେ ଭଲ ହୋଇଥାନ୍ତା ବୋଲି ବରଗଡ଼ ବାସୀଙ୍କ ଧାରଣା।

## କାମାକ୍ଷାନଗରରେ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ଢେଙ୍କାନାଳ, ୨୮/୦୩ (ଜେଏନ୍ଏସ୍) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳରେ ଜଣେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅଭିଯୁକ୍ତକୁ ଧରିଛି ପୋଲିସ। ତା' ନାଁ ଗଙ୍ଗାଧର ପାତ୍ର। ତା' ଘର କାମାକ୍ଷାନଗର ଥାନା ସାଆନ୍ତାରାପୁର ଗାଁରେ। ପୋଲିସ୍ ଆଗରେ ସେ ଦୋଷ ସ୍ୱୀକାର କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତାକୁ ଧରିବା ପରେ ସିନ୍ ରିକ୍ରିଏସନ୍ କରାଇଛି ପୋଲିସ। ସୂଚନା ଅନୁଯାୟୀ, ଯୁକ୍ତ ଦୁଇ ପ୍ରଥମ ବର୍ଷର ଏହି ଛାତ୍ରୀ ଜଣଙ୍କ ଗତ ୧୮ ତାରିଖରେ କଲେଜରେ ପରୀକ୍ଷା ଦେବା ପରେ କାମାକ୍ଷାନଗର ସହରର ଜଗନ୍ନାଥ ବଜାର ଛକରେ ଛିଡ଼ା ହୋଇଥିଲେ। ସେହି ସମୟରେ ଜଗା ଏକ କାର ଯୋଗେ ସେଠାରେ ପହଞ୍ଚିଥିଲା ଓ ଛାତ୍ରୀଙ୍କୁ ନେଇ ସହର ନିକଟରେ ଥିବା ପଲ୍ଲୀଗ୍ରାମ ଜଙ୍ଗଲକୁ ଯାଇଥିଲା। ସେଠାରେ ଅଭିଯୁକ୍ତ ଜଗା ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲା। ଏହାପରେ ଛାତ୍ରୀଙ୍କର ରକ୍ତସ୍ରାବ ହୋଇଥିଲା। ଜଗା ଛାତ୍ରୀ ଜଣଙ୍କୁ କାମାକ୍ଷାନଗର ସହରକୁ ଆଣିଥିଲା। ସହରର ମହିମାଟୁଙ୍ଗି ନିକଟରେ ପହଂଚିବା ପରେ ଛାତ୍ରୀଙ୍କ ପାଇଁ କାହାକୁ କହି ନୂଆ ପ୍ୟାଣ୍ଟ ଓ ସାନିଟାରୀ ନାପକିନ ମଗାଇ ପୁଣି ଜଙ୍ଗଲକୁ ନେଇ ଯାଇଥିଲା। ତେବେ ଜଙ୍ଗଲରେ ପହଞ୍ଚିବା ପରେ ହଠାତ୍ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହୋଇଥିଲା। ରକ୍ତସ୍ରାବ ବନ୍ଦ ହୋଇନଥିଲା। ଫଳରେ ସେଠାରେ ଛାତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା। ଛାତ୍ରୀଙ୍କ ମୃତ୍ୟୁ ଘଟିବା ପରେ ଜଗା କୌଣସି ଉପାୟ ନପାଇ ପଲ୍ଲୀଗ୍ରାମ ଜଙ୍ଗଲରୁ ରାମେଶ୍ୱର ମନ୍ଦିର ରାମିଆଳ ନଦୀ ହୁଡ଼ାକୁ ଆସିଥିଲା। ସେଠାରେ ହୁଡ଼ା ତଳ ଜଙ୍ଗଲରେ ଛାତ୍ରୀଙ୍କ ପାଇଁ କିଣିଥିବା ନୂଆ ପ୍ୟାଣ୍ଟ, ସାନିଟାରୀ ନାପକିନକୁ ଫିଙ୍ଗି ଦେଇଥିଲା ଓ କାର ଯୋଗେ ମୃତଦେହକୁ ନେଇ ସାରୁଆଳି ଗାଁ ନିକଟରେ ଥିବା ଜଙ୍ଗଲରେ ଫିଙ୍ଗି ଦେଇଥିଲା। ରାତି ପ୍ରାୟ ୧୧ ରୁ ୧୨ ଟା ମଧ୍ୟରେ ସେ ସେଠାରେ ଛାତ୍ରୀଙ୍କ ମୃତଦେହକୁ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲା। ଘଟଣା ଘଟିବାର ତିନି ଦିନ ପରେ କାମାକ୍ଷାନଗର ପୁଲିସ୍ ଆଜି ଅଭିଯୁକ୍ତ ଗଙ୍ଗାଧର ପାତ୍ରକୁ ଢେଙ୍କାନାଳ-କେନ୍ଦୁଝର ଜିଲ୍ଲା ସୀମାନ୍ତରେ ଥିବା ଏକ ଗାଁରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଧରିବାରେ ସକ୍ଷମ ହୋଇଥିଲା। ପୁଲିସ୍ ତା' କାରକୁ ମଧ୍ୟ ଜବତ କରିଛି।

## ଜାତିପ୍ରଥାର କରୁଣ ଚିତ୍ର : ବାଦ୍ ପଡ଼ିଲେନି ପୂର୍ବତନ ବିଧାୟକ ଓ ତାଙ୍କ ପରିବାର

ନବରଙ୍ଗପୁର, ୨୮/୦୩ (ଜେଏନ୍ଏସ୍) : ଜାତି ପ୍ରଥାର କରୁଣ ଚିତ୍ର । ବାଦ୍ ପଡ଼ିଲେନି ପୂର୍ବତନ ବିଧାୟକ ଓ ତାଙ୍କ ପରିବାର । ଝିଅର ଖୁସି ପାଇଁ ଅନ୍ୟ ଜାତିରେ ଜ୍ୱାଇଁ କରିବାକୁ ଯାଉଥିବାରୁ ବାସନ୍ଦ କଲା ଜାତି ସମାଜ । ନବରଙ୍ଗପୁରର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ନିଜ ଝିଅର ବାହାଘର ପାଇଁ ଅନ୍ୟ ଜାତିର ପୁଅସହ ନିର୍ବନ୍ଧ କରି ଅଡୁଆରେ ଫସିଛନ୍ତି । ଗତକିଛି ଦିନ ତଳେ ଝିଅର ଅନ୍ୟ ଜାତିର ପୁଅସହ ସଦାଶିବ ନିର୍ବନ୍ଧ କରିଥିବାବେଳେ ଆସନ୍ତା ଏପ୍ରିଲ ମାସରେ ବାହାଘର କରିବାକୁ ପ୍ରସ୍ତୁତି କରୁଛନ୍ତି। ହେଲେ ଏହି ବାହାଘରକୁ ଭତରା ସମାଜ ପକ୍ଷରୁ ବିରୋଧ କରାଯାଉଛି । ସଦାଶିବ ପ୍ରଧାନୀ ଓ ତାଙ୍କ ପରିବାରକୁ ୧୨ ବର୍ଷ ପାଇଁ ଅଖିଳ ଭାରତୀୟ ଭତରା ସମାଜ ବିକାଶ ପରିଷଦ ପକ୍ଷରୁ ବାସନ୍ଦ କରାଯାଇଥିବା ଚିଠି ମାଧ୍ୟମରେ ଦର୍ଶାଯାଇଛି । ଝରିଗାଁ ଧାମଣାଗୁଡ଼ା ଦନ୍ତେଶ୍ୱରୀ ମନ୍ଦିର ପରିସରରେ ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ କରାଯାଇ ଏହି ନିଷ୍ପତି ନିଆଯାଇଛି । ଭତରା ସମାଜର ନୀତି ଓ ନିୟମ ନ ମାନି ଅନ୍ୟ ଜାତିର ପୁଅକୁ ଝିଅର ବିବାହ କରିବାକୁ ଯାଉଥିବା ବୈଠକରେ ଆଲୋଚନା ହୋଇଥିଲା । ଭତରା ସମାଜର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଓ ତାଙ୍କ ପରିବାରକୁ ଜିଲ୍ଲାର ୧୦ ଟି ବ୍ଲକର ଭତରା ସମାଜ ତରଫରୁ ବାସନ୍ଦ କରାଯାଇଥିଲା। ଏହି ବାସନ୍ଦ ଅବଧି ସମୟରେ ସଦାଶିବ ପ୍ରଧାନୀଙ୍କ ପରିବାର ଲୋକଙ୍କ କୌଣସି ସୁଖ ,ଦୁଃଖ କିମ୍ବା ସାମାଜିକ କାର୍ଯ୍ୟରେ ଜିଲ୍ଲାର ଭତରା ସମାଜ ଯୋଗଦେବେ ନାହିଁ । ସେପଟେ ବାସନ୍ଦ ଘୋଷଣା ପରେ ସଦାଶୀବ ପ୍ରଧାନୀ ଓ ତାଙ୍କ ପରିବାରର କୌଣସି ସଦସ୍ୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆମ ସାମ୍ବିଧାନିକ ବ୍ୟବସ୍ଥାରେ ଜାତି ପାଇଁ କୌଣସି ବ୍ୟକ୍ତି ବିଶେଷ କିମ୍ବା ସମାଜକୁ ବାସନ୍ଦ କଲେ ଦୃଢ ଆଇନ ବ୍ୟବସ୍ଥା ସହ ଦଣ୍ଡ ବିଧାନ ରହିଛି । ତେବେ ଜଣେ ପୂର୍ବତନ ବିଧାୟକ ଓ ତାଙ୍କ ପରିବାରକୁ ବାସନ୍ଦ ଘୋଷଣା ପରେ ନିଜ ସମାଜ ବିରୋଧରେ ସଂପୃକ୍ତ ରାଜନେତା କି ପଦକ୍ଷେପ ନେଉଛନ୍ତି ତାକୁ ଅପେକ୍ଷା କରାଯାଇଛି । ସେପଟେ ସମାଜରେ ଏବେବି ଜାତି ବ୍ୟବସ୍ଥା ରହିଛି ଓ ଲୋକେ ଏହାର ଶିକାର ହେଉଛନ୍ତି ତାହା ଜଳ ଜଳ ହୋଇ ଦେଖାଯାଉଥିବା ବେଳେ ଏହା ଆମ ସାମାଜିକ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନ ଚିହ୍ନ ଲଗାଇଛି ।

# ଶିଳ୍ପ ସମୃଦ୍ଧ ଜିଲ୍ଲାରେ ଅବହେଳିତ କୃଷି ଓ କୃଷକ : ଚକବନ୍ଦୀରୁ ନିସ୍ତାର କେବେ ?

ଅନୁଗୁଳ, ୨୮/୦୩ (ଜେଏନ୍ଏସ୍) : ଶୀଳ୍ପ ସମୃଦ୍ଧ ଜିଲ୍ଲାରେ ଗୁରୁତ୍ୱ ହୀନ କୃଷିର ବିକାଶ କୃଷକ ମାନଙ୍କୁ ପ୍ରତି ଉପହାସ ହୋଇଛି । ଏକ ପକ୍ଷେ ଖଣି ଖାଦାନ ଯୋଗୁଁ ଜଙ୍ଗଲ ସଂପଦ ର ବିନାଶ ହେବା ସହିତ ବିଭିନ୍ନ ଶୀଳ୍ପ ସଂସ୍ଥା ପାଇଁ ଚାଷ ଜମିର କ୍ରମାଗତ ହ୍ରାସ ଚିନ୍ତାର କାରଣ ହୋଇଛି । ଗୋଟିଏ ପଟରେ ଖଣି ଓ ଶୀଳ୍ପ ପାଇଁ ପରିବେଶ ନଷ୍ଟ ଅନ୍ୟ ପକ୍ଷରେ କୃଷକର ଚାଷ ଜମି ରେ ଏହାର ପ୍ରଭାବ ପଡୁଛି । ଜିଲ୍ଲାର ପାଲଲହଡା, ଆଠମଲ୍ଲିକ ଓ ଅନୁଗୁଳ ବ୍ଲକରେ କୃଷକ ମାନେ କୃଷିକୁ ନିଜର ଜିବୀକା ଭାବରେ ଗ୍ରହଣ କରିଛନ୍ତି । ଫଳରେ ଜିଲ୍ଲାରେ ଖାଉଟୀ ମାନଙ୍କ ପନି ପରିବା ସହ ବିଭିନ୍ନ ପ୍ରକାର ଫୁଲ ଏବଂ ଫଳ ର ଚାହିଦା ପୁରଣ ହେବାରେ ସହାୟକ ହେଉଛି । ଜିଲ୍ଲାରେ କିନ୍ତୁ କୃଷି ଓ କୃଷକ ମାନଙ୍କୁ ଗୋରୁତ୍ୱ ଦିଆ ଯାଏ



ନାହିଁ । କୃଷୀ ଉପରେ ନିର୍ଭରଶୀଳ ଉକ୍ତ ତିନି ବ୍ଲକରେ ଚାଷ ଜମିରେ ବନ୍ୟ ପ୍ରାଣୀ ଜଥା ହାତୀ, ବାରହା, ହରିଣ, କୁଟୁରା ଙ୍କ ପରି ବନ୍ୟ ପ୍ରାଣୀ ମାନେ ବ୍ୟାପକ କ୍ଷତି କରନ୍ତି । ତଥାପି ଅଂଚଳରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରକାର ପନି ପରିବା କୁ ଚାହୀ ଉତ୍ପାଦନ କରିବାରେ ସଫଳ ହୋଇଥାଏ । ପନି ପରିବା ସହିତ ଲେମ୍ବୁ, କଦଳି, ଆମ୍ବ, ପଣସ ପରି ଫଳ ଏ ସବୁ ଅଂଚଳରୁ ପ୍ରଚୁର ସଂଗ୍ରହ ହୋଇ ସୁଦୁର କଲିକତା ତଥା ରାଜ୍ୟ ବାହାରକୁ ବିକ୍ରୀ ପାଇଁ ଯାଇ ଥାଏ । କିନ୍ତୁ ଅଂଚଳର ନେତା ମାନଙ୍କ ଅନାଗ୍ରହ ସ୍ୱରୁପ ଏଠାରେ ଏ ଯାବତ୍ ଗୋଟିଏ କୃଷି ଉପଯୋଗୀ ଶୀତଳ ଭଣ୍ଡାର ହୋଇ ପାରିଲା ନାହିଁ । ଚାଳିଶ ବର୍ଷ ଧରି ନେତା ମାନେ କେବଳ ଭାଷଣ ବାଜୀରେ ଶିତଳ ଭଣ୍ଡାର କରିଛନ୍ତି କିନ୍ତୁ ବସ୍ତବ ଚିତ୍ର କିଛି ଅଲଗା । ଏ ଦିଗରେ ଚିନ୍ତା କରିବା କୁ ସେମାନେ କେବେ କାହା ସହିତ ଆଲୋଚନା କରିବା କଥା ଶୁଣିବାକୁ ମିଳି ନାହିଁ । ନିର୍ବାଚନ ସମୟରେ ନେତା ମାନଙ୍କ ଅଜସ୍ର ଭାଷଣ ବାଜୀରେ ସିମୀତ ରହିଛି ଫଳରୁ ପ୍ରସ୍ତୁତ ହୋଇ ପାରୁଥିବା ଆଚାର, ସସ୍, ଜେଲି, ଇତ୍ୟାଦି ପରି କ୍ଷୁଦ୍ର ଶୀଳ୍ପ ପ୍ରତିଷ୍ଠା । ଯଦି ଏ ଦିଗରେ ନେତାମନଙ୍କ ଆନ୍ତରୀକତା ସୃଷ୍ଟି ହେବ ତେବେ ଜିଲ୍ଲାରୁ ଆନ୍ଧ୍ର ପ୍ରଦେଶ ଓ, ଗୁଜୁରାଟ କୁ କର୍ମ ସଂସ୍ଥାନ ଅନ୍ୱେଷଣରେ କେହି ଯିବେ ନାହିଁ ।
ଚକବନ୍ଦି ଫାସରେ ଚାଷୀ- ଅନୁଗୁଳ ଜିଲ୍ଲାର ୯୨ ଗୋଟି ଗ୍ରାମରେ ଚାଷୀ ମାନେ ଚକବନ୍ଦୀ ପରି ଫାସରେ ଦୀର୍ଘ ଚାଳିଶ ବର୍ଷ ଧରି ଛଟ ପଟ ହେଉଛନ୍ତି । ଚକବନ୍ଦୀ ଯୋଗୁ କୋର୍ଟ କଚେରୀରେ ମାମଲା ବଢୁଛି । ଚାଷୀ ନିଜର ଜମିରେ ନିଜର ମାଲିକାନା ଦାବୀ କରିବା ରେ ଉପୁଜୁଛି ଦ୍ୱନ୍ଦ । ପରିସ୍ଥିତି ଏମିତି ହୋଛି ଯେ, ଗରୀବ ବାପୁଡା ନିଜ ଝିଅ ବାହାଘର, କିମ୍ୱା ରୋଗ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆବଶ୍ୟକ ସମୟରେ ନିଜର ଜମି ଖଣ୍ଡିକ ବିକ୍ରୀ କରି ନପାରି ହତାସ ହେଉଛି । ଅନୁଗୁଳ ବ୍ଲକର ସର୍ବାଧିକ ପ୍ରାୟ ଅଶୀ ଟି ଗ୍ରାମ ଏହି




ଚଚଚକବନ୍ଦୀ ଫାସରେ କବଳିତ ଅଛନ୍ତି। ଘଟଣାର ସମାଧାନ ପଇଁ କୌଣସି ନେତା ଙ୍କ ତିଳେ ମାତ୍ର ସମବେଦନା କେବେ ପରିଲକ୍ଷିତ ହୁଏ ନାହିଁ। ଗତ ସରକାର ସମୟରେ ଚାଷୀ ମାନଙ୍କ ଆନ୍ଦୋଳନକୁ ଗୁରୁତ୍ୱାରୋପ କରି ଚକବନ୍ଦୀ ଉଚ୍ଛେଦ ଦିଗରେ ନିଆ ଯାଇଥିବା ପଦକ୍ଷେପ ବର୍ତମାନ ସରକାର ଅମଳରେ ନେତା ମାନଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇରହିଛି । ବିଶେଷ କରି ଅନୁଗୁଳ ବ୍ଲକର ପ୍ରାୟ ଅଶୀ ଗ୍ରମରେ ଚକବନ୍ଦୀ ସମସ୍ୟା ସେମାନଙ୍କ ଜୀବନକୁ ହନ୍ତ ସନ୍ତ କରି ସାରିଲାଣି । ଅଂଚଳବାସୀଙ୍କ ଏହି ଅଶନ୍ତୋଷ ଆଗାମୀ ଦିନରରେ ତୀବ୍ର ରୁପ ଧାରଣ କରିପାରେ ।
ଜଳସେଚନ କ୍ଷେତ୍ରରେ ମଧ ଅନୁଗୁଳ ବାସୀ ବହୁ ମାତ୍ରାରେ ଉପକ୍ଷେତ ଅଟନ୍ତି। ରାଜ୍ୟରେ ହିରାକୁଦ ବନ୍ଧ ନିର୍ମାଣ ସମୟରେ ଅନୁଗୁଳରେ ଡେରଜାଂଗ ଜଦୀ ବନ୍ଧ ହୋଇ ପାରିଥିଲା । ଡେରଜାଙ୍ଗ ଜଳରେ ଅନୁଗୁଳର ଅଳ୍ପ କେତେକ ପଂଚାୟତ ଜଳସେଚନର ସୁବିଧା ପାଇ ପାରୁଛନ୍ତି । କିନ୍ତୁ ଜଳସେଚନ ପାଇଁ ଜିଲ୍ଲରେ ପ୍ରସ୍ଥାବିତ ସାତ ଟି ପ୍ରକଳ୍ପ ଯଥା – ହିଡିସଂ, ଧଉରାଗୋଠ, କୁଟୁଲସିହଂା, ମାଙ୍କଡା ପରି ପ୍ରକଳ୍ପ ପାଇଁ ରାଜନୈତିକ ଇଛା ଶକ୍ତି ନ ଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ଖୋଦ କେନ୍ଦ୍ର ମନ୍ତ୍ରୀଙ୍କ ନିଜ ଲୋକସଭା ମଣ୍ଡଳୀ ଅନ୍ତର୍ଗତ ଆଠମଲ୍ଲିକର କୁଟୁଲସିହାଂ, ଓ ଧଉରାଗୋଠ ପାଇଁ ଗତ ଚାଳିଶ ବର୍ଷର ଦାବୀ ଏବେ କେନ୍ଦ୍ର ସରକାଙ୍କ ନିକଟରେ ପଡି ରହିଛି । କିଛି ଯନ୍ତ୍ରୀଙ୍କ ଆନ୍ତରୀକତା ଯୋଗୁ ବହୁ କଷ୍ଟରେ ଅନୁଗୁଳ ବ୍ଲକର ହିଡିସଂ ଜଳସେଚନ ପକଳ୍ପର କାର୍ଯ୍ୟେର ଅଗ୍ରଗତି ଅଂଚଳ ବାସୀଙ୍କ ମନରେ ଆଶା ସଂଚାର କରିପାରିଛି । ଅନୁଗୁଳର ଜୀବନ ରେଖା ଭାବରେ ପରିଚିତ ବହୁ ପ୍ରତିକ୍ଷୀତ ଏହି ପ୍ରକଳ୍ପ ପାଇଁ ଚାଳିଶ ଭର୍ଷ ଧରି ନିଜର ସମସ୍ତ ଆର୍ଥୀକ ଓ ସମୟ ଦେଇ ଲଢେଇ କରିଥିବା ଏ ଅଂଚଳର ଅନେକ ତ୍ୟାଗୀ ପୁରୁଷ ଏବେ ଆଉ ପାରିକୁ ଚାଲି ଗଲେଣି। କୃଷି ଜମିର ହ୍ରାସ, ପରିବେଶ ନଷ୍ଟ ପାଇଁ ନେତା ମାନଙ୍କ ଆକୁଳ ଚିତ୍କାର ଭିତରେ ଚାଷୀ ମାନଙ୍କ ଚିତ୍କାର ଏବେ ନିସ୍ତବ୍ଧ ହୋଇ ପଡିଛି । ଏ ଦିଗରେ ସମସ୍ତେ ଯତ୍ନବାନ ହେବା ସମୟ ଆସିଛି ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଶ୍ରମିକଙ୍କୁ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ କରିବା ମନା



ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ସମ୍ଭାବ୍ୟ ଅଂଶୁଘାତକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କୁ ଦିନ ୧୧ଟଠାରୁ ୩ଟା ପର୍ଯ୍ୟନ୍ତ କାମରେ ନଲଗାଇବାକୁ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୧ରୁ ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ।

ଚଳିତ ଗ୍ରୀଷ୍ମ ଋତୁରେ ରୌଦ୍ରତାପ ବୃଦ୍ଧି ପାଇବାର ଆଶଙ୍କା କରି ରାଜ୍ୟ ସରକାର ଖରା ସମୟରେ ଶ୍ରମିକମାନଙ୍କ କାମ କରିବା ଉପରେ କଟକଣା ଜାରି କରିଛନ୍ତି। ସମ୍ଭାବ୍ୟ ଅଂଶୁଘାତକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କୁ ଦିନ ୧୧ଟଠାରୁ ୩ଟା ପର୍ଯ୍ୟନ୍ତ କାମରେ ନଲଗାଇବାକୁ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଏପ୍ରିଲ ୧ରୁ ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ। ରାଜ୍ୟ ଶ୍ରମ ଓ ଇଏସଆଇ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ନିର୍ଦ୍ଦେଶ ଜାରି ହୋଇଛି। ସମସ୍ତ ଆରଡିସି, ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି।

ରାଜ୍ୟ ଶ୍ରମ ବିଭାଗର ନିର୍ଦ୍ଦେଶନାମା ଅନୁସାରେ, ଓଡ଼ିଶାରେ କାର୍ଯ୍ୟ କରୁଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗ ସମେତ ବେସରକାରୀ ନିଯୁକ୍ତିଦାତା, ବାଣିଜ୍ୟିକ ଓ ଶିଳ୍ପ ସଂସ୍ଥା, ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଠିକାଦାରମାନଙ୍କୁ ଏହି କଟକଣାକୁ ପାଳନ କରିବାକୁ କୁହାଯାଇଛି। ପ୍ରଚଣ୍ଡ ଖରାରେ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କାର୍ଯ୍ୟ ନିର୍ଘଣ୍ଟରେ ପରିବର୍ତ୍ତନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଯଦି କୌଣସି ଜରୁରୀକାଳୀନ ସେବା ବା ଅତ୍ୟାବଶ୍ୟକ କାର୍ଯ୍ୟ ନିମନ୍ତେ ଶ୍ରମିକମାନଙ୍କୁ ଦିନ ୧୧ଟାରୁ ୩ଟା ମଧ୍ୟରେ କାମ କରିବାକୁ ପଡ଼େ ତେବେ ସେମାନଙ୍କ ପାଇଁ କର୍ମକ୍ଷେତ୍ରରେ ସମସ୍ତ ସୁବିଧା ଯୋଗାଇଦେବାକୁ ନିଯୁକ୍ତିଦାତା ବାଧ୍ୟ। ବିଶେଷକରି ପାନୀୟ ଜଳ, ବିଶ୍ରାମ ପାଇଁ ଛାୟାପ୍ରଦ ସ୍ଥାନ, ଜରୁରୀ ସ୍ୱାସ୍ଥ୍ୟସେବା ଓ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆରଏସ୍ ପ୍ୟାକେଟର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

ଅନ୍ୟପକ୍ଷରେ ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ସଜାଗ ରହିବାକୁ କୁହାଯାଇଛି। ଇଏସଆଇ ମେଡିକାଲ ସମେତ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସବଡିଭିଜିନାଲ ଚିକିତ୍ସାଧିକାରୀ, ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନଙ୍କୁ ରୋଗୀଙ୍କ ଚିକିତ୍ସା ପାଇଁ ସତର୍କ ରହିବାକୁ କୁହାଯାଇଛି। ଏହାସହିତ ନିୟମ ଉଲ୍ଲଘଂନ କରୁଥିବା ନିଯୁକ୍ତିଦାତାଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ୭୫ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀ ଦେଶାନ୍ତର



ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ୨୦୨୪ ଜୁନ ପରେ ଅର୍ଥାତ୍ ରାଜ୍ୟରେ ବିଜେପି ସରକାର ଆସିବା ପରେ ଓଡ଼ିଶାରେ ୭୭ ଜଣ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବା ସହ ସେଥିରୁ ୭୫ଜଣଙ୍କୁ ଦେଶାନ୍ତର କରାଯାଇଛି। ବାକି ଦୁଇ ଜଣ ଜାଲ୍ କାଗଜପତ୍ର ଦେଇ ଭାରତୀୟ ପାସପୋର୍ଟ କରିଥିବାରୁ ସେମାନଙ୍କ ବିରୋଧରେ କେସ୍ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନରେ ଆଜି ବିଧାନସଭାରେ ଏହି ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି- କେନ୍ଦ୍ର ଗୃହ ମନ୍ତ୍ରଣାଳୟର ୨୦୨୧ ନିର୍ଦ୍ଦେଶ ଥ୨୫୦୨୨/୨୮/୨୦୨୦-ଋଓ(ଝରମଫ୍ସକ୍ଟଭ-ଓଓଓ)ଧ ଓ ୨୦୨୫ ମେ ୨ ତାରିଖ ଚିଠି ଅନୁସାରେ, ଓଡ଼ିଶାର ସମସ୍ତ ଜିଲ୍ଲାରେ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ, ଅଟକ ଓ ଦେଶାନ୍ତରୀକରଣ ପାଇଁ ଫସ୍ୱତନ୍ତ୍ର କାର୍ଯ୍ୟ ବାହିନୀ’ ଗଠନ କରାଯାଇଛି। ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିୟମିତ ଭାବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଉଛି ଓ ସମସ୍ତ ଆରକ୍ଷୀ ଅଧୀକ୍ଷକମାନେ ସେହି ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟ କରୁଛନ୍ତି। ୨୦୨୪ ଜୁନ ମାସ ପରଠାରୁ ୨୦୨୬ ଫେବ୍ରୁଆରୀ ୨୮ ତାରିଖ ମଧ୍ୟରେ ସମୁଦାୟ ସମୁଦାୟ ୭୭ଜଣ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି।

ସେଥିରେ ଅଛନ୍ତି ଭୁବନେଶ୍ୱର ଟଟଉରେ ୨୬, କଟକରେ ୧୫, ବ୍ରହ୍ମପୁରରେ ୬, ଗଞ୍ଜାମରେ ୧, କନ୍ଧମାଳ-୪, କୋରାପୁଟ-୧, କେନ୍ଦ୍ରାପଡ଼ା-୩ ଓ ଜଗତସିଂହପୁର-୨୧। ଏମାନଙ୍କ ଭିତରୁ ୨ ଜଣ (ଗଞ୍ଜାମ-୧, କନ୍ଧମାଳ-୧) ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ କାଗଜପତ୍ର ଦେଇ ନିଜ ନାଁରେ ଭାରତୀୟ ପାସପୋର୍ଟ କରିନେଇଥିବାରୁ ସେମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବିଧାନସଭାରେ ୨୦୨୩ ମାର୍ଚ୍ଚ ୧୩ ତାରିଖରେ ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ଉତ୍ତର ଅନୁସାରେ, ଓଡ଼ିଶାରେ ୧,୫୭,୪୩୨ଜଣ ବାଂଲାଦେଶୀ ଶରଣାର୍ଥୀ ଅଛନ୍ତି। ଏଥିରୁ ଅଧିକ ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ଅଛନ୍ତି। ଏହା ବ୍ୟତୀତ ଆଉ ୩,୭୪୦ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ବିଭିନ୍ନ ଜିଲ୍ଲାରେ ରହୁଛନ୍ତି। ଭଦ୍ରକରେ ୧୯୯ ଜଣ, କେନ୍ଦ୍ରାପଡ଼ାରେ ୧୬୪୯ଜଣ, ଜଗତସିଂହପୁରରେ ୧୧୨୨ଜଣ, ମାଲକାନଗିରିରେ ୬୫୫ଜଣ, ନବରଙ୍ଗପୁରରେ ୧୦୬ଜଣ ଓ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱରରେ ମାତ୍ର ୧୭ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ରହୁଥିବା କୁହାଯାଇଥିଲା। ତେବେ ଏହା ଭିତରେ କେତେ ବାଂଲାଦେଶୀ ଅନୁପ୍ରବେଶକାରୀ ଉପଯୁକ୍ତ ପ୍ରମାଣପତ୍ର ତିଆରି କରିପାରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।

## ପୂର୍ବତନ ବିଧାୟକ ତଥା ସାଂସଦ ନାରାୟଣ ସାହୁଙ୍କ ପରଲୋକ

ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ପୂର୍ବତନ ବିଧାୟକ ତଥା ସାଂସଦ ନାରାୟଣ ସାହୁଙ୍କର ପରଲୋକ ହୋଇଯାଇଛି । ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ସାହୁ ୨ ଥର ବିଧାୟକ ଓ ଥରେ ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ୧୯୭୧ ରୁ ୧୯୭୭ ମସିହା ପର୍ଯ୍ୟନ୍ତ ଦୁଇ ଥର ପାଲଲହଡ଼ା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୧ରେ ସେ ଭାରତୀୟ ଜାତୀୟ କଂଗ୍ରେସ (ଆର) ଟିକେଟ୍‌ରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ୧୯୭୪ରେ ଭାରତୀୟ ଜାତୀୟ କଂଗ୍ରେସ ଟିକେଟ୍‌ରେ ସେ ବିଧାନସଭାକୁ ଯାଇଥିଲେ। ୧୯୮୦ରୁ ୮୪ ପର୍ଯ୍ୟନ୍ତ ସେ ଦେବଗଡ଼ ଲୋକସଭା ଆସନରୁ ସାଂସଦ ହୋଇଥିଲେ। ନାରାୟଣ ସାହୁଙ୍କ ଘର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗେଣ୍ଡେଇକାଟେଣୀ ଗ୍ରାମରେ। ତାଙ୍କ ମୃତ୍ୟୁ ଖବର ପାଇ ସମଗ୍ର ପରଜଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଡ଼ ନୃସିଂହ ଚରଣ ସାହୁଙ୍କ ସମେତ ବହୁ ସ୍ଥାନୀୟ ନେତା ନାରାୟଣ ସାହୁଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି। ନାରାୟଣ ସାହୁ ହେଉଛନ୍ତି ବିଜେପି ନେତ୍ରୀ ତଥା ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଅଜା।

# ୬ବିଧାୟକଙ୍କୁ ନିଲମ୍ବନ କଲା ବିଜେଡି: ମୁହାଁମୁହିଁ ସ୍ଥିତି, ବିଧାନସଭାରେ ୪୨କୁ ଖସିଲା ଦଳ



ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ବିଜେଡି ସମ୍ବିଧାନ ଅନୁଯାୟୀ ଦଳର ସମୂହ ନିଷ୍ପତ୍ତି ପ୍ରତି ଆନୁଗତ୍ୟ ପ୍ରକାଶ କରିବା ବାଧ୍ୟତାମୂଳକ ହୋଇଥିବାରୁ ସେମାନଙ୍କ ବିରୁଦ୍ଧରେ ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଦଳ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ଉଲ୍ଲେଖ ରହିଛି। ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ଅଭିଯୋଗରେ ୬ଜଣ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଏହି ବିଧାୟକମାନଙ୍କୁ ଆଜି ତତ୍କାଳ ପ୍ରଭାବରୁ ନିଲମ୍ବନ କରାଯିବା ପରେ ଦଳର ବିଧାୟକ ସଂଖ୍ୟା ବିଧାନସଭାରେ ୪୨କୁ ହ୍ରାସ ପାଇଛି। ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଜାରି କାରଣଦର୍ଶାଅ ନୋଟିସର ଜବାବକୁ ଅନୁଧ୍ୟାନ କରିବା ପରେ ବିଜେଡିର ଶୃଙ୍ଖଳା କମିଟିର ସୁପାରିଶ ଓ ରାଜନୀତିକ ବ୍ୟାପାର କମିଟି ଏହି ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିବା ଦଳ ପକ୍ଷରୁ କୁହାଯାଇଛି । ବିଜେଡି ସମ୍ବିଧାନ ଅନୁଯାୟୀ ଦଳର ସମୂହ ନିଷ୍ପତ୍ତି ପ୍ରତି ଆନୁଗତ୍ୟ ପ୍ରକାଶ କରିବା ବାଧ୍ୟତାମୂଳକ ହୋଇଥିବାବେଳେ ଏହି ନିୟମ ଭଙ୍ଗ କରିଥିବାରୁ ସେମାନଙ୍କ ବିରୁଦ୍ଧରେ ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଦଳ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ଉଲ୍ଲେଖ ରହିଛି। ଏହି ନିଲମ୍ବନ ଆଦେଶ ଅନୁସାରେ, ବାଲିଗୁଡ଼ା ବିଧାୟକ ଚକ୍ରମଣି କାହାର, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ୍, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବନ୍ତ ବିଧାୟିକା ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏହି ବିଧାୟକମାନେ ଦଳବିରୋଧୀ କାର୍ଯ୍ୟକଳାପ କରିଥିବାର ପ୍ରମାଣିତ ହୋଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ବିଧାୟକମାନେ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ଅଭିଯୋଗରେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ତାଙ୍କୁ ମାର୍ଚ୍ଚ ୧୭ତାରିଖରେ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ଗତକାଲି ସେମାନେ ଧାର୍ଯ୍ୟ ସମୟ ପୂର୍ବରୁ ଜବାବ ରଖି ଓଲଟା ପ୍ରମିଳାଙ୍କୁ ଜେଲ୍ ଯିବାକୁ ପ୍ରସ୍ତୁତ ରୁହ ବୋଲି ଚେତାବନୀ ଦେଇଥିଲେ। ଦଳ ଦେଇଥିବା କାରଣଦର୍ଶାଅ ନୋଟିସକୁ ଏହି ବିଧାୟକମାନେ ବାଏଁବାଏଁ ଉଡ଼ାଇ ଦେବା ସହ ଅତ୍ୟନ୍ତ ଆକ୍ରମଣାତ୍ମକ ଶୈଳୀରେ ଜବାବ ରଖିଥିଲେ। ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ବିଧାୟକମାନେ ମୁଖ୍ୟ ସଚେତକଙ୍କ ନୋଟିସକୁ ଅସାମ୍ବିଧାନିକ ବୋଲି ଦର୍ଶାଇ କହିଥିଲେ ଯେ, ରାଜ୍ୟସଭା ନିର୍ବାଚନରେ କୌଣସି ଦଳ ହ୍ୱିପ୍ ଜାରି କରିପାରିବେ ନାହିଁ ଓ ଯଦି ନୋଟିସ ପ୍ରତ୍ୟାହାର କରାନଯାଏ, ତେବେ ମୁଖ୍ୟ ସଚେତକଙ୍କ ବିରୋଧରେ ବିଏନଏସର ଧାରା ୧୭୧ ଓ ୧୭୪ ଅନୁଯାୟୀ ଫୌଜଦାରୀ ମାମଲା ରୁଜୁ କରାଯିବ। ସେମାନେ ସୁପ୍ରିମକୋର୍ଟ ଓ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଉଲ୍ଲେଖ କରି ପ୍ରମିଳାଙ୍କୁ ତୁରନ୍ତ ନୋଟିସ ଫେରାଇ ନେବାକୁ ଚେତାବନୀ ଦେଇଥିଲେ। ଆଜି ସନ୍ଧ୍ୟାରେ ଦଳର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରମିଳା କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ୬ ବିଧାୟକ ଗତକାଲି ଯେଉଁ ଜବାବ ଦେଇଥିଲେ, ତାହାକୁ ଦଳର ଶୃଙ୍ଖଳା କମିଟି ବିଧିବଦ୍ଧ ଭାବେ ଅନୁଧ୍ୟାନ କରିଥିଲେ। କମିଟି ଏହି ଜବାବରେ ସନ୍ତୁଷ୍ଟ ନହୋଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ଆଜି ପିଏସି ବୈଠକରେ ସମସ୍ତ ସଭ୍ୟ ଏହି ୬ବିଧାୟକଙ୍କୁ ନିଲମ୍ବିତ କରିବା ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଥିଲେ ଓ ସେହି ଅନୁଯାୟୀ ସେମାନଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏହି ବିଧାୟକମାନଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ଖୁବଶୀଘ୍ର ବିଧାନସଭା ବାଚସ୍ପତିଙ୍କୁ ପତ୍ର ଲେଖାଯିବ। ଦଳ ବିରୋଧୀ କାର୍ଯ୍ୟ ପାଇଁ ଯେଉଁଭଳି ଆଇନଗତ ପଦକ୍ଷେପ ନେବାକୁ ପଡ଼ିବ, ଦଳ ସେଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

# ମରିଚି କୁଣ୍ଡ ୭୦୦୧ ଟଙ୍କାରେ ନିଲାମ




ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ୭୦୦୧ ଟଙ୍କାରେ ନିଲାମ ହୋଇଛି ମରିଚି କୁଣ୍ଡ ପାଣି । ଆଉ ଏହି ପାଣିକୁ କିଣିଛନ୍ତି ବରମୁଣ୍ଡା ହାଉସିଂ ବୋର୍ଡର ଜିତେନ୍ଦ୍ର ବିଶ୍ୱାଳ । ଜିତେନ୍ଦ୍ର ନେଲେ ପ୍ରଥମ ନିଲାମ । ବିଶ୍ୱାସ ରହିଛି ଏହି ପାଣିରେ ଗାଧୋଇଲେ ଅପୁତ୍ରିକ ପୁତ୍ର ସନ୍ତାନ ଲାଭ କରନ୍ତି । ପୂର୍ବରୁ ୧ ଲକ୍ଷରୁ ୨ ଲକ୍ଷ ପର୍ଯ୍ୟନ୍ତ ପାଣି ନିଲାମ ହେଉଥିଲା ବେଳେ ଗତ ଦୁଇ ବର୍ଷ ହେବ ନିଲାମ ଧାରୀଙ୍କ ସଂଖ୍ୟା କମିଥିବାରୁ ଗତବର୍ଷ ୧୧ ହଜାର ପାଣି ନିଲାମ ଘୋଷଣା କରାଯାଇଥିଲା ବେଳେ ଏଥର ମାତ୍ର ୭୦୦୧ ଟଙ୍କାରେ ପ୍ରଥମ ନିଲାମ ଘୋଷଣା କରାଯାଇଥିଲା। ବଂଶରକ୍ଷା ନିମନ୍ତେ ପୁତ୍ର ସନ୍ତାନଟିଏ ସମସ୍ତଙ୍କର ଲୋଡ଼ା । ତେବେ ଏଥିରୁ ବଞ୍ଚିତ ହେଉଥିବା ଦମ୍ପତିମାନେ ନାନା ଓଷା, ବ୍ରତ, ଉପବାସ ଆଉ ମାନସିକ ରଖିଥାନ୍ତି । ଅନେକ କ୍ଷେତ୍ରରେ ସେମାନେ ନିଷ୍ଠାର ସହ ଈଶ୍ୱରଙ୍କ ପୂଜା କରି ସଫଳ ହୋଇଥାନ୍ତି । ସେହିପରି ଏକାମ୍ର କ୍ଷେତ୍ରର ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ମରିଚି କୁଣ୍ଡର ପାଣିକୁ ଗାଧୋଇବା ପରେ ପୁତ୍ରସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ବୁଧବାର ବହୁ ନିଃସନ୍ତାନ ଦମ୍ପତି ସନ୍ତାନ ଆଶାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ମରିଚ କୁଣ୍ଡ ପାଣି ନିଲାମ ନେବାକୁ ଜମା ହୋଇଥିଲେ । ତେବେ ରାତି ୨ଟା ପର୍ଯ୍ୟନ୍ତ ପ୍ରଥମ କଳସ ପାଣି ନିଲାମ ହୋଇପାରିନଥିଲା । ଶ୍ରଦ୍ଧାଳୁ ମହିଳାମାନେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଠାରେ ନଡ଼ିଆ, ଗୁଆ, ଧୂପ ଓ ଚାଉଳ ସଂକଳ୍ପ କରାଇ ବର୍ଷକ ଲାଗି ଆଜ୍ଞା ପ୍ରସାଦ ପାଇ ମରିଚି କୁଣ୍ଡ ପାଣି ନିଲାମରେ ଅଂଶ ଗ୍ରହଣ କରିଥିଲେ । ଆଜିର ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ରୁକୁଣା ରଥ ପ୍ରତିଷ୍ଠା ଲାଗି ଏଠାରୁ ପ୍ରଥମ କଳସ ପାଣି ଯାଇଥିଲା । ଏହା ପରେ ବଡୁ ନିଯୋଗ ତରଫରୁ ଆୟୋଜିତ ନିଲାମରେ ପ୍ରଥମ କଳସ, ଦ୍ୱିତୀୟ କଳସ ଏହିପରି ସମସ୍ତ ଦମ୍ପତି ନିଲାମର କ୍ରମ ଦର ଅନୁସାରେ ପାଣି କଳସ ସଂଗ୍ରହ ପାଇଁ ଅପେକ୍ଷା କରିଥିଲେ । ରାତି ୧୨ଟା ବେଳେ ପ୍ରଥମ କଳସ ପାଣି ପାଇଁ ୧୫ ହଜାର ଡାକ ହୋଇଥିଲା । ତେବେ ଏହାକୁ କେହି ନେବାକୁ ରାଜି ହୋଇ ନ ଥିଲେ । ରାତି ୧ ଟା ବେଳେ ଏହା ୧୧ ହଜାର ଟଙ୍କାକୁ ଖସିଥିଲା । ରାତି ୨ଟା ବାଜିଲା ତଥାପି କେହି ନିଲାମ ନେବାକୁ ଡାକି ନ ଥିଲେ । ସେହି ଜଳରେ ସେମାନେ ବିଧି ମତେ ଗାଧୋଇଥାନ୍ତି ବୋଲି ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ ସୂଚନା ଦେଇଛନ୍ତି । ନିଲାମ ପ୍ରକ୍ରିୟାରେ ସହଯୋଗ କରିଥିଲେ ଶିବ ସେନାପତି । ଏହି ସ୍ଥାନରେ ଗାଧୋଇବା ଲାଗି ବିଏମ୍ସି ତରଫରୁ ଅସ୍ଥାୟୀ ଗାଧୁଆ ଘରନିର୍ମାଣ କରାଯାଇଥିଲା । ସୁରକ୍ଷା ପାଇଁ ମଧ୍ୟ ଆବଶ୍ୟକ ପୁଲିସ ମୁତୟନ କରାଯାଇଥିଲା ।

## ’ଜନ ଗଣନାରୁ ଜନ କଲ୍ୟାଣ’ ଲୋଗୋ ସହ ସଚେତନତା ବାର୍ତ୍ତା

ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ନୂଆ ପ୍ୟାକରେ ବଜାରକୁ ଆସିଲା ଓମ୍ଫେଡ ପ୍ରିମିୟମ ମିଲ୍କ । ‘ଜନ ଗଣନାରୁ ଜନ କଲ୍ୟାଣ’ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଅଣ୍ଟା ଭିଡିଛି ଓମଫେଡ୍ । ସଂପ୍ରତି ଭାରତ ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସହଭାଗିତାର ହାତ ବଢାଇଛି ଓମ୍ଫେଡ । ଆମ ରାଜ୍ୟରେ ଜାରି ରହିଥିବା ଡିଜିଟାଲ ଜନଗଣନାରେ ସ୍ୱ-ଗଣନା ଏବଂ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା କାର୍ଯ୍ୟକ୍ରମରେ ଆଜିଠାରୁ ଆନୁଷ୍ଠାନିକ ଭାବେ ସାମିଲ ହୋଇଛି ଓମଫେଡ୍। ସେଥିପାଇଁ କମ୍ପାନୀ ତାର ପ୍ରିମିୟମ ଦୁଗ୍ଧ ପ୍ୟାକେଟର ପ୍ରିଣ୍ଟିଂ ସଂପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଛି । ଏହି ଦୁଗ୍ଧ ପ୍ୟାକେଟ୍ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ ଆରମ୍ଭ କରିଛି ଓମଫେଡ୍। ଏହି ଉପଲକ୍ଷେ ଆଜି ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ହାରାଧନ କର୍ମୀ, ଡକ୍ଟର ଅଭୟ ନାରାୟଣ ନାୟକ, ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖ୍ୟଙ୍କ ସହ ଡେପୁଟି ମ୍ୟାନେଜର (ପିଆର୍, ପ୍ରାକ୍ୟୁରମେଣ୍ଟ) ଡକ୍ଟର ବିଶ୍ୱରଞ୍ଜନ ତ୍ରିପାଠୀ, ଡେପୁଟି ମ୍ୟାନେଜର (ଫାଇନାନ୍ସ) ତାପସ ରଂଜନ ମିଶ୍ର ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ । ରାଜ୍ୟବ୍ୟାପୀ ସଚେତନତା ବୃଦ୍ଧି କରିବା ପାଇଁ ୪,୦୦୦ ଡଗରରଉ ବୁଥରେ ପ୍ରଦର୍ଶନ ପାଇଁ ପୋଷ୍ଟର ମଧ୍ୟ ଉନ୍ମୋଚନ କରାଯାଇଥିଲା।

## ରଥକାଠ ଚିରଟର ଶୁଭ ଅନୁକୂଳ

ପୁରୀ, ୨୮/୦୩ (ଜେଏନ୍ଏସ୍) : ଗତ ଶୁକ୍ରବାର ଦିନ ଶ୍ରୀରାମ ନବମୀରେ ରଥକାଠ ଚିରଟର ଶୁଭ ଅନୁକୂଳ ହେବ। ଏଥିପାଇଁ ଶ୍ରୀମନ୍ଦିରରୁ ଲାଗି ହୋଇଥିବା ମାଳ, ମହାପ୍ରସାଦ ନେଇ ଏକ ଟିମ୍ କଟକ ଅଭିମୁଖେ ଯାତ୍ରା କରିବେ। କଟକ ଖପୁରିଆସ୍ଥିତ ସ’ ମିଲରେ ମାଳ ମହାପ୍ରସାଦ ଲାଗି ପରେ ରଥକାଠ ଚିରଟ ଆରମ୍ଭ ହେବ। ଭାରପ୍ରାପ୍ତ ବରିଷ୍ଠ ତତ୍ତ୍ୱାବଧାରକ ଚିତ୍ତରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଚିରଟ ପ୍ରକ୍ରିୟା ଅନୁକୂଳ କରିବେ। ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ସମେତ ତିନି ରଥର ମୁଖ୍ୟ ମହାରଣା, ଅମିନ, ଭୋଇ ସର୍ଦ୍ଦାର ଉପସ୍ଥିତ ରହିବେ। ତିନିଟି ଧଉରା କାଠକୁ ଚିରଟ କରାଯିବ। ଆସନ୍ତା ଏପ୍ରିଲ ୨୦ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବା ପରମ୍ପରା ରହିଛି।

# ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ

ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ । ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର । ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ଆଜି ଭୁବନେଶ୍ୱର ସ୍ଥିତ ଲୋକ ସେବା ଭବନ କନଭେନଶନ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ସମୁଦାୟ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟ ବରାଦରେ ସମୁଦାୟ ୧୨୪ ଟି ପ୍ରକଳ୍ପର ଶୁଭ ଉଦଘାଟନ ହୋଇଛି । ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ । ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର ।

ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚେଇବାର ଶିକ୍ଷା ଦେବାକୁ ପଡ଼ିବ କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ । ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷାପାଣିକୁ ସଞ୍ଚୟ କରି ମାଟିକୁ ସଜଳ ରଖିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନ୍‌କୁ ଏକ ବୈପ୍ଳବିକ ଯୋଜନା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ବୋଲି ସଂକଳ୍ପ ନେବା ବୋଲି କହିଥିଲେ ।ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରିବା ଏବଂ ଉବସ୍ୱମଷ ଣ୍ୱଷର ଜବସଭ ମାଧ୍ୟମରେ ମହିଳାମାନଙ୍କୁ ଜଳ ଗୁଣବତ୍ତା ପରୀକ୍ଷା ଏବଂ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ଏହା ଫଳରେ ଜଳ ସେବା କ୍ଷେତ୍ରରେ ଆମେ କୌଣସି ବି ବର୍ଗଙ୍କୁ ପଛରେ ପକାଇବୁ ନାହିଁ ଏବଂ ସମସ୍ତଙ୍କ ପାଇଁ ସୁଲଭ ଜଳ ଉପଲବ୍ଧ ହେବ । ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ । ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି । ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ ‘ଜଳ ଏବଂ ଲିଙ୍ଗଗତ ସମାନତା’କୁ ଆଧାର କରି ସମସ୍ତ ରାଜ୍ୟବାସୀଙ୍କୁ ଜଳ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ ।

ରାଜ୍ୟରେ ବିଭିନ୍ନ ଜଳଭିତ୍ତିକ ଯୋଜନା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳର ଅଭାବ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ । ତେଣୁ ସମାଜରେ ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ବିଶୁଦ୍ଧ ଜଳ ପହଞ୍ଚାଇବା ଆମ ଅନ୍ତ୍ୟୋଦୟ ନୀତିର ଅଂଶ ବିଶେଷ । ଆମ ସରକାର ମିଶନ୍ ପାୱାର୍ ଅଧୀନରେ ପ୍ରତିଟି ଅପହଞ୍ଚ ଗାଁ, ଏବଂ ପଛୁଆ ଅଞ୍ଚଳକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ କାର୍ଯ୍ୟ କରୁଛି । କୃଷି କ୍ଷେତ୍ରରେ ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ ନୀତିକୁ ଆମେ ପ୍ରୋତ୍ସହିତ କରୁଛୁ । ‘ଏକ୍ ପେଡ୍ ମା କେ ନାମ୍’ ଅଭିଯାନ ମାଧ୍ୟମରେ ବୃକ୍ଷ ରୋପଣ କରିବାରେ ଦେଶରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥାନ ଅଧିକାର କରିଛି । ଆଗାମୀ ଦିନରେ ଜଳକୁ ନେଇ ଯେପରି କୌଣସି ବିବାଦ ନ ହୁଏ, ସେଥିପାଇଁ ମଧ୍ୟ ଆମ ରାଜ୍ୟ ସନ୍ତୁଳିତ ଜଳ ନୀତି ପ୍ରସ୍ତୁତ କରିଛି । ଆଗାମୀ ଦିନମାନଙ୍କରେ ଓଡ଼ିଶାର ଜଳ ସେଚନ ସୁବିଧା ପାଇଁ ଶସ୍ୟର ସାନ୍ଦ୍ରତା ବା ଉକ୍ସଳ୍ପକ୍ସ ଓଭସ୍ୱରଭସ୍ଥସଫ୍ଟଇ କୁ ୨୦୩୬ ସୁଦ୍ଧା ୨୨୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୨୫୦ ପ୍ରତିଶକୁ ବୃଦ୍ଧି କରିବା ହେଉଛି, ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଛଡା ଭୂତଳ ଜଳ ପୁନର୍ଭରଣ ପାଇଁ ଛାତ ଯୋଜନା ଏବଂ ଅରୁଆ ଯୋଜନା ଅଧିନରେ ଅନେକ ରିଚାର୍ଜ ଶାଫ୍ଟ ପ୍ରସ୍ତୁତ ସମ୍ପୂର୍ଣ୍ଣ କରାଯାଇଛି ।

କେନାଲ ଲାଇନିଂ ସିଷ୍ଟମ, ରିହାବିଲିଟେସନ୍ ପ୍ରୋଗ୍ରାମ୍, ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ଏବଂ କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପର ସଫଳତା ଆମର ୨୧ ମାସର କାର୍ଯ୍ୟକାରିତାରେ ଏକ ଉତ୍ସାହଜନକ ନିଦର୍ଶନ ଏବଂ ବିଭିନ୍ନ ଜଳସେଚନ ଯୋଜନା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ ।

ସେ ଆହୁରି କହିଥିଲେ ଯେ, ଜଳର ଉପଯୁକ୍ତ ବ୍ୟବହାର ଏବଂ ଶୁଦ୍ଧ ପାନୀୟ ଜଳର ଉପଲବ୍ ?ଧତାକୁ ବୃଦ୍ଧି କରିବା ବର୍ତ୍ତମାନର ଆବଶ୍ୟକତା । ଏଣୁ ଓଡ଼ିଶା ଭିଜନ ଡକୁମେଣ୍ଟ ୨୦୩୬ ଏବଂ ୨୦୪୭ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରୁ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଜଳ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ । ଏଣୁ ଆମେ ସମସ୍ତେ ସଂକଳ୍ପ ନେବା ଯେ, ଜଳ ପରିଚାଳନରେ ପୁରୁଷ ଓ ମହିଳାଙ୍କ ସମାନ ଭାଗୀଦାରି ଦ୍ୱାରା ହିଁ ଆମେ ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବା। ଜଳକୁ ଜୀବନ ଭରି ଭଲ ପାଇବା ଓ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜୀବ ଭବନ ଠାରେ ଶିଶୁ ଯତ୍ନ କେନ୍ଦ୍ର ‘‘କଳିକା’’ର ଉଦଘାଟନ ହେବା ସହିତ ଏଆଇ (ଇଓ) ଚାଳିତ ନାଗରିକ ମତାମତ ବ୍ୟବସ୍ଥା ‘ବିନ୍ଦୁ’ ଚାଟବୋଟ’ର ପ୍ରୟୋଗିକ ଶୁଭାରମ୍ଭ କରିଥିଲେ। ଏଥି ସହିତ ଜଳ ସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ଏକ କଫି ଟେବୁଲ ବୁକ୍ ‘ସୁଜଳା’ ଏବଂ ନଦୀ ମାନଚିତ୍ର ବହିର ଉନ୍ମୋଚନ ମଧ୍ୟ ହୋଇଥିଲା ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି କହିଥିଲେ ଯେ, ଯେଉଁ ସ୍ଥାନମାନଙ୍କରେ ଲୋୟର ଲେଭେଲ୍ ବ୍ରିଜ୍ ମାନଙ୍କୁ ଭଙ୍ଗାଯାଇ ଅଧିକ ଉଚ୍ଚତା ବିଶିଷ୍ଟ ବ୍ୟାରେଜ ନିର୍ମାଣ କରାଯାଉଛି, ସେ ସ୍ଥାନରେ ପୁରୁଣା ନିମ୍ନ ସ୍ତରରେ ଥିବା ବ୍ରିଜ୍ ମାନଙ୍କୁ ଭଙ୍ଗା ନ ଯାଇ ସେ ସବୁରେ ଗେଟ୍ ଲଗାଇ ଜଳ ସଂରକ୍ଷଣ ନିମିତ୍ତ ବ୍ୟବହାର କରାଯାଉ । ଏହି ପ୍ରସ୍ତାବକୁ ଷ୍ଟଡି କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗର ଫଟୋଚିତ୍ର ପ୍ରଦର୍ଶନୀ ପ୍ରତିବିମ୍ବକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ମଇ ୨୯ରେ ଓଟିଇଟି ପରୀକ୍ଷା




ଭୁବନେଶ୍ୱର, ୨୮/୦୩ (ଜେଏନ୍‌ଏସ୍) : ଆସନ୍ତା ମଇ ୨୯ତାରିଖରେ ଚଳିତବର୍ଷର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ଅନୁଷ୍ଠିତ ହେବ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବିଏସଇ) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପାଇଁ ଚଳିତମାସ ୨୬ତାରିଖରୁ ଅନଲାଇନ୍ ଆବେଦନ ଆରମ୍ଭ ହେବ। ନୂତନ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଫ୍ରେସ୍ ପ୍ରାର୍ଥୀଙ୍କ ସମେତ ପୂର୍ବରୁ ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ କାର୍ଯ୍ୟରତ ଥିବା ଅଣପ୍ରଶିକ୍ଷିତ ବା ଯୋଗ୍ୟତା ହାସଲ କରିନଥିବା ଶିକ୍ଷକମାନେ ମଧ୍ୟ ଏହି ପରୀକ୍ଷା ପାଇଁ ଆବେଦନ କରିପାରିବେ ବୋଲି ଜଣାପଡ଼ିଛି।

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅନଲାଇନ୍ ମାଧ୍ୟମରେ କରାଯିବ। ମାର୍ଚ୍ଚ ୨୬ତାରିଖରୁ ପରିଷଦର ଅଫିସିଆଲ ପୋର୍ଟାଲ (www.bseodisha.ac.in) ଖୋଲିବ। ଏପ୍ରିଲ ୯ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିଜର ପଞ୍ଜିକରଣ କରିପାରିବେ। ତେବେ ଶେଷମୁହୂର୍ତ୍ତରେ ଟେକନିକାଲ ସମସ୍ୟାରୁ ବର୍ତ୍ତିବା ପାଇଁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଫର୍ମ ପୂରଣ କରିବାକୁ ବୋର୍ଡ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି।

ସୂଚନା ଅନୁସାରେ, ମଇ ୨୯ତାରିଖରେ ଦୁଇଟି ସିଫ୍‌ଟରେ ପରୀକ୍ଷା ହେବ। ପେପର-୧ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ସାଢ଼େ ୧୧ଟାରେ ଓ ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ପେପରରେ ୧୫୦ଟି ମଲଟିପୁଲ ଚଏସ ପ୍ରଶ୍ନ ରହିବ।

ଉଭୟ ପେପର ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କୁ ଦୁଇଟିଯାକ ସିଫ୍ଟରେ ଉପସ୍ଥିତ ରହିବାକୁ ପଡ଼ିବ। ପରୀକ୍ଷାର ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ମଇ ୧୫ତାରିଖରୁ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଯେଉଁଥିରେ ପରୀକ୍ଷା କେନ୍ଦ୍ର ଓ ରୋଲ ନମ୍ବର ସମ୍ପର୍କିତ ବିସ୍ତୃତ ତଥ୍ୟ ଉଲ୍ଲେଖ ଥିବ। ଓଟିଇଟି ପରୀକ୍ଷା ଦେୟ ବାବଦରେ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ୬୦୦ଟଙ୍କା ଓ ଏସସି-ଏସଟି ପରୀକ୍ଷାର୍ଥୀଙ୍କ ପାଇଁ ୪୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ଆବେଦନ ଶୁଳ୍କ ଦାଖଲ ପାଇଁ ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ ଓ ନେଟବ୍ୟାଙ୍କିଙ୍ଗର ବ୍ୟବସ୍ଥା ରହିଛି। ଏପ୍ରିଲ ୯ତାରିଖ ରାତି ୧୧ଟା ୪୫ମିନିଟ୍ ପରେ କୌଣସି ପେମେଂଟ ଗ୍ରହଣ କରାଯିବ ନାହିଁ। ଯେଉଁ ପ୍ରାର୍ଥୀମାନେ ପୂର୍ବରୁ ଓଟିଇଟି ଦେଇ କୃତକାର୍ଯ୍ୟ ହୋଇଛନ୍ତି ମାତ୍ର ନିଜର ସ୍କୋରରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି ସେମାନେ ମଧ୍ୟ ପୁନର୍ବାର ପରୀକ୍ଷା ଦେବାକୁ ସୁଯୋଗ ପାଇପାରିବେ ବୋଲି ଜଣାପଡ଼ିଛି।

# ରାଜ୍ୟର ୧୭ ସରକାରୀ ବିଶ୍ୱବିଦ୍ୟାଳୟରେ ୬୯% ପ୍ରାଧ୍ୟାପକ ପଦ ଖାଲି !



ଭୁବନେଶ୍ୱର, ୨୮/୦୩ (ଜେଏନ୍‌ଏସ୍) : ରାଜ୍ୟର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ଏବେ ପ୍ରାୟ ୬୯% ପ୍ରାଧ୍ୟାପକ ପଦ ଖାଲି ପଡ଼ିଛି। ୨୦୨୫ ଏପ୍ରିଲ ୧୪ରୁ ବିଶ୍ୱବିଦ୍ୟାଳୟ ଆଇନରେ ସଂଶୋଧନ ଅଣାଯାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ସୁଦ୍ଧା ନିଯୁକ୍ତି କାର୍ଯ୍ୟ ବିଶେଷ ଆଗେଇ ପାରି ନାହିଁ। ନୂଆ ଆଇନ ଅନୁସାରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାଧ୍ୟାପକ ଚୟନ ନ କରି ସଂପୃକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ କମିଟି ଧାର୍ଯ୍ୟସମୟ ଭିତରେ ଚୟନ କରିବାର ବ୍ୟବସ୍ଥା ରହିଛି। ଶୁକ୍ରବାର ବିଧାନସଭାରେ କେତେକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦର୍ଶାଇଛନ୍ତି- ଖାଲି ଶିକ୍ଷକ ପଦବି ପୂରଣ ପାଇଁ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜଣାଇ ଦିଆଯାଇଛି। ଯଥାଶୀଘ୍ର ନିଯୁକ୍ତି ନିମନ୍ତେ ପୋର୍ଟାଲ ମାଧ୍ୟମରେ ଆବେଦନକାରୀମାନଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯିବ। ସେହିଭଳି ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରୁ ବର୍ତ୍ତମାନ ୧୪ଟିରେ ସ୍ଥାୟୀ କୁଳପତି ନାହାନ୍ତି। କେବଳ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ଅଛନ୍ତି। ନୂଆ କୁଳପତି ନିଯୁକ୍ତି ପାଇଁ ୨୦୨୫ ଜୁନ୍ ମାସରୁ ପର୍ଯ୍ୟାୟକ୍ରମେ ସାକ୍ଷାତକାର ଓ ସଂକ୍ଷିପ୍ତସୂଚୀ ତିଆରି ସରିଥିଲେ ସୁଦ୍ଧା କୁଳାଧିପତି (ରାଜ୍ୟପାଳ)ଙ୍କ ସ୍ତରରେ ଚୂଡ଼ାନ୍ତ ଅନୁମୋଦନ ହୋଇପାରିନାହିଁ। ଉଚ୍ଚ ଶିକ୍ଷା ମନ୍ତ୍ରୀ ଶୁକ୍ରବାର ଦେଇଥିବା ଉତ୍ତରରେ ଦର୍ଶାଇଛନ୍ତି- ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ମୋଟ ୨୦୭୯ ଅନୁମୋଦିତ ପଦ (ସହ-ପ୍ରାଧ୍ୟାପକ, ସହକାରୀ-ପ୍ରାଧ୍ୟାପକ, ପ୍ରାଧ୍ୟାପକ) ରହିଥିବାବେଳେ ଏଥିରୁ ୧୪୩୪ଟି ପଦ ଖାଲି ପଡ଼ିଛି। ଅର୍ଥାତ୍ ୬୮.୯୭% ଶିକ୍ଷକ ପଦ ଖାଲି ପଡ଼ିଛି। ଅନ୍ୟପଟରେ ସେହି ୧୭ଟି ବିଶ୍ୱବିଦ୍ୟାଳୟରେ ୩୦୮୨ଟି ଅନୁମୋଦିତ ଅଣ-ଶିକ୍ଷକ ପଦ ଥିବାବେଳେ ଏଥିରୁ ୨୩୨୫ଟି ପଦ ଅର୍ଥାତ୍ ୭୫.୪୩% ପଦ ଖାଲି ପଡ଼ିଛି। ଅଣ-ଶିକ୍ଷକ ପଦଗୁଡ଼ିକ ମଧ୍ୟରୁ କନିଷ୍ଠ ସହାୟକ ପଦ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ମାର୍ଚ୍ଚ ୯ ତାରିଖରେ ବିଜ୍ଞାପନ ପ୍ରକାଶ ପାଇଛି। ଏହି ନିଯୁକ୍ତି ପରୀକ୍ଷା ସ୍ୱତନ୍ତ୍ର ଲିଖିତ ପରୀକ୍ଷା ମାଧ୍ୟମରେ କରାଯିବ। ଶିକ୍ଷାଦାନକୁ ସୁସଂହତ କରିବା ପାଇଁ ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟରେ ୮୨୫ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି।

୨୦୨୦ରେ ବିଜେଡି ସରକାର ସମୟରେ ୧୯୮୯ର ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ କରାଗଲା ପରେ ରାଜ୍ୟରେ ଉଚ୍ଚତର ଶିକ୍ଷାରେ ଏକ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। କାରଣ ୨୦୨୨ରେ ଏହି ସଂଶୋଧନ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇ ଦେଇଥିଲେ। ୨୦୨୫ ଏପ୍ରିଲରେ ଏହି ଆଇନ ବିଧାନସଭାରେ ସଂଶୋଧନ ହେବା ପରେ ସୁପ୍ରିମକୋର୍ଟ ରୋକ ହଟାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅହିଂସାରେ ଆରମ୍ଭ...

କରିବା ପାଇଁ ଜାତୀୟ କଂଗ୍ରେସର ଜଣାଶୁଣା ବାହୁବଳି ନେତା ପପୁ ଯାଦବଙ୍କୁ ଓଡ଼ିଶା ଆମନ୍ତ୍ରଣ କରିବାକୁ ମନ୍ତ୍ରଣା ଚାଲିଛି। ରାଜ୍ୟ କଂଗ୍ରେସର ଅତୀତ ଇତିହାସକୁ ଅନୁଶୀଳନ କଲେ କନ୍ଦଳ ପାଇଁ ଦଳ ଦୁର୍ବଳ ସ୍ଥିତିରେ ରହିଛି। ନେତୃତ୍ୱକୁ ନେଇ ନେତାଙ୍କ ମଧ୍ୟରେ ବିବାଦ ଥମିବାର ନା ଧରୁନାହିଁ।

ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶା କଂଗ୍ରେସର ମଙ୍ଗ ଧରିବା ସହ ୧୪ବର୍ଷ ଶାସନ କ୍ଷମତାରେ ରହିଥିଲେ। ତାଙ୍କ ସମୟରେ କଂଗ୍ରେସ ସଂଗଠନ ଯେତିକି ସୁଦୃଢ଼ ରହିଥିଲା ସେତିକି ଆଭ୍ୟନ୍ତରୀଣ କନ୍ଦଳରେ ଚର୍ଚ୍ଚିତ ହୋଇ ପଡ଼ିଥିଲା। ଦୁଇ ହଜାର ମସିହାରୁ କଂଗ୍ରେସ କ୍ଷମତାଠାରୁ ଦୂରେଇ ରହିଥିବା ବେଳେ ପ୍ରତିବାଦି ଶାସକ ଦଳକୁ ହରାଇବା ପରିବର୍ତ୍ତେ ପିସିସି ସଭାପତି ପରିବର୍ତ୍ତନ କରିବା ପାଇଁ ଦଳରେ ଯେଉଁ ଦଉଡ଼ ଆଜି ଦଳକୁ ଦୁର୍ବଳ କରିଛି। ୧୯୮୬ ମସିହାରେ ବିଜୁ ପଟ୍ଟନାୟକ କେନ୍ଦ୍ରାପଡ଼ା ଲୋକସଭା ଆସନ ଛାଡ଼ିବା ପରେ ଯେଉଁ ଉପ ନିର୍ବାଚନ ହୋଇଥିଲା,ସେହିଦିନ ଠାରୁ କଂଗ୍ରେସର ଗୋଷ୍ଠୀ ବିବାଦ ଜନ୍ମ ନେଇଥିଲା। କଂଗ୍ରେସରୁ ବସନ୍ତ ବିଶ୍ୱାଳ ଏଠାରେ ପ୍ରାର୍ଥୀ ହୋଇଥିବା ବେଳେ ଜନତା ପାର୍ଟିରୁ ଶରତ ଚନ୍ଦ୍ର ଦେବ ବିଜୟି ହୋଇଥିଲେ। କିନ୍ତୁ ଏହା ପଛରେ ଜାନକୀଙ୍କ ଷଡ଼ଯନ୍ତ୍ର ଥିବା କୁହାଯାଉଥିଲା। ସେହିଦିନ ଠାରୁ କଂଗ୍ରେସରେ ଗୋଷ୍ଠୀ ବିବାଦ ଉଗ୍ର ରୁପ ନେଇଛିଲ,ଆଉ କେତେବେଳେ କାହ୍ନୁ ଚରଣ ଲେଙ୍କା ଭଳି ନେତାଙ୍କୁ ସାଲେପୁରଠାରେ ଟଣା ଓଟରା ଗରି ହଟହଟା କରାଯାଇଛି। ଯଦିବା ବିଜୁ ପଟ୍ଟନାୟକଙ୍କ ଭଳି ବରିଷ୍ଠ ନେତା ୬୦ଦଶକରେ କଂଗ୍ରେସ ଛାଡ଼ି ଅଣକଂଗ୍ରେସ ଦଳରେ ନିଜ ରାଜନୈତିକ ଜୀବନ ଯୋଡ଼ିଥିଲେ । ତେବେ କଂଗ୍ରେସ ନନ୍ଦୀନୀ ଶତପଥିଙ୍କ ଭଳି ଦୃଢ଼ନେତ୍ରୀ ଦଳର ମଙ୍ଗ ଧରିଥିଲେ। ୧୯୯୦ରେ କଂଗ୍ରେସ ହାରିଯିବା ପରେ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। କଂଗ୍ରେସ କ୍ଷମତାରୁ ଗଲା ପରେ ପିସିସି ସଭାପତି ଭାବେ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶା କଂଗ୍ରେସ ସଙ୍ଗଠନର ମଙ୍ଗ ଧରିଥିଲେ। ସଂଗଠନରେ ବାଦ ବିବାଦ ଓ ଗୋଷ୍ଠି କନ୍ଦଳ ଏଭଳି ରୁପ ନେଇଥିଲା ଯେ, ୧୯୯୧ରେ କଂଗ୍ରେସ ଭବନ ରକ୍ତାକ୍ତ ସଂଘର୍ଷରେ ପରିଣତ ହୋଇଥିଲା। ବହୁ ନେତା ଆହତ ହୋଇଥିଲେ। ବ୍ରହ୍ମପୁରରୁ ଗୁଣ୍ଡାମାନେ ବସନ୍ତ ବିଶ୍ୱାଳଙ୍କ ପାଇଁ ଆସିଥିବା ବେଳେ ଜାନକୀ ବାବୁଙ୍କ ପାଇଁ ଲୁଲୁ ମହାପାତ୍ର ଢାଲ ସାଜି ବସନ୍ତବାବୁଙ୍କ ଗୋଷ୍ଠୀଙ୍କୁ ଗୋଗଛ ବାଡ଼ିଆ କରିଥିଲେ। ସମସ୍ତେ ଭାବିଥିଲେ କଂଗ୍ରେସ ଆଉ କ୍ଷମତାକୁ ଫେରିବ ନାହିଁ। ତେବେ ବିଜୁ ପଟ୍ଟନାୟକ ୧୨୩ ଆସନ ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶା ପାଇଁ ପ୍ରଶାସନିକସ୍ତରରେ ସାଧାରଣ ଲୋକଙ୍କ ପାଖରେ ସେବା ପହଞ୍ଚାଇବା ଲକ୍ଷରେ ୧୩ ଜିଲ୍ଲାକୁ ୩୦ଟି ଜିଲ୍ଲା କରିଥିଲେ। ତେବେ ୧୯୯୫ରେ ପୁର୍ନ୍ନବାର କଂଗ୍ରେସ କ୍ଷମତାକୁ ଫେରିଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବସନ୍ତ ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳ ଉପ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ସତ୍ତ୍ୱେ ଜାନକୀ ବାବୁଙ୍କ ଗୋଷ୍ଠୀ ବସନ୍ତ ବିଶ୍ୱାଳଙ୍କ ହାତରୁ ଗୋଟିକ ପରେ ଗୋଟିଏ କ୍ଷମତା ଛଡ଼ାଇ ନେବାରୁ ଦଳ ଭିତରେ କନ୍ଦଳ ଉଗ୍ର ରୁପ ନେଇଥିଲା। ୯୦ ଦଶକର ଶେଷ ଭାଗରେ ଗିରିଧାରୀ ଗମାଙ୍ଗ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ବହନ କଲେ ବି ୧୯୯୯ ମହାବାତ୍ୟା ଓଡ଼ିଶା ପାଇଁ ଯେତିକି ବିପଦ ଥିଲା କଂଗେସ ସଙ୍ଗଠନକୁ ଦୁର୍ବଳ କରିବାକୁ ବଳ ଯୋଗାଇ ଥିଲା। ୨୦୦୦ ମସିହାରୁ କଂଗ୍ରେସ ବହୁବାର ନେତୃତ୍ୱ ପରିବର୍ତ୍ତନ କଲେ ବି ଦଳ ଆଉ କ୍ଷମତାକୁ ଫେରି ପାରୁନାହିଁ। ଶରତ ପଟ୍ଟନାୟକଙ୍କ ସମୟରେ ତାଙ୍କ ବିରୋଦ୍ଧରେ ମଧ୍ୟରେ ବିଦ୍ରୋହ ଆରମ୍ଭ ହୋଇଥିଲା।୨୦୦୯ରେ କେ ପି ସିଂହଦେଓ ପିସିସି ସଭାପତି ଦାୟିତ୍ୱ ନେଇଥିଲେ। ଦଳ ହାରିଯିବା ପରେ ତତ୍‌କାଳୀନ କଂଗ୍ରେସର ଛାତ୍ର ନେତା ଚିନ୍ମୟ ସାହୁ ଲୁଲୁଙ୍କ ଇଙ୍ଗିତରେ କଂଗ୍ରେସ ଭବନରେ ଭଙ୍ଗାରୁଜା କରିଥିଲେ। ନିରଞ୍ଜନ ପଟ୍ଟନାୟକ କେପି ସିଂହଦେବଙ୍କ ପରେ ଦାୟିତ୍ୱ ନେଇଥିଲେ। ତେବେ ତାଙ୍କୁ ୨୦୧୪ ନିର୍ବାଚନ ପୁର୍ବରୁ ହଟାଇ ଦିଆଯାଇଥିଲା। ଜୟଦେବ ଜେନା ପିସିସି ସଭାପତି ଦାଇତ୍ୱ ନେଇଥିଲେ। ସୋମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଦଳରୁ ନିଲମ୍ବିତ କରାଯିବାରୁ କଂଗ୍ରେସ ଭବନ ଭିତରେ ଭଙ୍ଗାରୁଜା ମଧ୍ୟ କରାଯାଇଥିଲା। ୨୦୧୫ ମସିହାରେ ପ୍ରସାଦ ହରିଚନ୍ଦନ ପିସିସି ସଭାପତି ଦାଇତ୍ୱ ନେବାରୁ କିଛି ଦିନ ପରେ କଂଗ୍ରେସ ଭବନକୁ ଅସନ୍ତୁଷ୍ଟ ଯୁବ ଛାତ୍ର ନେତା ଟମାଟ ମାଡ଼ କରିଥିଲେ। ୨୦୧୮ ଅପ୍ରେଲରେ ପୁର୍ନ୍ନବାର ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ଦାୟିତ୍ୱ ନେଇଥିଲେ। ସେତେବେଳେ ଯୁବ କଂଗ୍ରେସ ସଭାପତି ସ୍ମୃତି ରଂଜନ ଲେଙ୍କା ଓ ଲୋକନାଥ ମହାରଥୀଙ୍କ ଭିତରେ ଗଣ୍ଡଗୋଳ ନେଇ କଂଗ୍ରେସ ଭବନରେ ଚେୟାର ଭଙ୍ଗାରୁଜା ହୋଇଥିଲା।

# ଜନଗଣନା ପାଇଁ ନିଅଣ୍ଟ ସରକାରୀ ଶିକ୍ଷକ

ଭୁବନେଶ୍ୱର, ୨୮/୦୩ (ଜେଏନ୍‌ଏସ୍) : ଏପ୍ରିଲ ୧୬ରୁ ରାଜଧାନୀରେ ଜନଗଣନା ଆରମ୍ଭ ହେବାକୁ ଯାଉଛି। ଏନେଇ ସମସ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆବଶ୍ୟକ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ହେଲେ ଭୁବନେଶ୍ୱର ଓ ଉପକଣ୍ଠ ପାଇଁ ଗଣନା କରିବାକୁ ପର୍ଯ୍ୟାପ୍ତ ପରିମାଣର ସରକାରୀ ଶିକ୍ଷକଶିକ୍ଷୟିତ୍ରୀ ମିଳୁନାହାନ୍ତି। ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ବ୍ଲକ୍ ଅଞ୍ଚଳର ସମସ୍ତ ସରକାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମିଶାଇଲେ ମଧ୍ୟ ଗଣନା ପାଇଁ ସଂଖ୍ୟା କମ୍ ପଡୁଛି। ଏଣୁ ବେସରକାରୀ ତଥା ଘରୋଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତା ନେବାକୁ ଏବେ ବିଭାଗ ଅଣ୍ଟା ଭିଡ଼ିଛି। ଆସନ୍ତା ମେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜନଗଣନାରେ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ବିଦ୍ୟାଳୟସ୍ତରର ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଭୂମିକା ଗ୍ରହଣ କରିବେ। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଗଣନାକାରୀ ଭାବେ ନିଯୁକ୍ତି ହେବାକୁ ଥିବା ବେଳେ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଗଣନାରେ ସୁପରଭାଇଜର ଭାବେ ଦାୟିତ୍ୱ ନିର୍ବାହ କରିବେ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଭୁବନେଶ୍ୱରରେ ସମସ୍ୟା ସୃଷ୍ଟି ହୋଇଛି। ଭୁବନେଶ୍ୱର ଓ ଉପକଣ୍ଠରେ ପାଖାପାଖି ୨୦ ଲକ୍ଷ ଲୋକ ବସବାସ କରୁଥିବାରୁ ସେମାନଙ୍କ ଗଣନା କରିବାକୁ ପର୍ଯ୍ୟାପ୍ତ ସଂଖ୍ୟକ ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି। ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ବ୍ଲକ୍ ଅଞ୍ଚଳର ସମସ୍ତ ସରକାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସଂଖ୍ୟା ପ୍ରାୟ ୮ଶହ। ୨୦ ଲକ୍ଷ ଲୋକଙ୍କୁ ଗଣନା କରିବାକୁ ୮୦୦ ଶିକ୍ଷକ ଶିକ୍ଷୟିତ୍ରୀ ଯଥେଷ୍ଟ ନ ଥିବାରୁ ଜନଗଣନା ନେଇ ସମସ୍ୟା ସୃଷ୍ଟି ହୋଇଛି। କେଉଁଭଳି ଭାବେ ଗଣନା କରାଯିବ ସେନେଇ ବିଭାଗୀୟ ଅଧିକାରୀମାନେ ବାରମ୍ବାର ବୈଠକ କରିବା ପରେ ବେସରକାରୀ ତଥା ଘରୋଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତା ନେବାକୁ ବ୍ଲକ୍ ଶିକ୍ଷା ଅଧିକାରୀ ନିଷ୍ପତ୍ତି ନେଇଛନ୍ତି। ହାତରେ ଆଉ କମ୍ ସମୟ ଥିବାରୁ ଗଣନାକାରୀ ଓ ସୁପରଭାଇଜରମାନଙ୍କ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେହିଦୃଷ୍ଟିରୁ ବିଭାଗୀୟ ଅଧିକାରୀମାନେ ଯୋଜନା ପ୍ରସ୍ତୁତ କରିବା ସହ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକର ସହାୟତା ନେବାକୁ ବିଇଓଙ୍କ ପକ୍ଷରୁ ଚିଠି ଲେଖାଯାଇଛି।

ବିଦ୍ୟାଳୟର ମୋଟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ୬୦ ପ୍ରତିଶତଙ୍କୁ ଗଣନା କାର୍ଯ୍ୟ ପାଇଁ ପଠାଇବାକୁ କୁହାଯାଇଥିଲା। ବିଦ୍ୟାଳୟମାନେ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଏପ୍ରିଲ ମାସରୁ ନୂଆ ଶିକ୍ଷାବର୍ଷ ଆରମ୍ଭ ହେଉଛି। ନାମଲେଖା ସାଙ୍ଗକୁ ପାଠପଢ଼ା ମଧ୍ୟ ହେବ। ତେଣୁ ବିଦ୍ୟାଳୟର ୬୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜନଗଣନା କାର୍ଯ୍ୟକୁ ପଠାଇଲେ, ପାଠପଢ଼ା ବ୍ୟାହତହେବ ବୋଲି କିଛି ବିଦ୍ୟାଳୟ କହିଛନ୍ତି। ତେବେ ସରକାରୀ ନିର୍ଦ୍ଦେଶ ରହିଥିବାରୁ ଅଧିକାଂଶ ବିଦ୍ୟାଳୟ ଅଳ୍ପ କିଛି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗଣନା କାର୍ଯ୍ୟକୁ ପଠାଇଥିବା ସୂଚନା ମିଳିଛି। ତାପରେ ମଧ୍ୟ ଆବଶ୍ୟକୀୟ ସଂଖ୍ୟା ହେଉ ନଥିବାରୁ ଆଗାମୀ ଦିନରେ ଗଣନା କାର୍ଯ୍ୟରେ ସମସ୍ୟା ଉପୁଜିବାର ଆଶଙ୍କା ପ୍ରକାଶ ପାଇଛି। ଜନଗଣନା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ କହିଛନ୍ତି ଯେ, ଭୁବନେଶ୍ୱର ପରି ସହରରେ ଜନଗଣନା କରିବା କଷ୍ଟକର। ଲୋକ ଓ ଘର ଅନୁଯାୟୀ ଗଣନା କରିବାକୁ ଆବଶ୍ୟକ ସରକାରୀ ଶିକ୍ଷକଶିକ୍ଷୟିତ୍ରୀ ନାହାନ୍ତି। ତେଣୁ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ଅନ୍ୟମାନଙ୍କ ସହଯୋଗ ନେଇପାରିବେ। ସେହି ଅନୁଯାୟୀ ଘରୋଇ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହାୟତା ନିଆଯାଉଛି।

# ରେଳ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶାର ସାଂସଦଙ୍କ ଟିମ୍, ଆରଇସିଏକୁ ଜମି ଯୋଗାଇ ଦେବାକୁ ଅନୁରୋଧ



ଭୁବନେଶ୍ୱର, ୨୮/୦୩ (ଜେଏନ୍‌ଏସ୍) : ରେଳ ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାର ସାଂସଦଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଖଡ଼ଗପୁର ସ୍ଥିତ 'ରେଲୱେ ଏମ୍ପ୍ଲୋଇ କଲଚରାଲ ଆସୋସିଏସନ' (ଜରଉଇ) ର ଦୀର୍ଘ ଦିନରୁ ପଡ଼ି ରହିଥିବା ଜମି ଆବଣ୍ଟନ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଖଡ଼ଗପୁରର ନ୍ୟୁ ସେଟେଲମେଣ୍ଟ ଅଞ୍ଚଳରେ ଥିବା ପ୍ରାୟ ୫୯୧୫ ବର୍ଗ ମିଟର ପରିମିତ ରେଳ ଜମିକୁ 'ରେଲୱେ ଏମ୍ପ୍ଲୋଇଜ୍ କଲଚରାଲ ଆସୋସିଏସନ' ନାମରେ ନିୟମିତ କରିବା ପାଇଁ ସାଂସଦମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗ ପ୍ରାୟ ତିନି ଦଶନ୍ଧିରୁ ଅଧିକ ପୁରୁଣା । ୧୯୯୯ ମସିହା ମାର୍ଚ୍ଚ ୮ରେ ଓଡ଼ିଶାର ତତ୍କାଳୀନ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ପତ୍ର ଲେଖିଥିଲେ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପିତା ସ୍ୱର୍ଗତ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ୧୯୯୯ ମାର୍ଚ୍ଚ ୧୫ରେ ମଧ୍ୟ ଏହି ଜମି ଆବଣ୍ଟନ ପାଇଁ ସେ ସମୟରେ କେନ୍ଦ୍ର ରାଷ୍ଟ୍ର ରେଳ ମନ୍ତ୍ରୀ ଶ୍ରୀ ରାମ ନାଏକଙ୍କୁ ଅନୁରୋଧ କରିଥିଲେ।

ଓଡ଼ିଶାର ସାଂସଦମାନେ ଦାବୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୧୯୮୯ ମସିହାରୁ ଏହି ଆସୋସିଏସନ ଖଡ଼ଗପୁର ଭଳି ଏକ ବହୁଭାଷୀ ରେଳ ସହରରେ କର୍ମଚାରୀଙ୍କ ମଧ୍ୟରେ ସାଂସ୍କୃତିକ ଏକତା, ସାମାଜିକ କଲ୍ୟାଣ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ମାଧ୍ୟମରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ରେଳ ବିଭାଗର ଆଭ୍ୟନ୍ତରୀଣ ରିପୋର୍ଟ ଅନୁଯାୟୀ, ଆସୋସିଏସନ ଦୀର୍ଘ ଦିନରୁ ଏହି ଜମି ବ୍ୟବହାର କରୁଛି ଏବଂ ସେଠାରେ ସ୍କୁଲ, ମନ୍ଦିର ଓ ଅନ୍ୟାନ୍ୟ ଜନହିତକର ଭିତ୍ତିଭୂମି ରହିଛି । ଦକ୍ଷିଣ ପୂର୍ବ ରେଳବାଇର ଡିଭିଜନାଲ ରେଲୱେ ମ୍ୟାନେଜର (ଡ଼ିଆରଏମ/କେଜିପି) ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପୂର୍ବରୁ ଏହି ଜମି ନିୟମିତକରଣ ପାଇଁ ସୁପାରିଶ କରିସାରିଛନ୍ତି । ତେବେ ଜମି ଆବଣ୍ଟନ ନହେବା ତଥା ଏଥିରେ ଅହେତୁକ ବିଳମ୍ବ କାରଣରୁ ସଂଘର ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ତେଣୁ, ଏହାକୁ ଏକ 'ସ୍ୱତନ୍ତ୍ର ମାମଲା' ଭାବେ ବିଚାର କରି ରେଳ କର୍ମଚାରୀ ଓ ସାଧାରଣ ଜନତାଙ୍କ ସୁବିଧା ପାଇଁ ଏହି ଜମିକୁ ତୁରନ୍ତ ଆବଣ୍ଟନ କରିବାକୁ ଓଡ଼ିଶାର ସାଂସଦମାନେ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ରେକା କେବଳ ଧାର୍ମିକ କାର୍ଯ୍ୟରେ ସୀମିତ ନରହି ଜାତୀୟ ସଂହତି ଏବଂ ସାମାଜିକ ସଦଭାବନା ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଛି । ଏହାର ସ୍ଥାୟୀ ସମାଧାନ ହେଲେ ଖଡ଼ଗପୁରରେ ରହୁଥିବା ବିଭିନ୍ନ ପ୍ରାନ୍ତର ରେଳ କର୍ମଚାରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ପ୍ରକାଶ ଥାଉକି, ଓଡ଼ିଶାର ସାଂସଦମାନେ ଏ ସମ୍ପର୍କିତ ସମସ୍ତ ତଥ୍ୟ ଚିଠି ସହ ସଲଗ୍ନ କରିଛନ୍ତି।

# ସୋନମାର୍ଗ ଜାତୀୟ ରାଜପଥରେ ହିମସ୍ଖଳନ : ଚାଲିଗଲା ୬ ଜୀବନ

ଜମ୍ମୁ-କଶ୍ମୀର, ୨୮/୦୩ : ଜମ୍ମୁ-କଶ୍ମୀରର ସୋନାମାଗ ଜାତୀୟ ରାଜପଥରେ ଭୟଙ୍କ ହିମସ୍ଖଳନ। ଜୋଜିଲା-ସୋନାମାର୍ଗରେ ହିମସ୍ଖଳନ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୫ ଜଣ ଆହତ ହୋଇଛନ୍ତି। ଜାତୀୟ ରାଜପଥରେ ଲୋକମାନେ ଯାଉଥିବା ବେଳେ ହଠାତ୍ ହିମସ୍ଖଳନ ହୋଇଥିଲା। ଏଥିଯୋଗୁ ଜାତୀୟ ରାଜପଥରେ ଯାଉଥିବା ପ୍ରାୟ ୧୨ଟି ଗାଡ଼ି ବରଫ ତଳେ ଫସି ଯାଇଥିଲେ। ଉଦ୍ଧାରକାରୀ ଟିମ କିଛି ଗାଡ଼ିକୁ ବାହାର କରିଥିବା ବେଳେ ଏବେ ବି ଏହା ମଧ୍ୟରେ ଆଉ କିଛି ଲୋକ ଓ ଗାଡ଼ି ଫସି ରହିଥିବା କୁହାଯାଉଛି। ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚାଲିଛି। ଏବେ ବି ଘଟଣା ସ୍ଥଳରେ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଛନ୍ତି। ସେମାନେ ଉଦ୍ଧାର କାର୍ଯ୍ୟ ଉପରେ ନଜର ରଖିଥିବା ବେଳେ ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଛି ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ମଧ୍ୟ କୁହାଯାଉଛି। ତଥାପି ଏନେଇ ହସ୍ପିଟାଲ ପକ୍ଷରୁ କୌଣସି ସୂଚନା ଦିଆଯାଇନି। ଲଦାଖର ଉପ ରାଜ୍ୟପାଳ ଭିକେ ସକ୍ସେନା ଘଟଣା ଉପରେ ପ୍ରତିକ୍ରିୟା ଦେଇ ଏବେ ଅଧିକାରୀମାନେ ସ୍ଥିତିର ଅନୁଧ୍ୟାନ କରୁଥିବା କହିଛନ୍ତି। ସେ କହିଛନ୍ତି ଯେ "ଜୋଜିଲା ଅଞ୍ଚଳରେ ହିମସ୍ଖଳନ ଭଳି ଗୋଟିଏ ଦୁର୍ଭାଗ୍ୟଜନକ ଘଟଣା ସମ୍ପର୍କରେ ଶୁଣିଛି। କାର୍ଗିଲର ଡିସି ଓ ଏସଏସପିଙ୍କୁ ତୁରନ୍ତ ଘଟଣା ସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଛି। ସେହିପରି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ସମସ୍ତ ସରକାରୀ ଏଜେନ୍ସି ଏବେ ହାଇ ଆଲର୍ଟରେ ରହିଛି।

# ଏପ୍ରିଲରେ ମଦ ଦୋକାନ ପାଇଁ ଅନଲାଇନ୍ ଲଟେରୀ

ଭୁବନେଶ୍ୱର, ୨୮/୦୩ (ଜେଏନ୍‌ଏସ୍) : ଆସନ୍ତା ଏପ୍ରିଲ ପହିଲାରୁ ରାଜ୍ୟରେ ୩ବର୍ଷିଆ ନୂଆ ଅବକାରୀ ନୀତି ଲାଗୁ ହେବା ସହ ମଦ ଦୋକାନଗୁଡ଼ିକର ପୁନଃ ଆବଣ୍ଟନ କରାଯିବ। ମଦ ଦୋକାନର ଲଟେରୀ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ସରକାର ଅନଲାଇନ୍ ଲଟେରୀ ଉପରେ ଗୁରୁତ୍ୱ ଦେବେ। ଏପ୍ରିଲ ମାସରେ ଏହି ଲଟେରୀ ପ୍ରକ୍ରିୟା ସମ୍ପନ୍ନ କରାଯିବ ବୋଲି ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଜି ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଚଳିତ ମାର୍ଚ୍ଚ ୩୧ ତାରିଖରେ ମଦ ଦୋକାନଗୁଡ଼ିକର ପାଂଚ ବର୍ଷିଆ ଲାଇସେନ୍ସ ଅବଧି ଶେଷ ହେଉଛି। ତେଣୁ ଆସନ୍ତା ଏପ୍ରିଲ ମାସରୁ ମଦ ଦୋକାନ ଆବଂଟନ ପାଇଁ ଲଟେରୀ ପ୍ରକ୍ରିୟା କରାଯିବ। ପୂର୍ବରୁ ପଲିସି ଏନଫୋର୍ସମେଂଟ ଓ ବିଭିନ୍ନ ପ୍ରକ୍ରିୟାଗତ କାରଣରୁ ଏଥିରେ କିଛିଟା ବିଳମ୍ବ ହୋଇଥିଲେ ମଧ୍ୟ ଏବେ ଏହାକୁ ତ୍ୱରାନ୍ୱିତ କରାଯାଉଛି। ଏପ୍ରିଲ ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ଅବକାରୀ ବିଭାଗର ପ୍ରମୁଖ ସଚିବ ଓ ତାଙ୍କ ଟିମ୍ ଏହାର ନିୟମିତ ସମୀକ୍ଷା କରୁଛନ୍ତି। ସେ କହିଛନ୍ତି ଯେ, ଏହି ସମଗ୍ର ଲଟେରୀ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ନିଲାମ ପ୍ରକ୍ରିୟା ବନ୍ଦ ରହିବ ଓ କେବଳ ଲଟେରୀ ମାଧ୍ୟମରେ ହିଁ ମଦ ଦୋକାନଗୁଡ଼ିକର ଆବଣ୍ଟନ କରାଯିବ। ବିଶେଷକରି କୌଣସି ପ୍ରକାର ଅନିୟମିତତାକୁ ରୋକିବା ପାଇଁ ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଲେକ୍‌ଟ୍ରୋନିକ ଲଟେରୀ ବ୍ୟବସ୍ଥା ଗ୍ରହଣ କରାଯିବ। ସରକାର ମଧ୍ୟ ଅନଲାଇନ ଲଟେରୀ ବ୍ୟବସ୍ଥା ବିଷୟରେ ଚିନ୍ତା କରୁଛନ୍ତି। ଯାହାଫଳରେ ପ୍ରକୃତ ଉପଭୋକ୍ତା ବା ଆବେଦନକାରୀ ଏହାର ସୁଯୋଗ ପାଇପାରିବେ ଓ ଆବଂଟନରେ ପାରଦର୍ଶିତା ମଧ୍ୟ ରହିପାରିବ।

## ଶକ୍ତି ଏ ସପ୍ତାହର

### ରାଶି ଅନୁଯାୟୀ ଏ ସପ୍ତାହର ଶକ୍ତି....

**ଭାଗ୍ୟାଙ୍କ : (ଭାଗ୍ୟାଙ୍କ କିପରି ଗଣନା କରିବେ – ୦୮-୦୩-୨୦୨୬ = ୦+୮+୦+୩+୨+୦+୨+୬= ୨୧ = ୨+୧ = ୩)**

ଭାଗ୍ୟାଙ୍କ ୧ : ବୃତ୍ତିଗତ ଭାବରେ ଆପଣ ଆପଣଙ୍କ ମତାମତ ଯୋଗୁଁ ପରିଚିତି ପାଇବେ କିନ୍ତୁ ଆପଣ ଈର୍ଷାର ଶିକାର ହେବେ। ନିଷ୍ପତ୍ତି ନେବା ସମୟରେ ତୁମେ ବହୁତ ବ୍ୟବହାରିକ ହେବ। ଆପଣଙ୍କୁ ବ୍ୟକ୍ତିଗତ ଜୀବନରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ଏବଂ ସ୍ଥିରତା ଆପଣଙ୍କୁ ଆପଣଙ୍କ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରିବ। ଆର୍ଥିକ ସ୍ଥିରତା ମଧ୍ୟମ ରହିବ।

ଭାଗ୍ୟାଙ୍କ ୨ : ଯେକୌଣସି ବିଷୟରେ ଆଲୋଚନା କରିବା ସମୟରେ ଆପଣଙ୍କୁ ଆପଣଙ୍କର କଥା ଉପରେ ନିୟନ୍ତ୍ରଣ ରଖିବାକୁ ପଡିବ। ଅତ୍ୟଧିକ ବନ୍ଧୁତ୍ୱପୂର୍ଣ୍ଣ ହେବା ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଆପଣଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡିତ ସୂଚନା ସେୟାର କରିବାରୁ ଦୂରେଇ ରୁହନ୍ତୁ। ସାଧାରଣତଃ ଏହି ସପ୍ତାହରେ ଆପଣଙ୍କ ଜୀବନରେ ଅସ୍ୱସ୍ତି ଏବଂ ଦୁଃଖ ରହିବ। ପିଲାମାନଙ୍କ ସହିତ ସମୟ ବିତାଇବା ଆପଣଙ୍କୁ ଖୁସି ଦେବ। ଆପଣଙ୍କ ଆର୍ଥିକ ସ୍ଥିତି ଭଲ ରହିବ।

ଭାଗ୍ୟାଙ୍କ ୩: ଏହି ସପ୍ତାହରେ କାହା ସହିତ ଯୁକ୍ତିତର୍କ ଏବଂ ମତଭେଦ ଆପଣଙ୍କୁ ବିରକ୍ତ କରିବ। ଆପଣ ଏହା ବିଷୟରେ ବାରମ୍ବାର ଚିନ୍ତା ଚିନ୍ତା କରିବା ଦ୍ୱାରା ଆପଣଙ୍କ ମାନସିକ ଚାପ ବଢିବ। କର୍ତ୍ତୃପକ୍ଷ ଆପଣଙ୍କ ଅନିୟମିତ ଆଚରଣକୁ ମୁକାବିଲା କରିବା କଷ୍ଟକର ହେବ। ଶିକ୍ଷା ଏବଂ ଶିକ୍ଷା ଆପଣଙ୍କ ପାଇଁ ଲାଭଦାୟକ ହେବ। ଏହି ସପ୍ତାହରେ ଆପଣଙ୍କ ପ୍ରଦର୍ଶନ ନିଶ୍ଚିତ ଭାବରେ ଉନ୍ନତ ହେବ। ଆର୍ଥିକ ପରିସ୍ଥିତି ମଧ୍ୟମ ରହିବ।

ଭାଗ୍ୟାଙ୍କ ୪ : ଆପଣଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବ କିନ୍ତୁ ବେଳେବେଳେ ଶରୀରରେ ଯନ୍ତ୍ରଣା ହେବ। ନିଜ ପାଇଁ କିଛି ଖର୍ଚ୍ଚ କରିବା ପୂର୍ବରୁ ଦୁଇଥର ଚିନ୍ତା କରିବେ। ଗାଡ଼ି ଚଲାଇବା ଆପଣଙ୍କ ପାଇଁ କଷ୍ଟକର କାମ ହେବ। ଏହି ସପ୍ତାହରେ ଆପଣଙ୍କ ପ୍ରେମ ପଛରେ ରହିବ। ବୃତ୍ତିଗତ ଭାବରେ ଭଲ ଚିନ୍ତାଧାରା ପ୍ରଦାନ କରିବେ ଯାହା ଦୂରରୁ ଆପଣଙ୍କୁ ଦେଖୁଥିବା ଲୋକଙ୍କୁ ପ୍ରଭାବିତ କରିବ। ଏହି ସପ୍ତାହରେ ଆର୍ଥିକ ସମସ୍ୟା ଆପଣଙ୍କୁ ଅସୁବିଧାରେ ପକାଇବ।

ଭାଗ୍ୟାଙ୍କ ୫ : ଆପଣ ଆପଣଙ୍କ ପ୍ରେମିକଙ୍କ ପାଇଁ ଖର୍ଚ୍ଚ କରିବାକୁ ଯାଉଛନ୍ତି। ଏହି ସପ୍ତାହରେ ଆପଣ ବିପରୀତ ଲିଙ୍ଗ ପ୍ରତି ଆକର୍ଷିତ ହୋଇପାରନ୍ତି। ଅଧିକ ଖାଇବା ଆପଣଙ୍କ ପେଟକୁ ଖରାପ କରିପାରେ। ଆପଣ ନୂତନ ଚିନ୍ତାଧାରା ସହିତ ଆସିବେ ଯାହା ଆପଣଙ୍କୁ ବୃତ୍ତିଗତ ଭାବରେ ଉନ୍ନତ କରିବ। ନୂତନ ସୁଯୋଗ ଆପଣଙ୍କ ପାଖକୁ ଆସିବ। ଖର୍ଚ୍ଚ ବୃଦ୍ଧି ପାଇବା ସହିତ ଆର୍ଥିକ ପରିସ୍ଥିତି ମଧ୍ୟମ ରହିବ।

ଭାଗ୍ୟାଙ୍କ ୬: ଏହି ସପ୍ତାହରେ ଆର୍ଥିକ ସମସ୍ୟା ଆପଣଙ୍କ ପାଇଁ ଚିନ୍ତାର ବିଷୟ ନୁହେଁ କିନ୍ତୁ ଆପଣଙ୍କ ଅହଂକାର ଏବଂ ଗର୍ବକୁ ସତର୍କତାର ସହ ପରିଚାଳନା କରିବାକୁ ପଡିବ। ଚାରିପାଖରେ ଥିବା ସମସ୍ତଙ୍କ ସହିତ ନମ୍ର ହେବାକୁ ଚେଷ୍ଟା କରନ୍ତୁ। କୌଣସି ସଂଗଠନକୁ ଦାନ କରିବା ଆପଣଙ୍କୁ ଆପଣଙ୍କର ଆନ୍ତରିକ ଶାନ୍ତି ହାସଲ କରିବାରେ ସାହାଯ୍ୟ କରିବ। ବୃତ୍ତିଗତ ସଫଳତା ବହୁତ କମ୍ ହେବ।

ଭାଗ୍ୟାଙ୍କ ୭: ଆପଣ ଆପଣଙ୍କ ପସନ୍ଦର ବ୍ୟକ୍ତିଙ୍କ ସହିତ ଏକ ସୁନ୍ଦର ସପ୍ତାହ ବିତାଇବାକୁ ଯାଉଛନ୍ତି। ଯଦି ଆପଣ କୌଣସି ସମ୍ପର୍କରେ ନାହାନ୍ତି ତାହାଲେ ଏକ ନୂତନ ସମ୍ପର୍କରେ ପ୍ରବେଶ କରିପାରିବେ। ବୃତ୍ତିଗତ ଏବଂ ଆର୍ଥିକ ଦୃଷ୍ଟିରୁ ଆପଣ ସ୍ଥିର ରହିବେ। ଏହି ସପ୍ତାହରେ ଆପଣଙ୍କୁ ସଠିକ୍ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ସହିତ ଆପଣଙ୍କର ପଡ଼ି ରହିଥିବା କାମକୁ ସମାପ୍ତ କରିବା ପାଇଁ ପରିଶ୍ରମ କରିବାକୁ ପଡିବ।



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

ଭାଗ୍ୟାଙ୍କ ୮: ଆପଣ ପ୍ରଦର୍ଶନ କରିବାର ସର୍ବୋତ୍ତମ ସମ୍ଭାବ୍ୟ ଉପାୟ ଖୋଜିବେ। ଆପଣ ବୃତ୍ତିଗତ ଜୀବନରେ ଆପଣଙ୍କର ସ୍ଥିତିକୁ ଉନ୍ନତ କରିବେ। ଭବିଷ୍ୟତରେ ଯଥେଷ୍ଟ ଭଲ ରୋଜଗାର କରିବାର ନୂତନ ଉପାୟ ବାହାର କରିବାରେ ସଫଳ ହେବେ। ସ୍ୱାସ୍ଥ୍ୟ ଏ ସପ୍ତାହରେ ଭଲ ରହିବ। ବ୍ୟକ୍ତିଗତ ଜୀବନରେ ଆପଣଙ୍କ ପ୍ରିୟଜନଙ୍କ ପ୍ରତି ଆପଣଙ୍କର ବିଶ୍ୱସ୍ତତା ପ୍ରମାଣ କରିବା ପାଇଁ ପୁଣି ଥରେ ପରୀକ୍ଷା ଦେବେ।

ଭାଗ୍ୟାଙ୍କ ୯ : ଲୋକମାନେ ଆପଣଙ୍କ ପରାମର୍ଶ ପାଇଁ ଆପଣଙ୍କ ପାଖକୁ ଆସିବେ। ଆପଣ ଏହି ସପ୍ତାହରେ ଅତ୍ୟନ୍ତ ଭାବପ୍ରବଣ ହେବେ। କାହା ଉପରେ ଚିତ୍କାର କରିବାକୁ ଚେଷ୍ଟା କରନ୍ତୁ ନାହିଁ। ଆର୍ଥିକ ଦୃଷ୍ଟିରୁ ଭଲ ରହିବ ଏବଂ ପରିବାର ସହିତ ବାହାରକୁ ଯାତ୍ରା ହେବ ଯାହା ଆପଣଙ୍କ ମନୋଭାବକୁ ଉନ୍ନତ କରିବ। ଆପଣଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ନଜର ଆସିବ।

# ୨୪ ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟାନସିପ ଉଦଯାପିତ

ଭୁବନେଶ୍ୱର, ୨୯/୦୩ (ଜେଏନ୍ଏସ୍) : ୨୪ ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟାନସିପ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମସ୍ତ ବିଜେତା ଆଥଲେଟ ମାନଙ୍କୁ ପୁରସ୍କୃତ କରିବା ସହିତ ଆଗାମୀ ସମୟରେ ସମସ୍ତ ଖେଳରେ ନିଜର ପରିଶ୍ରମ ଅବ୍ୟାହତ ରଖିବାପାଇଁ ପରାମର୍ଶ ଦେଇଥିଲେ । ହାର ଜିତ ତ ସବୁ ଖେଳାଳୀ ଜୀବନରେ ଆସିଥାଏ, କିନ୍ତୁ ପ୍ରକୃତ ଜୀବନର ସଂଘର୍ଷକୁ ଜିତିଯାଇଥିବା ବିଜେତା ହେଉଛନ୍ତି ଆପଣମାନେ । କାରଣ ଆପଣ ମାନେ ନିଜର ଦୁର୍ବଳତାକୁ ନିଜର ଶକ୍ତି କରିଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ସମ୍ବୋଧନ କରି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ଆଥଲେଟ ମାନଙ୍କୁ ଆଗାମୀ ଏସିଆନ ପାରା ଗେମ୍ସରେ ଦେଶ ପାଇଁ ଗୌରବ ଆଣିବାକୁ କହିଥିଲେ ଏବଂ ଏହି ଅବସରରେ ଓଡିଶା କଣ୍ଟିଜେଣ୍ଟର ୪୦ଜଣ ଆଥଲେଟଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅଭିନନ୍ଦନ ଜଣାଇଥିଲେ । ନିଜ ଅଭିଭାଷଣରେ ଅଲିମ୍ପିକ ପଦକ ବିଜେତା ପ୍ରମୋଦ ଭଗତ ଓ ଭି. ରମେଶ ରାଓଙ୍କ ପରି କ୍ରୀଡାବିତଙ୍କ ପଥ ଅନୁସରଣ କରି ଉତ୍କର୍ଷ ହାସଲ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କ୍ରୀଡ଼ାବିତ ମାନଙ୍କୁ କହିଥିଲେ । ସେ ଆହୁରି କହିଥିଲେ ଯେ ସଫଳତା ଆପଣମାନଙ୍କୁ ଅପେକ୍ଷା କରି ରହିଛି । ଆପଣଙ୍କୁ କେହି ଅଟକେଇ ପାରିବେ ନାହିଁ । ଆଜି ଯେଉଁ ଓଡିଆ ଆଥଲେଟମାନେ ସଫଳତା ହାସଲ କରିଛନ୍ତି, ମେଡାଲ ପାଇଛନ୍ତି, ସେମାନେ ତାଙ୍କର ଉଦ୍ୟମ ଜାରି ରଖନ୍ତୁ, ବିଶ୍ୱସ୍ତରରେ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରନ୍ତୁ । ବିଶ୍ୱରେ ଓଡିଶାର ପ୍ରତିଭାକୁ ନୂଆ ପରିଚୟ ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇ କହିଥିଲେ । ଆଜି ବିଶ୍ୱର କ୍ରୀଡା ମାନଚିତ୍ରରେ ଓଡିଶା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିପାରିଛି । ଆମକୁ ଆଉ ଏକ ୱାଲ୍ଡ ଇଣ୍ଡୋର ଆଥଲେଟିକ ଚମ୍ପିଆନସିପ୍- ୨୦୨୮ରେ ସୁନ୍ଦର ସୁଯୋଗ ମିଳିଛି କାରଣ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଓଡିଶାରେ କ୍ରୀଡାର ଉନ୍ନତି ପାଇଁ ଭିତ୍ତିଭୂମି ବିକାଶ, କ୍ରୀଡା ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଏବଂ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାର ଆୟୋଜନ ପାଇଁ ଆମର ଉଦ୍ୟମ ଜାରି ରହିବ । ଭାରତ ତଥା ଓଡିଶାରେ କ୍ରୀଡାର ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ସବୁ ସମୟରେ ସହଯୋଗ ଓ ସହାୟତା ଦେଇଆସିଛନ୍ତି ସେଥିପାଇଁ ଅନେକ ଅନେକ ଧନ୍ୟବାଦ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୂଚନା ଯୋଗ୍ୟଯେ ଉକ୍ତ ଚମ୍ପିୟନସିପ୍ ରେ ୨୮ଟି ରାଜ୍ୟର ୧୪୬୦ ଜଣ ପାରା-ଆଥଲେଟ୍ ଭାଗ ନେଇଥିଲେ । ଆଜି ଉଦଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ଚମ୍ପିୟାନ ଦଳ ଭାବେ ହରିୟାଣା (ପ୍ରଥମ) (୯୫ଟି ମେଡାଲ), ତାମିଲନାଡୁ (ଦ୍ୱିତୀୟ)(୫୧ଟି ମେଡାଲ ), ଏବଂ ଗୁଜୁରାଟ (ତୃତୀୟ) (୩୦ଟି ମେଡାଲ)ଙ୍କୁ ପୁରସ୍କୃତ କରିବା ସହିତ ବିଭିନ୍ନ ସ୍ତରରେ ବିଜେତା ଆଥଲେଟ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଚମ୍ପିୟନସିପ୍ ରେ ଓଡ଼ିଶା ୫ଟି ସ୍ୱର୍ଣ୍ଣ ପଦକ ସହିତ ସମୁଦାୟ ୧୭ଟି ମେଡାଲ ପାଇଛି । କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କ୍ରୀଡା ବିଭାଗ ସଚିବ ସଚିନ ଆର ଯାଦବ, ପାରାଲିମ୍ପିକ କମିଟି ସାଧାରଣ ସମ୍ପାଦକ ଜୟୱାନ୍ତ ଏ. ଐ., ପାରା ଆଥଲେଟିକ୍ସ , ପ୍ରେସିଡେଣ୍ଟ ସତ୍ୟନାରାୟଣ, ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡିଶାର ଅଧକ୍ଷ କମଳାକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ ।




# ଜନ୍ମଦିନରେ ମୋଦୀଙ୍କୁ ଭେଟିଲେ କଙ୍ଗନା

ନୂଆଦିଲ୍ଲୀ, ୨୮/୩ : ଅଭିନେତ୍ରୀରୁ ରାଜନେତା ହୋଇଥିବା କଙ୍ଗନା ରାଣାଓ୍ୱତଙ୍କର ଆଜି ଜନ୍ମଦିନ । କଙ୍ଗନା ଆଜି ତାଙ୍କ ୪୦ତମ ଜନ୍ମଦିନକୁ ପରିବାର ସଦସ୍ୟଙ୍କ ସହ ପାଳନ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍ ମଧ କରିଛନ୍ତି । ଜନ୍ମଦିନ ଅବସରରେ କିଛି ଫଟୋ ସୋସିଆଲ ମିଡିଆରେ ସେୟାର କରି କଙ୍ଗନା କହିଛନ୍ତି, ପରିବାର ସହ ସମ୍ମାନନୀୟ ପ୍ରଧାନମନ୍ତ୍ରୀଙ୍କ ସମୟ ଓ ମାର୍ଗଦର୍ଶନ ପାଇଲି । ଏହା ମୋ ପାଇଁ ଏକ ସ୍ମରଣୀୟ ଜନ୍ମଦିନ । ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଓ ପରାମର୍ଶ ପାଇଁ କଙ୍ଗନା ଖୁସିବ୍ୟକ୍ତ କରିଛନ୍ତି । କଙ୍ଗନା ଓ ତାଙ୍କ ପରିବାର ମଧ ମୋଦୀଙ୍କୁ ଏକ ଦଶାବତାର ପେଣ୍ଟିଂ ଓ ହିମାଚଳ ପ୍ରଦେଶର ଏକ ହାତବୁଣା ସାଲ୍ ଉପହାର ଦେଇଛନ୍ତି ।



# ଇତିହାସ ରଚିଲା କଳିଙ୍ଗ




ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : କ୍ରିଡା କ୍ଷେତ୍ରରେ ଇତିହାସ ରଚିଲା କଳିଙ୍ଗ ଷ୍ଟାଡିୟମ । କ୍ରିଡା କ୍ଷେତ୍ରେରେ ଆଉ ଗୋଟିଏ ପାଦ ଥାପିଛି କଳିଙ୍ଗ । ପ୍ରଥମ ଥର ପାଇଁ ଜାତୀୟ ଇନଡୋର ଆଥଲେଟିକ ଚାମ୍ପିଅନସିପ ଆୟୋଜନ କରାଯାଇଛି ତାହା ପୁଣି ଆଉ କେଉଁଠି ନୁହେଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ । ସାଧାରଣତଃ ୟୁରୋପିଆନ ଦେଶ ଗୁଡିକରେ ଇନଡୋର ଆଥଲେଟିକ ଷ୍ଟାଡିୟମ ଦେଖିବାକୁ ମିଳିଥାଏ ହେଲେ କଳିଙ୍ଗ ଷ୍ଟାଡିୟମରେ ଥିବା ଇନଡୋର ଆଥଲେଟିକ ଷ୍ଟାଡିୟମ ହେଉଛି ଦେଶର ଏକମାତ୍ର ଇନଡୋର ଆଥଲେଟିକ । କେବଳ ସେତିକି ନୁହେଁ ଦକ୍ଷୀଣ ଏସିଆରେ ଏହା ଏକମାତ୍ର ଇନଡୋର ଆଥଲେଟିକ ଷ୍ଟାଡୟମ । କ୍ରିଡାର ଭିତ୍ତିଭୂମି କ୍ଷେତ୍ରରେ ଆଜି ସାରା ଦେଶରେ ଓଡିଶା ତାହାର ସ୍ୱତନ୍ତ୍ର ପରିଚୟ ହାସଲ କରିସାରିଛି । ହକି ହେଉ କି ଫୁଟବଲ ସବୁଥିରେ ଭିତ୍ତିଭୂମି ସୁଦୃଢ ରହିଛି । ସେହିପରି ଆଥଲେଟିକ କ୍ଷେତ୍ରରେ ମଧ ସ୍ୱତନ୍ତ୍ର ପରିଚୟ ହାସଲ କରିଛି । ଓଡିଶାକୁ ବିଭିନ୍ନ ପ୍ରତିଯୋଗିତା ସମୟରେ ଆସୁଥିବା ଖେଳାଳି ହୁଅନ୍ତୁ କି ସହଯୋଗୀ ଷ୍ଟାଫ ହୁଅନ୍ତୁ ସମସ୍ତେ କଳିଙ୍ଗର ଭିତ୍ତିଭୂମିକୁ ନେଇ ପ୍ରଶଂସା କରିଛନ୍ତି । ଆଜି ସେହି ଭିତ୍ତିଭୂମି କ୍ଷେତ୍ରରେ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁତ ଆଗକୁ ଯାଇଛି ଇନଡୋର ଆଥଲେଟିକ ଷ୍ଟାଡିୟମ ତିଆରି କରି । ସାରା ବିଶ୍ୱରେ ଏବେ ଆଥଲେଟିକକୁ ଯେତିକି ଗୁରୁତ୍ୱ ଦିଆଯାଉଛି ଏବେ ଇନଡୋର ଆଥଲେଟିକକୁ ମଧ ସେତିକି ଗୁରୁତ୍ୱ ଦିଆଯାଉଛି । ଆଗକୁ ହେବକୁ ଥିବା ଏସିଆନ ଗେମ୍ସ ଓ କମନୱେଲଥ ଗେମ୍ସ ପାଇଁ ଏହି ପ୍ରତିଯୋଗୀତା ଏକ ଅଭ୍ୟାସ ଥିବା ବେଳେ ଆଶା କରାଯାଉଛି ଓଡିଶା ଆଗକୁ ଭଲ ପ୍ରଦର୍ଶନ କରିବ ଏବଂ ଇନଡୋର ଆଥଲେଟିକ୍ସରେ ଓଡିଶା ଅଧିକ ପଦକ ହାସଲ କରିବ । ୨୪ ଓ ୨୫ ଦୁଇ ଦିନ ଧରି କଳିଙ୍ଗ ଷ୍ଟଡିୟମରେ ଥିବା ଇନଡୋର ଆଥଲେଟିକ ଷ୍ଟାଡିୟମରେ ପ୍ରଥମ ଜାତୀୟ ଇନଡୋର ଆଥଲେଟିକ ଚାମ୍ପିଅନସିପ ଆୟୋଜନ କରାଯାଇଥିଲା ।

# ଯୋଜନା ବଡ଼ ଭିଜନ ଶୂନ

ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ରାଜ୍ୟରେ କ୍ରିଡା ଭିତ୍ତିଭୂମି ସୁଦୃଢ କରିବା ସହିତ କେମିତି ଆହୁରି ଅଧିକ ଖେଳାଳି ବାହାରିବେ ସେଥିପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖୁଛନ୍ତି । ହେଲେ ଏବେ ଗୋଟିଏ ପ୍ରଶ୍ନ ଉଠୁଛି ସଠିକ୍ ଖେଳ ପ୍ରତି ଧ୍ୟାନ ଦେଉଛନ୍ତି ସରକାର ଆମେ ଏଥିପାଇଁ ଏହି କଥା କହୁଛୁ ରାଜ୍ୟ ସରକାର ସିଏମ ଟ୍ରଫିରେ ଆହୁରି ତିନୋଟି ଖେଳକୁ ସାମିଲ କରିବା ପାଇଁ ଚାହୁଁଛନ୍ତି ଯାହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଏହି ତିନୋଟି ଖେଳ ହେଲା ଖୋ-ଖୋ, କବାଡି ଓ ଭଲିବଲ । ରୋଚକ କଥା ହେଲା ଏଥିରୁ କେତୋଟି ଖେଳ ଅଲମ୍ପିକ୍ସ ଭଳି ପ୍ଲାଟଫର୍ମରେ ସ୍ଥାନ ପାଇଛି । କେବଳ ଭଲିକୁ ଛାଡ଼ି ଦେଲେ ଅନ୍ୟ ଦୁଇଟି ଯାକ ଖେଳ ଅଲମ୍ପିକ୍ସରେ ଆଜି ପର୍ଯ୍ୟନ୍ତ ସାମିଲ ହୋଇ ପାରିନାହାନ୍ତି । ଆଉ ଭଲିବଲ କଥା କହିଲେ ଭାରତର ର୍ୟାଙ୍କ ୮୯ ଭିତରେ ମଧ ଆସୁନାହିଁ ଯାହା ଅନ୍ତର୍ଜାତୀୟ ଭଲି ବଲ ଫେଡେରେସନ ଦ୍ୱାରା କରାଯାଇଥିବା ର୍ୟାଙ୍କିଙ୍ଗ ।

ଖୋ-ଖୋ ସମ୍ପୂର୍ଣ୍ଣ ଭାବରେ ଭାରତର ଆଞ୍ଚଳିକ ଖେଳ । ଆଉ କବାଡ଼ି ମଧ ଆଜି ପର୍ଯ୍ୟନ୍ତ ସାମିଲ ହୋଇ ପାରି ନାହିଁ । ତାହେଲେ ଆମେ କେଉଁ ଖେଳକୁ ପ୍ରାଧାନ୍ୟ ଦେଉଛେ ଆଉ ଆମେ ଖେଳରେ ଓଡ଼ିଶାକୁ କେଉଁଠିକି ନେବାକୁ ଚାହୁଁଛେ । ଆମେ କାହିଁକି ସେହିଭଳି ଖେଳକୁ ପ୍ରାଧାନ୍ୟ ଦେଉ ନାହିଁ ଯେଉଁ ସବୁ ଖେଳ ଅଲମ୍ପିକ୍ସ ଭଳି ପ୍ଲାଟଫର୍ମରେ ସ୍ଥାନ ପାଇଛି । ଆମ ପାଖରେ ସ୍ୱିମିଂ, ବ୍ୟାଡ୍‌ମିଣ୍ଟନ, କୁସ୍ତି ଭଳି ଖେଳର ହାଉ ପର୍ଫମାନ୍ସ ସେଣ୍ଟର ରହିଛି ହେଲେ ଆମେ ତାହାକୁ ସେତେ ମାତ୍ରରେ ପ୍ରାଧାନ୍ୟ ଦେଉନାହିଁ ।

ଖୋ-ଖୋ ପାଇଁ ଆୟୋଜିତ ହେଉଥିବା ଲିଗ୍‌ରେ ଓଡ଼ିଶାର ଗୋଟିଏ ଟିମ୍ ମଧ ସାମିଲ ହୋଇଛି । ସେଥିପାଇଁ ରାଜ୍ୟରେ ଖୋ-ଖୋ ପାଇଁ ସ୍ୱତନ୍ତ୍ର ହାଇ-ପର୍ଫମାନ୍ସ ସେଣ୍ଟର ତିଆରି କରାଯିବ ବୋଲି ପୂର୍ବ ସରକାର ଘୋଷଣା କରିଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ଘୋଷଣାରେ ହିଁ ରହି ଯାଇଛି । ତେଣୁ ଆମେ ବିଚାର କରିବା ଉଚିତ ଯେ, ପ୍ରକୃତରେ ଓଡ଼ିଶାର ଖେଳ ଓ ଖେଳାଳିଙ୍କୁ ଆମେ କେଉଁ ଦିଶାରେ ନେବାକୁ ଚାହୁଁଛେ ।

## ଖୋ ଖୋ ଓ କବାଡି ଭଳି ପାରମ୍ପରିକ କ୍ରୀଡ଼ାକୁ ସରକାର ଗୁରୁତ୍ୱ ଦେବା ଦରକାର




ଭୁବନେଶ୍ୱର, ୨୮/୦୩ (ବିମଳ କୁମାର ରାଉଳ) : 'ସିଏମ ଟ୍ରଫିରେ ଫୁଟବଲ (୧୫ ବର୍ଷରୁ କମ୍ ) ସହ କବାଡି (୧୬ ବର୍ଷରୁ କମ୍), ଭଲିବଲ (୧୪ ବର୍ଷରୁ କମ୍) ଓ ଖୋ-ଖୋକୁ (୧୪ ବର୍ଷରୁ କମ୍) ନୂଆ କରି ସାମିଲ କରାଯାଇଛି । ଅନ୍ତର୍ଜାତୀୟ ଭଲିବଲରେ ଭାରତର ପ୍ରଦର୍ଶନ ଭଲ ନାହିଁ । ଖୋ ଖୋ ଓ କବାଡି ଆମର ପାରମ୍ପରିକ କ୍ରୀଡା । ଭାରତ ଏହାର ପ୍ରଚାର ପ୍ରସାର କରୁଛି ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରି ଭଲ ପ୍ରଦର୍ଶନ କରୁଛି । କିନ୍ତୁ ଆମକୁ ସେହି ସବୁ କ୍ରୀଡା ଉପରେ ଅଧିକ ଧ୍ୟାନ ଦେବାକୁ ହେବ ଯେଉଁ କ୍ରୀଡାରେ ଆମ ଦେଶ ଅଲିମ୍ପିକ୍ସରେ ଭଲ କରି ଆସୁଛି । କୁସ୍ତି, ଭାରୋତ୍ତୋଳନ, ବକ୍ସିଂ ଓ ବ୍ୟାଡମିଣ୍ଟନରେ ଆମକୁ ଅଲିମ୍ପିକ୍ସରେ ପଦକ ମିଳୁଛି । କୁସ୍ତିରେ ଓଡିଶା ସେମିତି ଭଲ କରିପାରୁନି । ମାତ୍ର ଜାତୀୟ ଭାରୋତ୍ତୋଳନ ପ୍ରତି ଓଡିଶାର ଅବଦାନ ଅତୁଳନୀୟ । ବ୍ୟାଡମିଣ୍ଟନରେ ମଧ ଓଡିଶା ଖେଳାଳି ଭଲ ପ୍ରଦର୍ଶନ କରୁଛନ୍ତି । ବିଶେଷ କରି ଏହି କ୍ରୀଡା ସବୁକୁ ତୃଣମୂଳ ସ୍ତରରୁ ଅଧିକ ପ୍ରଚାର ପ୍ରସାର କରି ପ୍ରତିଭା ଅନ୍ୱେଷଣ କରାଗଲେ ଆଗାମୀ ଏକ ଦଶନ୍ଧି ମଧରେ ଫଳାଫଳ ମିଳିପାରିବ । ଆଗକୁ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବ । ସେମିତି ଅଲିମ୍ପିକ୍ସ କ୍ରୀଡା ଆୟୋଜନ ନେଇ ଭାରତ ଆଗ୍ରହୀ ରହିଛି । ତେଣୁ ଆମକୁ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପଡିବ ।

# ବେଆଇନ ଖଣି କାରବାର ଆଦାୟ ହେଲାଣି ୧୦୦କୋଟି ଜୋରିମାନା

ଭୁବନେଶ୍ୱର, ୨୮/୦୩ (ଜେଏନ୍ଏସ୍) : ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଫେବୃଆରୀ ମାସ ଶେଷ ସୁଦ୍ଧା ବେଆଇନ ଖଣି କାରବାର ଓ ପରିବହନର ମୋଟ ୧୪୨୧ଟି ମାମଲା ରୁଜୁ ହୋଇଛି । ୫୦୪୫ଟି ଗାଡ଼ି ମଧ ଜବତ କରାଯାଇ ମୋଟ ୫୨.୪୨କୋଟି ଟଙ୍କା ଜୋରିମାନା ଆଦାୟ କରାଯାଇଛି ।



ରାଜ୍ୟ ସରକାରଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ବେଆଇନ ଖଣି କାରବାର ଜାରି ରହିଛି । ବିଗତ ୨ଟି ଆର୍ଥିକ ବର୍ଷ ମଧରେ ଅବୈଧ ଖଣି ଖନନ ଓ ଖଣିଜ ପଦାର୍ଥର ଚୋରାଚାଲାଣର ପ୍ରାୟ ୨୫ଶହ ମାମଲା ରୁଜୁ ହୋଇଛି । ପ୍ରାୟ ୧୦୦କୋଟି ଟଙ୍କାର ଜୋରିମାନା ମଧ ଆଦାୟ ହୋଇଥିବା ଜଣାପଡ଼ିଛି ।

ବିଧାନସଭାରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦେଇଥିବା ଲିଖିତ ଉତ୍ତରରୁ ଜଣାପଡ଼ିଛି ଯେ, ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଫେବୃଆରୀ ମାସ ଶେଷ ସୁଦ୍ଧା ବେଆଇନ ଖଣି କାରବାର ଓ ପରିବହନର ମୋଟ ୧୪୨୧ଟି ମାମଲା ରୁଜୁ ହୋଇଛି । ୫୦୪୫ଟି ଗାଡ଼ି ମଧ ଜବତ କରାଯାଇ ମୋଟ ୫୨.୪୨କୋଟି ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ବେଆଇନ ଖଣି କାରବାର ଓ ପରିବହନର ମୋଟ ୧୦୬୨ଟି ମାମଲା ରୁଜୁ ସହ ମୋଟ ୪୬୭୬ଟି ଗାଡ଼ି ଜବତ କରାଯାଇଥିଲା । ଜୋରିମାନା ବାବଦରେ ୪୮.୧୬କୋଟି ଟଙ୍କା ମଧ ଆଦାୟ ହୋଇଥିଲା ।

## ପାରାଦ୍ୱୀପ ବନ୍ଦର ପାଇଁ ସୁନ୍ଦର କାମ କରିଥିଲେ ସୁନ୍ଦରମ୍

# ଏଗାର ହଜାର ଲଣ୍ଠନ ଜଳାଇ ଥିଲେ

ଭୁବନେଶ୍ୱର, ୨୮/୦୩ (ପ୍ରମୋଦ ସାମନ୍ତରାୟ) : ପାରାଦ୍ୱୀପ ବନ୍ଦର ପାଇଁ ବିଜୁବାବୁଙ୍କ ଅବଦାନ ସଦା ସ୍ମରଣୀୟ ହୋଇ ରହିଥିବ । ତେବେ ଏହା ସଫଳତା ପଛରେ ଏଭଳି ରହସ୍ୟ ଲୁଚି ରହିଛି, ଯାହା ଏବେ ବି ସର୍ବ ଜନବିଦିତ ହୋଇନାହିଁ । ଦୂରଦୃଷ୍ଟି ସମ୍ପନ୍ନ ବିଜୁବାବୁ ଯେତିକି ସାହାସୀ ସେତିକି ବୁଦ୍ଧିମତାର ଜଣେ ଅଦ୍ଭୁତ ମଣିଷ ଥିଲେ । ଯେଉଁଥି ପାଇଁ ଓଡ଼ିଶାବାସୀଙ୍କ ହୃଦୟରେ ସେ ସଦାସର୍ବଦା ରହିଛନ୍ତି । ବୋଇତ ବାଣିଜ୍ୟର ଅତୀତକୁ ଜାଗ୍ରତ କରିବା ପାଇଁ ପାରାଦ୍ୱୀପ ବନ୍ଦର ନିର୍ମାଣ କରି ନୂଆ ଓଡ଼ିଶା ଗଢ଼ିବାର ବିଜୁ ବାବୁ ଦୁର୍ବାର ସ୍ୱପ୍ନ ଦେଖିଥିଲେ । ତାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ତାଙ୍କ ସହଯୋଗୀ ଭାବେ ଯେଉଁ ସବୁ କାର୍ଯ୍ୟ କରିଥିଲି, ସେଥିରୁ ଯେତିକି କୌତୁହଳ ସେତିକି ରହସ୍ୟପୁର୍ଣ୍ଣ, ୧୧ ହଜାର ଲଣ୍ଠନ ଜାଳିବା ଘଟଣା ଏବେ ବି ମୋତେ ଆମୋଦିତ କରୁଛି । ଏକଥା କହିଛନ୍ତି ୧୯୬୨ ମସିହାରେ କାମ କରିଥିବା ସି ସୋମ ସୁନ୍ଦରମ୍ । ଓଡ଼ିଶାକୁ ଆର୍ଥିକ କ୍ଷେତ୍ରରେ ଆଗେଇ ନେବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପାରାଦ୍ୱୀପ ବନ୍ଦର ନିର୍ମାଣ ପାଇଁ ପରିକଳ୍ପନା କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାର ଲାଲ ନେହରୁ ବିଜୁ ପଟ୍ଟନାୟକଙ୍କ ସାହାସ ଓ ଓଡ଼ିଶାର ପ୍ରଗତି ପାଇଁ ତାଙ୍କ ସଂକଳ୍ପବଦ୍ଧତା ଦେଖି ପାରାଦ୍ୱୀପ ବନ୍ଦର ପାଇଁ ସମ୍ମତି ପ୍ରକାଶ କରିଥିଲେ । ହେଲେ କଟକ ତାରିଣୀ ମନ୍ଦିରଠାରୁ ପାରାଦ୍ୱୀପ ବେଳାଭୂମି ପର୍ଯ୍ୟନ୍ତ ୧୧ ହଜାର ଲଣ୍ଠନ ଲଗାଇ କେନ୍ଦ୍ରରୁ ଅର୍ଥ ମଞ୍ଜୁର କରିବା ପାଇଁ ବିଜୁ ବାବୁ ଅଦଭୁତ ନିଷ୍ପତି ନେଇଥିଲେ । ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ଅବସ୍ଥାକୁ ସକାରତ୍ମକ ଭାବେ ପ୍ରତିପାଦିତ କରିବା ପାଇଁ ନେହୁରଙ୍କୁ ରାତିରେ ଯେଉଁ ଆଲୋକମାଳାର ଦୃଶ୍ୟ ଦେଖାଇଥିଲେ ୧୧ ହଜାର ଲଣ୍ଠନ ଜଳା ଯାଇଥିଲା । ଏହି କାମ ଏଭଳି ଗୋପନୀୟତା ଭାବେ କରାଯାଇଥିଲା ଯେ,ଏହାର ସୁରାକ ପ୍ରଧାନମନ୍ତ୍ରୀ ନେହୁର ପାଇ ପାରି ନଥିଲେ । ଚେନ୍ନାଇରୁ ଆସି ପାରାଦ୍ୱୀପରେ ଠିକା କାମ କରିବାକୁ ଡ଼େରା ପକାଇଥିବା ସି ସୋମ ସୁନ୍ଦରମ୍‌ଙ୍କୁ ବିଜୁ ବାବୁ ଏହି ଦାୟିତ୍ୱ ଦେଇଥିଲେ । କରିତକର୍ମା ସୁନ୍ଦରମ୍ କଲିକତାରୁ ୧୧ ହଜାର ଲଣ୍ଠନ ଆଣି ପାରାଦ୍ୱୀପ ଚତୁଃପାର୍ଶ୍ୱରେ ଲଗାଇଥିଲେ । ରାତିରେ ନେହୁର ଏହି ଆଲୋକମାଳାକୁ ଦେଖି ବିଶାଳ ଜନବସତି ଥିବା ଅଞ୍ଚଳ ବୋଲି ଭାବି ନେଇଥିଲେ । ଏହା ପରେ କେନ୍ଦ୍ରରୁ ପାରାଦ୍ୱୀପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ପାରାଦ୍ୱୀପରେ ଥିବା ନେହୁର ବଙ୍ଗଳାର ଫାଉଣ୍ଡେସନ ସୁନ୍ଦରମ୍ ପକାଇଥିଲେ । ବିଜୁବାବୁଙ୍କ ଭଳି ଜଣେ ଦୁଃସାହାସୀ ନେତାଙ୍କ ସାନିଧ୍ୟ ପାଇଁ ସେ ଓଡ଼ିଶା ଭୁଇଁ ଆଉ ଛାଡ଼ି ନଥିଲେ । ସୁନ୍ଦରମଙ୍କୁ ୮୭ ବର୍ଷ ଛୁଇଲାଣି ତଥାପି ମନରେ ଅଦ୍ୟମ ସାହାସ ଓ ଉଦ୍ଧିପନା ଭରି ରହିଛି । ସେ କୁହନ୍ତି ବିଶ୍ୱର ବଡ଼ ଠାକୁର ଜଗନ୍ନାଥଙ୍କ ପ୍ରେମରେ ପୁଣ୍ୟମାଟି ଓଡ଼ିଶାକୁ ଛାଡ଼ି ଆଉ ଚେନ୍ନାଇ ଯାଇ ନାହିଁ । ଜନ୍ମଭୂମି ମୋର ଚେନ୍ନାଇ ହେଲେ ବି ପାରାଦ୍ୱୀପକୁ କର୍ମଭୂମି ଭାବେ ବାଛି ନେଇଛି । ଯେତେବେଳେ ଯେଉଁ ସମସ୍ୟା ଆସିଛି ବନ୍ଦର ଅଧିକାରୀମାନେ ମୋର ପରାମର୍ଶ ନିଅନ୍ତି । ମୁଁ ଯଦିବା ଜଣେ ତାଲିମପ୍ରାପ୍ତ କ୍ୟାପଟେନ ନୁହେଁ ତେବେ ୩ ବର୍ଷ ଧରି ଜାହାଜ ଚଳାଇବାର ଦକ୍ଷତା ହାସଲ କରିଥିଲି । ଏମ୍ ଭି ପ୍ରଶାନ୍ତ ଓସିସସିପ୍ ଟୋକିଓ ଜାହାଜରେ କ୍ୟାପଟେନ ଭାବେ କାର୍ଯ୍ୟ ତୁଲାଇ ଥିଲି । କେବଳ ସେତିକି ନୁହେଁ ପାରାଦ୍ୱୀପ ବନ୍ଦର ଆଗରେ କୋଣାର୍କ ଡେଜର ବୁଡ଼ି ଯାଇଥିଲା । ଯେଉଁଥି ପାଇଁ ୫ମାସ କାଳ ଜାହାଜ ଚଳାଚଳ ବାଧା ପ୍ରାପ୍ତ ହୋଇଥିଲା । ଏହି ଡେଜରକୁ ପାଣି ଭିତରୁ ହଟାଇବା ପାଇଁ ଦେଶ ବିଦେଶର ବହୁ ଅଭିଜ୍ଞ କମ୍ପାନୀକୁ ଆମନ୍ତ୍ରଣ କରାଯାଇଥିଲେ ବି କେହି ସଫଳ ହୋଇ ନଥିଲେ । ଶ୍ରୀଲଙ୍କାରେ ତାମିଲ ସ୍ୱାଧିନତା ପାଇଁ ଲଢାଇ କରୁଥିବା ୩ ଜଣ ଏଲଟିଟିଙ୍କୁ ଯୋଗା ଯୋଗ କରି ପାଣି ଭିତରେ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ କରି ଡେଜରକୁ ୪ ଖଣ୍ଡ କରିଥିଲି । ଏ ବି ମହାନ୍ତି ଠିକାଦାର କୋଟିଏ ୨୦ ଲକ୍ଷ ଏଥିପାଇଁ ଏଲଟିଟିମାନଙ୍କୁ ଦେଇଥିଲେ । ଯଦିବା ଏହା ଆଇନ ଦୃଷ୍ଟିରୁ ଠିକ ନୁହେଁ, ତଥାପି ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ମୁଁ ସହଯୋଗ କରିଥିଲି । ମହାବାତ୍ୟା ବେଳେ ବନ୍ଦର ନିକଟରେ ଅନେକ ଜାହାଜ ବୁଡ଼ି ଯାଇଥିଲା, ସେମାନଙ୍କୁ ପାଣି ତଳୁ ଉଦ୍ଧାର କରିବାର ଉପାୟ ବନ୍ଦର କର୍ତ୍ତୁପକ୍ଷଙ୍କୁ ଦେଇଥିଲି । ଜୀବନର ଏହି ଗୋପନୀୟ ତଥ୍ୟ ହୃଦୟ ଭିତରେ ସାଇତି ରଖିଛି । ଅତିତର ସ୍ମୃତି ଦର୍ପଣରେ ଜୀବନ୍ତ ଘଟଣା ଗୁଡିକ ମନକୁ ଆଲୋଡ଼ିତ କରିଥାନ୍ତି ।





Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra